# ଏବ୍ରୀ, ଅଧ୍ୟାୟ ଏକ

ଏବଂ ଏକ—ଏକ ଛୋଟ ବିଷୟ ଦେବା ପାଇଁ…ମୁଁ ଭାବୁଛି ଯେ ମୋ ପାଇଁ, କେବଳ ବାକ୍ୟ ବ୍ୟତୀତ, ଆଉ ଅନ୍ୟ କୌଣସି ବିଷୟ ଉତ୍ତମ ନାହିଁ। "ବିଶ୍ୱାସ ଶ୍ରବଣ ଦ୍ୱାରା, ଏବ ପରମେଶ୍ୱରଙ୍କ ବାକ୍ୟର ଶ୍ରବଣ ଦ୍ୱାରା ଆସିଥାଏ।"

2 ବୁଧବାର ଦିନରେ, ଏବଂ ହୋଇପାରେ ଯେ ରବିବାର ଦିନରେ, ରବିବାରର ଅନ୍ୟତମ ସେବାଗୁଡିକ ମଧ୍ୟରୁ, ପାଳକଙ୍କୁ ଟିକିଏ ବିଶ୍ରାମ ଦେବା ଉଦ୍ଦେଶ୍ୟରେ, ଯାହା ପାଇବାକୁ ମଧ୍ୟ ସେ ଅତ୍ୟନ୍ତ ଯୋଗ୍ୟ ଅଟନ୍ତି, ଏବଂ ଭାବିଲି ଯେ ବୋଧହୁଏ ଆମେମାନେ ଟିକିଏ ବାଇବଲରେ ଗୋଟିଏ ପୁସ୍ତକକୁ ନେବା। ଆମେମାନେ ତାହା କରୁଥିଲୁ, ଏବଂ ବେଳେବେଳେ ଏହା ଉପରେ ଗୋଟିଏ ବର୍ଷ ରହି ଯାଉଥିଲୁ।

3 ମୋର ମନେ ଅଛି ଥରେ ଆମେମାନେ ପ୍ରକାଶିତ ବାକ୍ୟ ପୁସ୍ତକ ଉପରେ ଅବିକଳ ଗୋଟିଏ ବର୍ଷ ରହିଥିଲୁ। ମାତ୍ର, ଓଃ, ମୋର ପ୍ରଭୁ, ଯେଉଁ ବିଷୟଗୁଡିକ ଆମେମାନେ ଶିଖିଅଛୁ, ଏବଂ ତାହା କେତେ ଚମତ୍କାର ଥିଲା! ତାହାପରେ ଆମେମାନେ ଫେରି ଯାଇ ଦାନିୟେଲଙ୍କ ପୁସ୍ତକ, କିମ୍ବା ଆଦିପୁସ୍ତକ, ଅଥବା ଯାତ୍ରାପୁସ୍ତକକୁ ନେଇଥିଲୁ, ଏବଂ ଏହାକୁ ଠିକ, ଅଧ୍ୟାୟ ପରେ ଅଧ୍ୟାୟ ନେଇଥିଲୁ, ଏବଂ ଏହା କେବଳ ସମଗ୍ର ବାଇବଲକୁ ଏକାଠି ବାନ୍ଧିଥାଏ। ଓଃ, ମୁଁ କେବଳ ତାହାକୁ ଭଲ ପାଏ!

4 ଅଳ୍ପ ଟିକିଏ ପରେ, ଆମକୁ ନେବାକୁ ପଡିବ…ଯଦି ପ୍ରଭୁ ଆଶୀର୍ବାଦ କରିବା ଜାରି ରଖନ୍ତି ଏବଂ ଆମେମାନେ ଆଗକୁ ବଢୁ, ତେବେ ଆମେମାନେ ଏଠାରେ କେତେକ ପ୍ରକୃତ ଗଭୀର ବିଷୟଗୁଡିକ ଭିତରକୁ ଯିବା, ପ୍ରକୃତରେ ଗଭୀର। ଏବଂ ଆମେମାନେ ଏହା ସହିତରେ, ସମଗ୍ର ଶାସ୍ତ୍ରରେ, ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା।

5 ଏବଂ ମୁଁ ଶାସ୍ତ୍ରକୁ ସହିତ ଶାସ୍ତ୍ର ସହିତ ତୁଳନା କରିବାକୁ ପସନ୍ଦ କରେ। ତାହା ସେହି ପ୍ରକାରେ ହିଁ ହେବା ଉଚିତ। ଏହା ସମ୍ପୂର୍ଣ୍ଣ ଭାବେ କେବଳ ଗୋଟିଏ ବଡ଼ ସୁନ୍ଦର ଚିତ୍ର ଅଟେ। ଏବଂ ଏହି ପୁସ୍ତକରେ ଯାହା ଆମେମାନେ ଅଧ୍ୟୟନ କରୁଅଛୁ, ଆମେମାନେ ସେଥିରେ ଦେଖିବାକୁ ଯାଉଅଛୁ, ଓଃ, ପରିତ୍ରାଣ, ଏବଂ ଈଶ୍ୱରୀୟ ଆରୋଗ୍ୟତା, ଏବଂ ଚମତ୍କାର, ଏବଂ ଦୟା। ଏବଂ, ଓଃ, ସମସ୍ତକିଛି ବିଷୟ ଏଠାରେ ଆସେ।

6 ଏବଂ ବୋଧହୁଏ ଯେତେବେଳେ ମୁଁ ଏପରି ଏକ ସ୍ଥାନରେ ପହଞ୍ଚେ ଯେଉଁଠାରେକି ମୋତେ ସଭାଗୁଡ଼ିକୁ ଯିବାକୁ ପଡିଥାଏ…ମୁଁ କଦାପି ଏହା ଜାଣି ନ ଥାଏ ଯେ ମୋତେ କେତେବେଳେ ଏକ ସଭାକୁ ଯିବାକୁ ଅଛି, ଏକ ସଭାକୁ ଡକାଯିବାକୁ ଅଛି, କାରଣ ମୋର କିଛି ହେଲେ ବିଷୟ ସୁବ୍ୟବସ୍ଥିତ ନ ଥାଏ ଯେପର୍ଯ୍ୟନ୍ତ କି ମୁଁ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବା ହେତୁ ଚାଳନା ନ ପାଇଥାଏ। ଏବଂ ଏହା ହୋଇପାରେ ଯେ ସକାଳ ପୂର୍ବରୁ, ମୁଁ କାଲିଫର୍ଣ୍ଣିଆକୁ, ମେନ୍ ସହର

ପର୍ଯ୍ୟନ୍ତ କିମ୍ଵା ଅନ୍ୟ କୌଣସି ସ୍ଥାନକୁ ବିମାନଯାତ୍ରା କରିପାରେ, ଠିକ ଯେଉଁଠାରେ ବି ସେ ମୋତେ ଡାକନ୍ତି। ସେହି କାରଣରୁ ମୁଁ ଅଧିକ ବଡ଼ ବଡ଼, ଲମ୍ବା କାର୍ଯ୍ୟକ୍ରମର ସୂଚୀମାନ ନିର୍ଦ୍ଧାରିତ କରେ ନାହିଁ, କାରଣ ମୁଁ ତାହା କରିପାରେ ନାହିଁ। ମୋର ସେବାକର୍ଯ୍ୟଟି ତ ସେହିପରି ଭାବରେ ସ୍ଥିର କରାଯାଇ ନାହିଁ, ଏବଂ ଏହା କେବଳ ଭିନ୍ନ ଅଟେ।

7 ଏବଂ ମୁଁ ବର୍ତ୍ତମାନ କେବଳ ଅଳ୍ପ ଟିକିଏ ବିଶ୍ରାମ ପାଇଁ ଘରକୁ ଆସିଥାଏ। ଏହି ଗତ ସଭାରେ, ମୁଁ କୋଡ଼ିଏ ପାଉଣ୍ଡ ଓଜନ ହ୍ରାସ କରିଥିଲି। ଏବଂ ଭାଇ ମର୍ସିଅର୍ ଏବଂ ଭାଇ ଗୋଆଡ୍ କିଛି ସମୟ ପୂର୍ବରୁ, ସେଠାରେ ଉପରେ ଥିଲେ, ଏବଂ କହୁଥିଲେ, "ଭାଇ ବ୍ରାନହାମ୍, ଆପଣ କଅଣ କରନ୍ତି ମୁଁ ତାହା ଲକ୍ଷ୍ୟ କରିଅଛି। ଆପଣ ନିଜର ସମ୍ପୂର୍ଣ୍ଣ ହୃଦୟକୁ ସେହି ବିଷୟ ବସ୍ତୁରେ ଦେଇ ଦିଅନ୍ତି।"

8 ମୁଁ କହିଲି, "ତାହାହିଁ ହେଉଛି ଏକମାତ୍ର ଉପାୟ ଯେ ଆପଣ ପ୍ରଭୁଙ୍କ ପାଇଁ ଏକ କାର୍ଯ୍ୟକୁ ସଠିକ୍ ଭାବରେ କରିପାରନ୍ତି, ଯେ ଆପଣଙ୍କ ପାଖରେ ଯାହା କିଛି ଅଛି ସେସବୁ ବିଷୟକୁ ଖ୍ରୀଷ୍ଟଙ୍କ ପାଇଁ ସମ୍ମୁଖରେ ରଖି ଦିଅନ୍ତି; ଆପଣଙ୍କର ସମସ୍ତ ଶକ୍ତି, ଆପଣଙ୍କର ସମସ୍ତ ପ୍ରାଣ, ଆପଣଙ୍କର ସମସ୍ତ ହୃଦୟ, ଆପଣଙ୍କର ସମସ୍ତ ମନ, ଯାହାସବୁ କିଛି ଆପଣଙ୍କ ପାଖରେ ଅଛି।" ଯେତେବେଳେ ବି ଆପଣ କିଛି କରୁଛନ୍ତି, ଏହାକୁ ସଠିକ୍ ଭାବେ କରନ୍ତୁ ନତୁବା ଆଦୌ କରନ୍ତୁ ନାହିଁ, ଦେଖନ୍ତୁ, ଏହାକୁ କେବଳ ଛାଡିଦିଅନ୍ତୁ। ଯଦି ଆପଣ ଜଣେ ଖ୍ରୀଷ୍ଟିଆନ ହେବାକୁ ଯାଉଛନ୍ତି, ତେବେ ଆପଣଙ୍କ ପାଖରେ ଯାହା କିଛି ଅଛି ସେସବୁକୁ ଖ୍ରୀଷ୍ଟଙ୍କ ନିକଟରେ ରଖି ଦିଅନ୍ତୁ, ତାହା ହେଉଛି, ଆପଣଙ୍କର ସମୟ, ଆପଣଙ୍କର ପ୍ରତିଭା, ଆପଣଙ୍କର ପ୍ରତ୍ୟେକ ବିଷୟ।

9 ମୁଁ ଠିକ ଏହି ଯୁବା ବ୍ୟକ୍ତିଙ୍କୁ ଲକ୍ଷ୍ୟ କରୁଥିଲି। ଭାଇ ବର୍ନସ୍, ତାହା ଆପଣଙ୍କର ପତ୍ନୀ ଅଟନ୍ତି, ନୁହେଁ କି, ଯିଏକି ସେଠାରେ ବାଦନ କରୁଛନ୍ତି ଏବଂ ଗୀତ ଗାଉଛନ୍ତି, ସେହି ଯୁବା ଦମ୍ପତି। ଏବଂ—ଏବଂ ଏହା ଏକ ପିଆନୋ ନୁହେଁ, କିମ୍ବା ଏହା ଏକ ଫୁଙ୍କ ଚାଳିତ ବାଦ୍ୟଯନ୍ତ୍ର ନୁହେଁ, ମାତ୍ର ଏହା ଏପରି ଏକ ପ୍ରକାର ବାଦ୍ୟଯନ୍ତ୍ର ଅଟେ, ସେମାନେ ଏହାର ଏକ ବାଡ଼ି ତିଆରି କରନ୍ତି ଏବଂ ଏହାକୁ ନିଅନ୍ତି, ଏବଂ ପ୍ରଭୁଙ୍କ ପାଇଁ କିଛି ଗୋଟାଏ କରନ୍ତି। ହୋଇପାରେ ଯେ ଆପଣ ତାହା କରିପାରିବେ, ଏବଂ ଗୀତ ଗାଇପାରିବେ, ଅର୍ଥାତ୍, ପ୍ରାଣ ଜିତି ପାରିବେ। କିଛି ଗୋଟାଏ କରନ୍ତୁ, ଯାଏ ଆସେ ନାହିଁ ଯେ କଅଣ ଅଟେ। ଯଦି ଆପଣ—ଆପଣ ହ୍ୱିସିଲ୍ ମାରିପାରନ୍ତି, ତେବେ, ହ୍ୱିସିଲ୍ ମାରନ୍ତୁ। କେବଳ କିଛି ଗୋଟାଏ କରନ୍ତୁ। ପରମେଶ୍ୱରଙ୍କ ରାଜ୍ୟ ପାଇଁ କେବଳ ସାକ୍ଷ୍ୟ ଦିଅନ୍ତୁ କିମ୍ବା କିଛି ଗୋଟାଏ କରନ୍ତୁ। ଆପଣଙ୍କ ପାଖରେ ଯାହା ଅଛି, ତାହାକୁ ପରମେଶ୍ୱରଙ୍କ ସେବାରେ ବ୍ୟବହାର କରନ୍ତୁ।

10 ତେବେ, ଆମେମାନେ ବହୁତ ଅଧିକ ସମୟ ଧରି ରହିବା ପାଇଁ ଚେଷ୍ଟା କରିବାକୁ ଯାଉନାହୁଁ, କାରଣ ମୁଁ ଜାଣେ ଯେ ଆପଣମାନେ କାମ କରନ୍ତି। ଆପଣମାନଙ୍କୁ ଶୀଘ୍ର ଉଠିବାକୁ ପଡିଥାଏ। ଏବଂ ମୁଁ ପ୍ରତିଦିନ ସକାଳେ ଗୁଣ୍ଡୁଚି ମୂଷା ଶିକାର କରିବାକୁ ଯାଉଅଛି।

ମୁଁ ଆପଣଙ୍କୁ କେବଳ ସତ କହିବି । ତାହାହିଁ ଅଟେ ଯାହାକି ମୁଁ କରୁଅଛି । ସେଇଥି ପାଇଁ ହିଁ ମୁଁ ଘରକୁ ଆସିଥାଏ, ଯେ ଟିକିଏ ବିଶ୍ରାମ ନେବି । ଏବଂ ତେଣୁକରି ମୁଁ ପ୍ରାୟଃ, ଚାରି ଘଟିକାରେ ଉଠିଥାଏ, ଏବଂ ଜଙ୍ଗଲକୁ ଯାଇଥାଏ ଏବଂ, ତେବେ, ଟିକିଏ ଶିକାର କରିଥାଏ ଓ ଶୋଇବାକୁ ଯାଇଥାଏ । ଏବଂ ମୁଁ ସେହି ଓଜନରୁ ଅଳ୍ପ ଟିକିଏ ଲାଭ କରୁଛି, ତେଣୁକରି କିଛି ସମୟ ପରେ, ମୁଁ ବିଶ୍ରାମ ନେଇଥାଏ, ଯଦି ଆପଣ…ପ୍ରଭୁ ଇଚ୍ଛା କରନ୍ତି । ଏବଂ ସବୁକିଛି ଠିକ ଅଛି ।

11 ଠିକ ଅଛି, ତେବେ, ଆମେମାନେ ଆପଣମାନଙ୍କର ବାଇବଲଗୁଡିକ ଖୋଲିବାକୁ ଯାଉଅଛୁ । ମୁଁ ଚାହେଁ ଯେ ଆପଣମାନେ ପ୍ରତ୍ୟେକ ରାତିରେ ନିଜର ବାଇବଲଗୁଡିକ ଆଣନ୍ତୁ, ଯେପରିକି ଆପଣ…ଯାହାକି ଆପଣ କରିପାରନ୍ତି । ଯଦି କାହାରି କିଛି କେତୋଟି ଅଭାବ ରହିଥାଏ, କେହି ସେହି ପଠନକୁ ତାହା ସହିତ ଅନୁସରଣ କରିବାକୁ ଚାହାଁନ୍ତି, ଆମ ପାଖରେ ଏଠାରେ କିଛି ରହିଛି, ଆମେମାନେ ଚାହିଁବୁ…କେତେକ କର୍ମକର୍ତ୍ତାମାନେ ସେଗୁଡିକୁ ଆଗକୁ ବଢାଇ ଦେବେ । କେହି ଗୋଟିଏ ଚାହାଁନ୍ତି କି? ତେବେ, କେବଳ ନିଜର ହାତ ଉଠାନ୍ତୁ ।

12 ଆଶ୍ଚର୍ଯ୍ୟ କରେ ଯଦି ଭାଇ…ଡକ, ଏଠାକୁ ଆସି ଏହି ବାଇବଲଗୁଡିକୁ ନେଇଯାଆନ୍ତୁ । ଆପଣ ସେଠାରେ ପାଖରେ ଛିଡା ହୋଇଛନ୍ତି, ଏବଂ ଭାଇ ବର୍ନସ୍ । ବର୍ନସ୍, କଅଣ ତାହା ଠିକ୍ କି? ମୁଁ ତାଙ୍କ କହୁଥିବାର ଶୁଣିଲି…[ଭାଇ କୁହନ୍ତି, "କନ୍‌ରାଡ ।"—ସମ୍ପା ।] କଅଣ? ["କନ୍‌ରାଡ ।"] କନ୍‌ରାଡ । ମୁଁ ତାଙ୍କୁ ଡାକିଥାଏ…ମୁଁ ଏକ ପ୍ରକାର ଶୁଣିବାରେ କଷ୍ଟ ଅନୁଭବ କରୁଛି, ବୋଧହୁଏ, ଭାଇ ନେଭିଲ୍ । ମୁଁ କିପରି ସେହି ନାମ ବର୍ନସ୍ ପାଇଲି? ମୁଁ ସେହି ବ୍ୟକ୍ତିଙ୍କର ଚେହେରା ଜାଣେ, ଏବଂ ମୁଁ କେବଳ ପାରେ ନାହିଁ, ତାଙ୍କର ନାମକୁ ଡାକିପାରିଲି ନାହିଁ ।

13 ଏବଂ ଆପଣ ଜାଣନ୍ତି, ଯେତେବେଳେ ଆପଣ ଟିକିଏ ବୟସଗତ ହୋଇଯାଆନ୍ତି, ମୁଁ ଗୋଟିଏ ବିଷୟ ଖୋଜି ପାଇଲି, ମୋ ପାଇଁ ବାଇବଲ ପାଠ କରିବା କଷ୍ଟକର ହୋଇଯାଇଥିଲା । ଆଉ ମୁଁ ବାଇବଲ ପାଠ କରିବା ପାଇଁ, ସେହି ଚଷମା ପିନ୍ଧିବାର ବିଷୟକୁ କେବଳ ଚିନ୍ତା କରିବାକୁ ସୁଦ୍ଧା ଘୃଣା କରେ ।

14 ମାତ୍ର, ଏଠାରେ ଅଧିକ ସମୟ ହୋଇ ନାହିଁ, ମୁଁ ଭାବୁଥିଲି ଯେ ମୁଁ ଅନ୍ଧ ହୋଇଯାଉଅଛି । ଏବଂ ମୁଁ ସାମ୍‌କୁ ଦେଖାଇବା ପାଇଁ ଗଲି । ଏବଂ ସାମ୍ କହିଲେ, "ବିଲ୍, ମୁଁ ଜାଣେ ନାହିଁ ।" କହିଲେ, "ମୁଁ ଆପଣଙ୍କ ପାଇଁ କୌଣସି ବିଶେଷଜ୍ଞଙ୍କ ସହିତ ଏକ ସାକ୍ଷାତକାର ନିଯୁକ୍ତ କରି ଦେବି ।"

15 ମୁଁ ଲୁଇସ୍‌ଭିଲେକୁ ଗଲି । ଏହା ନିଶ୍ଚିତ ଭାବରେ ପ୍ରଭୁଙ୍କର ଇଚ୍ଛା ରହିଥିବ । କୌଣସି ଜଣେ ପ୍ରସିଦ୍ଧ ବିଶେଷଜ୍ଞ; ମୁଁ ବର୍ତ୍ତମାନ ତାଙ୍କ ନାମ ଭୁଲିଯାଉଛି । ମାତ୍ର ସେ ମୋର ପୁସ୍ତକ ପାଠ କରିଥିଲେ । ଏବଂ ସେ କହିଲେ, "ଯଦି ଆପଣ କେବେ ଆଫ୍ରିକାକୁ ଫେରିକରି ଯାଆନ୍ତି, ତେବେ ମୁଁ ଆପଣଙ୍କ ସହିତ ଯିବାକୁ ଚାହିଁବି ।" ସେ କହିଲେ, "ଏବଂ ଯଦି ଆପଣ…ସେହି ଆଫ୍ରିକୀୟ ଲୋକମାନେ ଆପଣଙ୍କୁ ଭଲ ପାଆନ୍ତି ।" ଏବଂ କହିଲେ, "ସେମାନେ ଅତ୍ୟଧିକ ଅନ୍ଧବିଶ୍ୱାସୀ ଅଟନ୍ତି, ବିଶେଷକରି ଏକ ଛୁରୀ ସହିତରେ, କାଟିବାକୁ ଯାଆନ୍ତି । ତେଣୁକରି,"

କହିଲେ, "ମୁଁ ମୋ ଜୀବନର ଛଅ ମାସ, ମୋତିଆବିନ୍ଦୁ ଏବଂ ସେହିପରି ବିଷୟଗୁଡିକର ଅସ୍ତ୍ରୋପଚାର ପାଇଁ, ତାହାକୁ...ମିଶନରେ ଦେବାକୁ ଚାହେଁ।" ଏବଂ କହିଲେ, "ଯଦି ଆମେମାନେ ଏକାଠି ଯାଇପାରିବା, ଏବଂ ଆପଣ ସେହିପରି ଭାବରେ, ସେମାନଙ୍କର ଅନୁଗ୍ରହକୁ ପାଇପାରନ୍ତି," କହିଲେ, "ଯଦି ସେମାନଙ୍କର ମୋତିଆବିନ୍ଦୁ ଏବଂ ଆଖିର କିଛି କାମଗୁଡିକ ରହିଥାଏ," କହିଲେ, "ତେବେ ମୁଁ କେବଳ ଏହାର ଛଅ ମାସ ତାକୁ, ମାଗଣାରେ, ଦେବା ପାଇଁ ପସନ୍ଦ କରିବି।" ଏବଂ ମୁଁ ଭୁଲିଯାଉଛି ଯେ ଆପଣଙ୍କୁ ତାଙ୍କ ସହିତରେ ସାକ୍ଷାତକାର କରିବା ପାଇଁ କେତେ ଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିଥାଏ।

16 ଏବଂ ଆମେମାନେ ଏକ ଛୋଟ କୋଠରୀରେ ବସିଥିଲୁ ଏବଂ ସେଠାରେ ସେହି ଅନ୍ଧାର କୋଠରୀରେ, ଏକ ଛୋଟ—ଛୋଟ ଲାଲ୍ ରଂଗର ଆଲୋକ ଏଥି ଭିତରକୁ ଆସୁଥିଲା। କାହିଁକି, ମୁଁ ସେହି ଅକ୍ଷରଗୁଡିକୁ ପାଠ କରି ପାରୁଥିଲି। ଏହା କୋଡିଏ-କୋଡିଏ କହୁଥିଲା। ମୁଁ ଏହାକୁ ଯେକୌଣସି ଉପାୟରେ ବି ପଢ଼ି ପାରୁଥିଲି। ଏବଂ ସେ ଏହାକୁ ପନ୍ଦର-ପନ୍ଦରରେ ବଦଳାଇଲେ, ଏବଂ ମୁଁ ଏହାକୁ ପଢ଼ି ପାରୁଥିଲି। ଏବଂ ଏହାକୁ ଦଶ-ଦଶରେ ରଖିଲେ, ଏବଂ ମୁଁ ଏହାକୁ ପଢ଼ି ପାରୁଥିଲି। ସେ କହିଲେ, "ତେବେ, ଆପଣଙ୍କ ଆଖି ସହିତରେ ଅଧିକ କିଛି ସମସ୍ୟା ନାହିଁ।"

17 ତେଣୁ ତାଙ୍କ ପାଖରେ ଏକ ଛୋଟ ଦୂରବିକ୍ଷଣ ଯନ୍ତ୍ରଟିଏ ଥିଲା। ସେ ସେଠାରେ ଏକ ଛୋଟ ଯନ୍ତ୍ରଟିଏ ରଖିଲେ, ଗୋଟିଏ ଛୋଟ ଜିନିଷ, ଆପଣମାନେ ଜାଣନ୍ତି। ସେହିଉ ପୁରୁଣା ଦୂରବିକ୍ଷଣ ଯନ୍ତ୍ରଗୁଡିକ, କେତେ ଜଣକୁ ତାହା ମନେ ଅଛି? ଆମେମାନେ ଠିକ୍ ସେହିପରି ଭାବରେ, ସେଗୁଡିକୁ ଦେଇ ଦେଖୁଥିଲୁ, ଚିତ୍ରଗୁଡିକୁ ଦେଖୁଥିଲୁ। ଏବଂ ସେ କହିଲେ, "କଅଣ ଆପଣ ତାହା ପାଠ କରିପାରନ୍ତି କି?"

ମୁଁ କହିଲି, "ହଁ, ଆଜ୍ଞା।"

ସେ କହିଲେ, "ଏହାକୁ ମୋ ପାଇଁ ପାଠ କରନ୍ତୁ।"

18 ଏଥିରେ ଏକ, ଓଃ, ଠିକ ସେହିପରି ଭାବରେ, ଏକ ସମ୍ପୂର୍ଣ୍ଣ ଅନୁଚ୍ଛେଦ ଥିଲା। ମୁଁ ଆରମ୍ଭ କଲି, ଏହାକୁ ପଢ଼ିଲି; ସେ ଏହାକୁ ସେହିପରି ଭାବରେ, ଉପରକୁ ଟାଣିବାକୁ ଲାଗିଲେ, ଧୀରେ ଧୀରେ ଯିବାକୁ ଲାଗିଲା। ସେ ଏହିପରି ଭାବରେ କଲେ, ମୁଁ ଅଟକି ଗଲି। ସେ କହିଲେ, "ମୁଁ ଆପଣଙ୍କୁ ଗୋଟିଏ କଥା କହିପାରେ, ଆପଣ ଚାଳିଶ ବର୍ଷରୁ ଊର୍ଦ୍ଧ୍ୱ ହୋଇ ସାରିଛନ୍ତି।"

ମୁଁ କହିଲି, "ହଁ, ତାହା ଠିକ୍ ଅଟେ, ଏହା ଅତିକ୍ରମ କରିବାର ଅନେକ ଦିନ ହେଲାଣି।"

19 ସେ କହିଲେ, "ଆପଣ ଏହା କିପରି କଲେ?" ସେ କହିଲେ, "ସେହି ମାନବୀୟ ଆଖି, ସ୍ୱାଭାବିକ ଭାବରେ, ଯେତେବେଳେ ଆପଣ ଚାଳିଶ ବର୍ଷ ବୟସର ହୋଇଯାଆନ୍ତି, ଯେପରିକି ଆପଣଙ୍କର କେଶ ଧୂସର ହୋଇଯାଏ, ଏବଂ ପ୍ରଭୃତି ବିଷୟସବୁ ହୋଇଯାଏ, ସେହି ଚକ୍ଷୁ ଡୋଳାଗୁଡାକ ସମତଳ ହୋଇଯାଏ।" କହିଲେ, "ବର୍ତ୍ତମାନ, ଯଦି ଆପଣ ଅଧିକ ବୟସ ବଞ୍ଚି ରହିବେ, ତାହା ପୁଣିଥରେ ଫେରି ଆସିବ।" ସେ କହିଲେ, "ସେହି ଦ୍ୱିତୀୟ

ଦୃଷ୍ଟିଶକ୍ତି, ସେମାନେ ଏହାକୁ କୁହନ୍ତି । ମାତ୍ର," କହିଲେ, "ଜଣେ ମଣିଷ, ପ୍ରାୟଃ ଚାଳିଶ ବର୍ଷ ବୟସରେ, ସେମାନେ ପ୍ରକୃତରେ..." କହିଲେ, "ସେମାନଙ୍କ ଆଖି ସହିତରେ କିଛି ସମସ୍ୟା ନାହିଁ ।"

20 ମୁଁ ଗୋଟିଏ—ମୁଁ ଗୋଟିଏ କେଶକୁ ଦେଖିପାରେ ଯଦି ତାହା, ମୋ ଠାରୁ ଦୂରରେ ଭୂମିରେ ପଡ଼ି ରହିଥାଏ । ମାତ୍ର ମୋ ନିକଟତର ଆସନ୍ତୁ...ଏବଂ ସେ କହିଲେ, "ବର୍ତ୍ତମାନ, ଆପଣ ନିଜର ବାଇବଲ ପଢ଼ନ୍ତୁ," କହିଲେ, "ଆପଣ ଏହାକୁ ନିଜଠାରୁ ଦୂରକୁ ନିଅନ୍ତୁ ।" କହିଲେ, "କିଛି ସମୟ ପରେ, ଆପଣଙ୍କର ବାହୁ ଯଥେଷ୍ଟ ଲମ୍ବା ହେବାକୁ ଯାଉ ନାହିଁ, ଯେ ଆପଣ ଏହାକୁ ଦେଖିପାରିବା ପାଇଁ ଅଧିକ ଦୂରରେ ଧରି ରଖିପାରନ୍ତି ନାହିଁ—ରଖିପାରନ୍ତି ନାହିଁ ।"

21 ଏବଂ ତେଣୁକରି ସେ ମୋ ପାଇଁ ଏକ ହଳ ଚଷମା ତିଆରି କରି ଦେଲେ, ଏବଂ ଏହାର ତଳ ଅଂଶରେ, ଆପଣ ତାକୁ ପଢିବା ପାଇଁ ବ୍ୟବାହାର କରିପାରନ୍ତି । ସେ କହିଲେ, "ତେବେ, ଆପଣଙ୍କର ପ୍ରଚାର ମଞ୍ଚରେ..." ସେ ଭାବୁଥିଲେ ଯେ ମୁଁ ଏଠାରେ ରହିଥିବା ଏହି ସମ୍ମାନିତ ପ୍ରଚାରକଗଣଙ୍କ ମଧ୍ୟରୁ ଜଣେ ଅଟେ, ଆପଣ ଜାଣନ୍ତି । ଏବଂ ତେଣୁକରି କହିଲେ ଯେ ସେହି...ଆପଣ...ଉପର ଅଂଶଟି କେବଳ ନିୟମିତ ଦେଖିବାର କାଞ୍ଚ ଅଟେ, କେବଳ ନିୟମିତ କାଞ୍ଚ । ଏବଂ ତଳ ଅଂଶଟି ଏହା ଏକ ପ୍ରକାର ଧନ୍ଦଳା ରହିଛି, ଯେପରିକି ମୁଁ ଏହାକୁ ପାଖରୁ ପଢ଼ିପାରେ, ଆପଣ ଜାଣନ୍ତି, ସେହିପରି ଭାବରେ । ତେବେ ମୁଁ ସେଗୁଡିକୁ ପିନ୍ଧିବାକୁ ସୁଦ୍ଧା ଘୃଣା କରେ; ମୁ କରେ ।

22 ଆଉ ବର୍ତ୍ତମାନ, ବାଇବଲ ଶିକ୍ଷାଦାନ କରିବାରେ, ଏବଂ ମୋ ପାଖରେ ଆଜି ରାତି ନୂତନ ନିୟମ ଅଛି । ତେଣୁକରି ଏହା...ମୋ ପାଖରେ ଏକ କଲିନ୍ସ ନୂତନ ନିୟମ ଅଛି ଏବଂ ଏହାର ଅକ୍ଷର ଭଲ-ଆକାରର ମୁଦ୍ରଣ ଅଟେ । ମାତ୍ର ବର୍ତ୍ତମାନ, ଯେତେବେଳେ ମୁଁ ଅନ୍ୟଟିରେ ଫେରିଯାଏ, ମୋତେ—ମୋତେ ହୁଏତ ସେହି ପୁରୁଣା ସାଙ୍ଗମାନଙ୍କ ପାଖକୁ ଯିବାକୁ ପଡିପାରେ, ଏବଂ—ଏବଂ ଏକପ୍ରକାର ସେମାନଙ୍କ ମାଧ୍ୟମରେ ପଢ଼ିବାକୁ ପଡିପାରେ । କିନ୍ତୁ ଏହା ଯାହାକିଛି ବି ହେଉ, ମୁଁ—ମୁଁ ଖୁସି ଅଟେ ଯେ ମୋ ପାଖରେ ଏପରି କିଛି ଗୋଟାଏ ବିଷୟ ଅଛି ଯାହାକି ମୁଁ—ମୁଁ ତଥାପି ପାଠ କରିପାରେ । ଏବଂ—ଏବଂ—ଏବଂ ଯାହା କିଛି ବିଷୟ ମୋ ପାଖରେ ଅଛି, ମୁଁ ଯଥାସମ୍ଭବ ସମସ୍ତଙ୍କୁ ସେହି ସମସ୍ତ ବିଷୟ ଦେବାକୁ ଯାଉଅଛି, ପରମେଶ୍ୱରଙ୍କ ମହିମା ନିମନ୍ତେ, ଏହା ଆଶା କରି ଯେ ସେ ସେହି ବୟସ ଚିହ୍ନକୁ ଦୂରେଇ ନେବେ । ମୁଁ ତାହାଙ୍କୁ ମୋର ବୟସକୁ ନେଇଯିବା ପାଇଁ କହିପାରେ ନାହିଁ । ମୁଁ...ହଁ, ତାହାହିଁ କେବଳ ସେହି ଗୋଟିଏ ବିଷୟ ଅଟେ ଯାହା ଆମ ସମସ୍ତଙ୍କୁ କରିବାକୁ ଅଛି । ଆମକୁ ତାହା ଦେଇ ଗତି କରିବାକୁ ଅଛି । ଏବଂ ମୁଁ ଏଠାରେ ଏହି ପ୍ରଚାର ମଞ୍ଚ ଉପରେ ଛିଡା ହୋଇ ଏହା ଜାଣେ ଯେ, ମୁଁ ଆଉ ସେହି ସାନ ପିଲା ନୁହେଁ ଯାହା ମୁଁ ଦିନେ ରହିଥିଲି । ମୁଁ ଅଡ-ଚାଳିଶ ବର୍ଷ ବୟସ୍କ ଅଟେ । ଆଉ କେବଳ ଚିନ୍ତା କରନ୍ତୁ, ଆଉ ଦୁଇ ବର୍ଷ ମାତ୍ର, ପଚାଶ ବର୍ଷ ହୋଇଯିବ,

ଭାଇ ମାଇକ୍ ।

23 ମୋର ପ୍ରଭୁ, ଏହାକୁ ବିଶ୍ୱାସ କରିପାରୁ ନାହିଁ! ମୁଁ କେବଳ...ମୁଁ ଏହା କଦାପି ଜାଣି ନ ଥିଲି କେବଳ ପ୍ରାୟଃ ଦୁଇ ବର୍ଷ ପୂର୍ବେ ହିଁ ଜାଣିଲି ଯେ ମୁଁ କୋଡ଼ିଏ ବର୍ଷ ବୟସ ଅତିକ୍ରମ କରିଅଛି । ତାହା ଠିକ୍ । ତାହା ଠିକ୍ । ମୁଁ କେବଳ...ମୁଁ ଏହାକୁ ବିଶ୍ୱାସ କରିପାରୁ ନାହିଁ । ଆଉ ତଥାପି ମୁଁ—ମୁଁ...ମୋ ପାଇଁ ଏହାକୁ ଦର୍ପଣରେ ନ ଦେଖିବା ପର୍ଯ୍ୟନ୍ତ ବିଶ୍ୱାସ କରିବାଟା କଷ୍ଟକର ଥିଲା, ଏବଂ ତାହାପରେ ମୁଁ—ମୁଁ ଜାଣିଲି ଯେ, ତେବେ ଏହା ତାହା ଅଟେ । ମାତ୍ର—ମାତ୍ର କେବଳ ଦେଖିବା ପାଇଁ, ମୁଁ ଠିକ ସେତିକି ଉତ୍ତମ ଅନୁଭବ କରେ ଯେତିକି ମୁଁ ମୋ ଜୀବନରେ କେବେ ଅନୁଭବ କରିଥିଲି, ଏବଂ ମୁଁ ସେଥିପାଇଁ ମଧ୍ୟ, କୃତଜ୍ଞ ଅଟେ । ସମସ୍ତ ପ୍ରଶଂସା ପରମେଶ୍ୱରଙ୍କୁ ହେଉ ।

24 ତେବେ, ଆମେ ଏବ୍ରୀ ପୁସ୍ତକ ଅଧ୍ୟୟନ କରୁଅଛୁ । ଏହା ହୋଇଅଛି...ଓଃ, ଏହା ବାଇବଲର ସବୁଠାରୁ ଗଭୀର, ସମୃଦ୍ଧ ପୁସ୍ତକଗଡିକ ମଧ୍ୟରୁ ଅନ୍ୟତମ ଅଟେ । ମୁଁ ଆପଣଙ୍କୁ କହୁଛି, ଏହା ଏପରି ଏକ ପୁସ୍ତକ ଅଟେ ଯାହାକି ପ୍ରକୃତରେ ହେବ...ଯଦି ପରମେଶ୍ୱର ଅନୁମତି ଦିଅନ୍ତି, ଏବଂ ଆମେ କେବଳ ଏହା ଭିତରକୁ ଯାଉ, ମୁଁ ବିଶ୍ୱାସ କରେ ଯେ ଆମେମାନେ ସୁବର୍ଣ୍ଣ ଛୋଟ ଛୋଟ ମୂଲ୍ୟବାନ ବିଷୟଗୁଡିକ ପାଇବା ଏପରିକି ଆମେମାନେ ସବୁ ସମୟରେ ପରମେଶ୍ୱରଙ୍କ ପ୍ରଶଂସା ସ୍ତୁତି କରୁଥିବା । ଏବଂ ବର୍ତ୍ତମାନ ମୁଁ...

25 ଏବ୍ରୀ ପୁସ୍ତକ, ପ୍ରକୃତରେ ଏହା ଯାହା ଅଟେ, ଏହା ସାଧୁ ପାଉଲଙ୍କ ଦ୍ୱାରା ଲିଖିତ ବୋଲି ଅନୁମାନ କରାଯାଏ, ମୁଁ ଭାବୁଛି, ଯେ ଆମ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ବାଦ ଦେଲେ, ଜଗତରେ ସବୁଠୁ ଶ୍ରେଷ୍ଠ ବାଇବଲ ପ୍ରକାଶକ ସେ ହିଁ ରହି ଆସିଛନ୍ତି । ଏବଂ ପାଉଲ ବିଭକ୍ତ କରୁଥିଲେ...ତେବେ, ପାଉଲ ଜଣେ ପ୍ରକୃତ ବାଇବଲ ଶିକ୍ଷକ ଥିଲେ; ତାହା ହେଉଛି, ପୁରାତନ ନିୟମର । ସେତେବେଳେ ତାହାହିଁ ଏକମାତ୍ର ପୁସ୍ତକ ଥିଲା ଯାହାକି ବାଇବଲ, ନାମରେ ଲେଖାଯାଇଥିଲା । ଏବଂ ସେ ଏବ୍ରୀୟମାନଙ୍କୁ ଏହା ଦେଖାଇବାକୁ ଚେଷ୍ଟା କରୁଥିଲେ, ପୁରାତନ ନିୟମକୁ ପୃଥକ କରିଥିଲେ ଏବଂ ସେହି ପୁରାତନ ନିୟମକୁ ନୂତନର ଏକ ଛାୟା କିମ୍ବା ଏକ ପ୍ରତିରୂପ ଭାବରେ ଦର୍ଶାଇଥିଲେ ।

26 ଠିକ୍ ସେହିଠାରେ ଆମେମାନେ ଏକ ଗୃହ ଦୌଡ଼ ମାରି ପାରିବା ଏବଂ ସେହି ଗୋଟିଏ ଚିନ୍ତାଧାରା ଉପରେ, ଠିକ ସେଠାରେ ତିନିମାସ ଯାଏଁ ରହିପାରିବା । ଠିକ୍ ପଛକୁ ଯାଇ, ଯଦି ଆମେମାନେ ବର୍ତ୍ତମାନ ଆମର ବାଇବଲଗୁଡିକୁ ଓଲଟାଇ ପାରିବା, ଅବଶ୍ୟ ଆମେମାନେ ଏବ୍ରୀ, ତାର 1ମ ଅଧ୍ୟାୟରେ ଅଛୁ । ମାତ୍ର ଯଦି ଆମେମାନେ ପ୍ରକାଶିତ ବାକ୍ୟ, ତାର 12ଶ ପର୍ବକୁ ଯିବା, ତେବେ ଆପଣ ଏହାକୁ ପୁନର୍ବାର ସିଦ୍ଧ ରୂପେ ଦେଖିବେ, ଯେ ଛାୟାଗୁଡ଼ିକ କିପରି । ଯଦି...ଆପଣମାନେ ଯେଉଁମାନଙ୍କ ପାଖରେ କି ନିଜର ପେନ୍ସିଲ୍‌ଗୁଡିକ ଅଛି ଏବଂ ଶାସ୍ତ୍ରଗୁଡ଼ିକୁ ଲେଖିବାକୁ ଯାଉଛନ୍ତି । ଏବ୍-...

27 ପ୍ରକାଶିତ ବାକ୍ୟ 11 ରେ, ଆମେମାନେ ପାଉ ଯେ ଯୋହନ, ପାତ୍ମ ନାମ ଦ୍ୱୀପରେ,

ଆକାଶରେ ଜଣେ ସ୍ତ୍ରୀଲୋକକୁ ଛିଡା ହୋଇଥିବାର ଦେଖିଥିଲେ, ସେ ତାଙ୍କ ମୁଣ୍ଡ ଉପରେ ସୂର୍ଯ୍ୟକୁ ଏବଂ ପାଦ ତଳେ ଚନ୍ଦ୍ରକୁ ଧାରଣ କରି ରହିଥିଲେ । ଏବଂ ସେହି ସ୍ତ୍ରୀଲୋକ ଜଣକ ଶିଶୁ ଜନ୍ମ କରିବାର, ସେହି ପ୍ରସବ ବେଦନାରେ ରହିଥିଲେ । ସେ ଏକ ପୁରୁଷ ସନ୍ତାନ ଜନ୍ମକୁ ଦେଲେ । ସେହି ଲାଲ୍ ଅଜଗର ସେହି ଶିଶୁଟିକୁ ଜନ୍ମ ହେବା ମାତ୍ରେ, ଗ୍ରାସ କରିବା ପାଇଁ ସେଠାରେ ଛିଡା ହୋଇଥିଲା । ଏବଂ ସେହି—ସେହି ଶିଶୁଟି ସ୍ୱର୍ଗକୁ ନେଇ ନିଆଗଲା, ଏବଂ ସେହି ସ୍ତ୍ରୀଲୋକଟି ପ୍ରାନ୍ତର ମଧ୍ୟକୁ ପଳାୟନ କଲେ ଯେଉଁଠାରେକି ତାଙ୍କୁ ଏକ ସମୟାବଧି ନିମନ୍ତେ, ସମୟକାଳ, ଏବଂ ଅର୍ଦ୍ଧେକ ସମୟ ନିମନ୍ତେ, କିମ୍ବା ସମୟର ଏକ ବିଭାଜନ ନିମନ୍ତେ ପ୍ରତିପୋଷଣ କରା ଯାଇଥିଲା ।

28 ତେବେ, ସେହି ସ୍ତ୍ରୀଲୋକ ଜଣକ ମଣ୍ଡଳୀକୁ ନିଦର୍ଶିତ କରିଥିଲେ, ଏବଂ ସେ ଜନ୍ମ କରିଥିବା ଶିଶୁଟି ଖ୍ରୀଷ୍ଟ ଥିଲେ । ତାଙ୍କ ପାଦ ତଳେ ଥିବା ସେହି ଚନ୍ଦ୍ର ଥିଲା ବ୍ୟବସ୍ଥା, ତାଙ୍କ ମୁଣ୍ଡ ଉପରେ ଥିବା ସୂର୍ଯ୍ୟ ହେଲା ଅନୁଗ୍ରହ । ତାଙ୍କ ମୁକୁଟରେ ଥିବା ବାରଟି ତାରକା ହେଲେ ବାରଜଣ ପ୍ରେରିତ । ଏବଂ ସେଠାରେ ହିଁ ଅଟେ ଯେଉଁଠାରେକି, କେଉଁଥିରେ... ସେହି ବାର ଜଣ ପ୍ରେରିତମାନେ ଥିଲେ ନୂତନ ନିୟମର ଗୌରବ କିମ୍ବା ମୁକୁଟାଭିଷେକ । ବୁଝିଲେ? "କାରଣ ପୂର୍ବରୁ ସ୍ଥାପିତ ଭିତ୍ତିପ୍ରସ୍ତର ବ୍ୟତୀତ ଅନ୍ୟ କୌଣସି ଭିତ୍ତିମୂଳ ସ୍ଥାପନ କରାଯାଇପାରେ ନାହିଁ ।" ବୁଝିଲେ? ଏହା, ସେହି ଭିତ୍ତିମୂଳ, ସେହି—ସେହି ନୂତନ ନିୟମ, ସେହି ପ୍ରେରିତମାନ, ସେହି ପ୍ରେରିତମାନଙ୍କର ସିଦ୍ଧାନ୍ତ, ଏବଂ ଇତ୍ୟାଦି ସବୁ, ହେଉଛି ନୂତନ ନିୟମର ପ୍ରତିଷ୍ଠାତା ମୁକୁଟ । ଏବଂ ତାହାପରେ ସେଠାରେ...

29 ସେହି ଚନ୍ଦ୍ର ହେଉଛି ସୂର୍ଯ୍ୟର ପ୍ରତିଛାୟା । ସେହି ସୂର୍ଯ୍ୟ କେବଳ ଏହାର ଆଲୋକ ପ୍ରତିଫଳିତ କରିଥାଏ ଯେତେବେଳେ ଏହା ପୃଥିବୀ ପଛରେ ରହିଥାଏ । ଏବଂ ସେହି ଚନ୍ଦ୍ର ରାତିରେ, ଗମନାଗମନ କରିବା ପାଇଁ, ଆଲୋକ ପ୍ରଦାନ କରିଥାଏ । ଏବଂ ଏଠାରେ ଆମର କେତେ ଏକ ସୁନ୍ଦର ଚିତ୍ରଟିଏ ଅଛି, ଆଉ ଏକ ସୁନ୍ଦର ଚିତ୍ରଟିଏ: ସୂର୍ଯ୍ୟ ଖ୍ରୀଷ୍ଟଙ୍କୁ ନିଦର୍ଶିତ କରିଥାଏ; ସେହି—ସେହି ଚନ୍ଦ୍ର ମଣ୍ଡଳୀକୁ ନିଦର୍ଶିତ କରିଥାଏ । ସେମାନେ ଠିକ୍ ସ୍ୱାମୀ ଏବଂ ସ୍ତ୍ରୀ ପରି ଅଟନ୍ତି । ଏବଂ ଖ୍ରୀଷ୍ଟଙ୍କ ଅନୁପସ୍ଥିତିରେ, ମଣ୍ଡଳୀଟି ସେହି ଛୋଟ ଆଲୋକ, ସୁସମାଚାରକୁ ପ୍ରତିଫଳିତ କରେ । ଏବଂ ଏହା—ଏହା ଚାଲିବା ନିମନ୍ତେ ସେହି ଆଲୋକ ଅଟେ ଯେପର୍ଯ୍ୟନ୍ତକି ପୁତ୍ର ପୁନର୍ବାର ଉଠି ନ ଆସିଯାଆନ୍ତି, ତାହାପରେ ସେହି ମଣ୍ଡଳୀ ଏବଂ ପୁତ୍ର, ସେହି ଚନ୍ଦ୍ର ଏବଂ ସେହି ସୂର୍ଯ୍ୟ, ଏକତ୍ର ମିଶି ଯାଆନ୍ତି । ବୁଝିଲେ? ଚନ୍ଦ୍ରଟି ସେହି ସୂର୍ଯ୍ୟର ଏକ ଅଂଶ ଅଟେ, ଏବଂ ମଣ୍ଡଳୀ ଖ୍ରୀଷ୍ଟଙ୍କର ଏକ ଅଂଶ ଅଟେ । ଏବଂ ଖ୍ରୀଷ୍ଟଙ୍କ ଅନୁପସ୍ଥିତି ବେଳେ, ମଣ୍ଡଳୀ ତାହାଙ୍କର ଆଲୋକକୁ ପ୍ରତିଫଳିତ କରିଥାଏ । ଏବଂ ତାହାପରେ ଯେତିକି ସୁନିଶ୍ଚିତ ଭାବରେ ଆମେ ଚନ୍ଦ୍ରକୁ ଉଜ୍ଜ୍ୱଳ ହେଉଥିବାର ଦେଖୁଥାଉ, ଏହା ଜଣାଏ ଯେ ସେହି ସୂର୍ଯ୍ୟଟି କୌଣସି ସ୍ଥାନରେ ଚମକୁ ଅଛି । ଏବଂ ଯେତେ ସମୟ ପର୍ଯ୍ୟନ୍ତ ମଣ୍ଡଳୀ ଖ୍ରୀଷ୍ଟଙ୍କ ଆଲୋକକୁ ପ୍ରତିଫଳିତ କରୁଅଛି, ଖ୍ରୀଷ୍ଟ କୌଣସି ସ୍ଥାନରେ ଜୀବିତ ଅଛନ୍ତି । ଆମେନ୍ । ଏହା ବିଷୟରେ ଚିନ୍ତା କରନ୍ତୁ ।

30 ତେବେ, ସେହି ବ୍ୟବସ୍ଥା ଅନୁଗ୍ରହର ଏକ ପ୍ରତିରୂପ ଥିଲା, ମାତ୍ର ବ୍ୟବସ୍ଥାରେ କୌଣସି ଉଦ୍ଧାରକାରୀ ଶକ୍ତି ନ ଥିଲା । ବ୍ୟବସ୍ଥା ତ କେବଳ ଏକ…ସେହି ବ୍ୟବସ୍ଥା ଜଣେ ପୋଲିସ କର୍ମଚାରୀ ଥିଲା । ପୋଲିସ୍ କର୍ମଚାରୀ ଆପଣଙ୍କୁ କାରାଗାରରେ ପକାଇ ଦିଏ, ମାତ୍ର, ଆପଣ ଦେଖନ୍ତୁ, ଆପଣଙ୍କୁ କାରାଗାରରୁ ବାହାର କରିବା ପାଇଁ ଏହା ଅନୁଗ୍ରହକୁ ଆବଶ୍ୟକ କରେ । ବୁଝିଲେ?

31 ତେଣୁକରି ଖ୍ରୀଷ୍ଟଙ୍କ ରକ୍ତ, ସେହି ସୁସମାଚାର, ଆମକୁ ପାପରୁ ଉଦ୍ଧାର କରିଥାଏ । ବ୍ୟବସ୍ଥା କେବଳ ଆମକୁ ପାପୀ ସାବ୍ୟସ୍ତ କରେ । ବ୍ୟବସ୍ଥା କେବଳ କୁହେ, "ତୁମେ ଜଣେ ପାପୀ । ତୁମେ ଚୋରି କରିବ ନାହିଁ । ତୁମେ ବ୍ୟଭିଚାର କରିବ ନାହିଁ । ତୁମେ ମିଥ୍ୟା ସାକ୍ଷୀ ଦେବ ନାହିଁ ।" ବୁଝିଲେ? ଏହା ଜଣେ ପୋଲିସ୍ କର୍ମଚାରୀ ଅଟେ ଯିଏକି କୁହେ ଯେ ତୁମେ ଭୁଲ୍ ଏବଂ ତୁମେ ଦୋଷୀ ଅଟ । ମାତ୍ର ସୁସମାଚାର ହେଉଛି ଏକ ଖୁସି ଖବର । ଖ୍ରୀଷ୍ଟ ଆମକୁ ଆମର ସମସ୍ତ ଅପରାଧରୁ, ବ୍ୟବସ୍ଥାର ଉଲ୍ଲଂଘନରୁ ଉଦ୍ଧାର କରିବା ପାଇଁ ମୃତ୍ୟୁବରଣ କରିଥିଲେ । ଖ୍ରୀଷ୍ଟ ଆମକୁ ବାହାର କରି ଆଣିବା ପାଇଁ ମୃତ୍ୟୁବରଣ କରିଥିଲେ ।

32 ତେବେ, ପାଉଲ, ପରିବର୍ତ୍ତନ ହେବା ମାତ୍ରକେ, ସେ କୌଣସି ଈଶ୍ୱରତତ୍ତ୍ୱବିଦ୍ ବିଦ୍ୟାଳୟ ସହିତ ପରାମର୍ଶ କଲେ ନାହିଁ, କିଅବା ସେ କୌଣସି ସେବକଙ୍କ ସହିତ ପରାମର୍ଶ କଲେ ନାହିଁ । ମାତ୍ର କଅଣ ଆପଣମାନେ ଧ୍ୟାନ ଦେଲେ କି? ସେ ଆରବକୁ ଚାଲିଗଲେ, ଏବଂ ସେଠାରେ ତିନି ବର୍ଷ କାଳ, ଆରବରେ ରହିଲେ । ତେବେ, ଏହା, ମୋ ମତରେ, ତାହା…

33 ତେବେ, ଆମକୁ ଏହାର ପୃଷ୍ଠଭୂମି ପାଇବାକୁ ଅଛି, ଯେଣୁ ଆମେମାନେ ଏହା ଆମେ ଜାଣିବା ଯେ ଏହା କେତେ ମହତ୍ ଅଟେ । ଏବଂ ସେହି ପ୍ରଥମ ଶିକ୍ଷା, ଆଜି ରାତିରେ, ଆମେମାନେ ଆମର ପୃଷ୍ଠଭୂମି ନେଉ ।

34 ତେବେ, ପାଉଲ ଏପରି ଜଣେ ବାଇବଲ ଶିକ୍ଷକ ଥିଲେ, କାରଣ ସେ ସେହି ମହାନ, ସର୍ବ-କାଳୀନ ପ୍ରସିଦ୍ଧ ଗମଲିୟେଲ୍‌ଙ୍କ ଅଧୀନରେ ଶିକ୍ଷାଲାଭ କରିଥିଲେ । ଏବଂ ଗମଲିୟେଲ୍ ସେହି ଦିନର ଜଣେ ସର୍ବଶ୍ରେଷ୍ଠ ଜଣାଶୁଣା, ବ୍ୟବସ୍ଥା ଏବଂ ଭାବବାଦୀମାନଙ୍କର ସେହି ମହାନ ଗୁରୁ ଥିଲେ । ତେଣୁ, ପାଉଲ ସେହି ବିଷୟଗୁଡ଼ିକରେ ଉତ୍ତମ ଭାବେ ଶିକ୍ଷାଲାଭ କରିଥିଲେ ।

35 ଏବଂ ତାହାପରେ ମୁଁ ତାଙ୍କୁ ଏହିପରି ଭାବରେ ପସନ୍ଦ କରେ, ଏହି ମହାନ ପ୍ରକାଶନ, ତାଙ୍କ ହୃଦୟରେ ସଚ୍ଚୋଟ ରହି, ଜଣେ ହତ୍ୟାକାରୀ, ସ୍ତିଫାନ୍‌ଙ୍କ ମୃତ୍ୟୁରେ ସମ୍ମତି ପ୍ରଦାନ କରିଥିଲେ ଏବଂ ସ୍ତିଫାନ୍‌ଙ୍କୁ ପଥରାଘାତ ତଳେ ଏବଂ ପଥରରେ ଛେଚାଯାଇ ହତ୍ୟା କରାଯିବାର ଦେଖିଥିଲେ । ମୁଁ ଭାବୁଛି ଯେ ତାହା ନିଶ୍ଚିତ ଭାବରେ ପାଉଲଙ୍କ ମନକୁ ଆଘାତ କରିଥିବ ଯେତେବେଳେ ସେ ସ୍ତିଫାନ୍‌ଙ୍କୁ ସ୍ୱର୍ଗଆଡେ ହସ୍ତ ଉଠାଇ, ଏହା କହୁଥିବାର ଦେଖିଥିଲେ, "ମୁଁ ସ୍ୱର୍ଗକୁ ଉନ୍ମୁକ୍ତ ଦେଖୁଅଛି । ମୁଁ ଯୀଶୁଙ୍କୁ ପରମେଶ୍ୱରଙ୍କ ଦକ୍ଷିଣ ହସ୍ତରେ ଛିଡା ହୋଇଥିବାର ଦେଖୁଅଛି ।" ଏବଂ ସେ କହିଲେ, "ହେ ପିତା, ସେମାନଙ୍କ ବିରୁଦ୍ଧରେ ଏହି ପାପର ଦୋଷ ଗଣନା କରିବ ନାହିଁ ।" ଏବଂ ସେ ଶୋଇ ପଡ଼ିଥିଲେ ।

36 କଅଣ ଆପଣ ତାହା ଲକ୍ଷ୍ୟ କଲେ କି? ସେ କଦାପି ମରି ନ ଥିଲେ। ସେ ଶୋଇ ପଡିଥିଲେ। ଠିକ ଯେପରିକି...ମୁଁ ବିଶ୍ୱାସ କରୁ ନାହିଁ ଯେ ସେ କେବେ ଆଉ ଏକ ପଥରାଘାତ ଅନୁଭବ କରିଥିବେ। ଠିକ୍ ଯେପରି ଗୋଟିଏ ଶିଶୁ ମାଆର କୋଳରେ ରହିଥାଏ, ଶୋଇ ପଡିଥାଏ, ସେହିପରି ସ୍ତିଫାନ୍ ପରମେଶ୍ୱରଙ୍କ ବାହୁରେ ଶୋଇ ପଡିଥିଲେ।

37 ପାଉଲଙ୍କ ବିଷୟରେ, ଏପରି କିଛି ଗୋଟାଏ ଥିଲା, ଯାହାକି ତାଙ୍କ ମନରେ ଆଘାତ କରିଥିଲା। ତାହାପରେ ସେ, କୌଣସି ବି ବ୍ୟକ୍ତିଙ୍କୁ ଯିଏକି ବିଶ୍ୱାସ ଅଧୀନରେ, ଏହାକୁ ବିରୋଧ କରିବାକୁ ଚେଷ୍ଟା କରୁଥିଲା, ସେ ମହାଯାଜକଙ୍କ ନିକଟକୁ ଯାଇ କେତେକ ଚିଠି ନେଇଥିଲେ। କହିଥିଲେ, "ମୁଁ ସେସମସ୍ତ ଲୋକମାନଙ୍କୁ ଗିରଫ କରିବି, ଯେଉଁମାନେକି ସେହି ସବୁ କୋଳାହଳ କରୁଛନ୍ତି, ଏବଂ ସେହି ଧର୍ମ ବିରୋଧୀମାନଙ୍କୁ ଗିରଫ କରିବି;" ଯେଉଁମାନଙ୍କୁ ସେହିପରି ଭାବେ ବିଚାର କରାଯାଇଥିଲା, ଯାହାକୁ ଆମେ ଆଜି, କୌଣସି "ମୌଳିକ ଧର୍ମପାଗଳ," କିମ୍ୱା ସେହିପରି କିଛି ଗୋଟାଏ ବୋଲି କହିବା, ଯିଏକି ବହୁତ କୋଳାହଳ କରନ୍ତି ଏବଂ ବିଶୃଙ୍ଖଳା ସୃଷ୍ଟି କରନ୍ତି। "ଆମେମାନେ କେବଳ ତଳକୁ ଯିବା ଓ ଏହାର ସମାଧାନ କରିବା।"

38 ଏବଂ ତଳେ ତାଙ୍କ ମାର୍ଗରେ, ଏକ ଛୋଟ ପୁରୁଣା...ଏକ ବଡ଼ ରାଜପଥ ନୁହେଁ ଯେପରିକି ଆମେମାନେ ଯାତ୍ରା କରିଥାଉ। ଏବଂ ପାଲେଷ୍ଟାଇନ୍‌ରେ ଥିବା ସେହି ମାର୍ଗଗୁଡିକ, କେବଳ ଛୋଟ ଛୋଟ ପଦଦଳିତ ପଥସକଳ ରହିଥାଏ, ଠିକ ଏକ ଜଙ୍ଗଲର ପଥ ପରି ଯାହା ଦେଇ ଗାଈମାନେ ଗମନାଗମନ କରିଥାଆନ୍ତି, ଏବଂ ମେଣ୍ଢା, ଓ ଘୋଡାମାନ, ଏବଂ ଗଧଗୁଡିକ, ଓ ଓଟମାନେ, ଯାହା ଦେଇ ପାହାଡ ଉପରକୁ ଯାଇଥାଆନ୍ତି।

39 ଏବଂ ପାଉଲ, ଦମ୍ମେସକକୁ ଯାଉଥିବା ତାଙ୍କ ମାର୍ଗରେ, ପ୍ରାୟଃ ଦିନର, ଅପରାହ୍ନରେ, ଏକ ବୃହତ ଉଜ୍ଜ୍ୱଳ ପ୍ରକାଶ ଝଲସି ତାଙ୍କୁ ଆଘାତ କରି ଭୂମିରେ ପକାଇଦେଲା। ପାଉଲଙ୍କ ବ୍ୟତୀତ ଆଉ କେହି ତାହାକୁ ଦେଖି ନ ଥିଲେ। ମୁଁ ଚାହେଁ ଯେ ଆପଣ ତାହା ଧ୍ୟାନ ଦିଅନ୍ତୁ। ଏବଂ ଠିକ୍ ଏଠାରେ, ଏହା ବର୍ତ୍ତମାନ ବ୍ୟକ୍ତିଗତ ନୁହେଁ, ମାତ୍ର କେବଳ ଏଇଥି ପାଇଁ ଯେପରିକି ଆମେ ଏହି ପୃଷ୍ଠଭୂମି ମଧ୍ୟକୁ ନିଆଯାଉ। ଯେ ଆପଣ ଜାଣିବେ ଯେ ତାହା ସେହି ସମାନ ଯୀଶୁ ଅଟନ୍ତି...

40 ବର୍ତ୍ତମାନ, ଯେତେବେଳେ ସେ ଏଠାରେ ପୃଥିବୀ ପୃଷ୍ଠରେ ଥିଲେ, ସେ କହିଥିଲେ, "ମୁଁ ପରମେଶ୍ୱରଙ୍କଠାରୁ ଆସିଅଛି, ଏବଂ ମୁଁ ପରମେଶ୍ୱରଙ୍କ ନିକଟକୁ ଫେରିଯାଉଅଛି।"

41 ତେବେ, ଯେତେବେଳେ ସେ ଇସ୍ରାଏଲ ସନ୍ତାନଗଣଙ୍କୁ କଢାଇ ନେଇଥିଲେ, ସେତେବେଳେ ସେ ସେହି ଅଗ୍ନିସ୍ତମ୍ଭ ଥିଲେ। ଏବଂ ସେ ମାଂସମୟ ଦେହ ଧାରଣ କଲେ, ତାହାପରେ ସେ ସେହି ସମାନ ଅଗ୍ନିସ୍ତମ୍ଭକୁ ଫେରିଗଲେ। ଏବଂ ଯେତେବେଳେ ସେ ଦମ୍ମେସକର ମାର୍ଗରେ ପାଉଲଙ୍କୁ ଭେଟିଥିଲେ, ସେ ସେହି ଅଗ୍ନିସ୍ତମ୍ଭ, ସେହି ପ୍ରକାଶ ଥିଲେ, ଦେଖନ୍ତୁ, ଏକ ମହାନ ପ୍ରକାଶ ଥିଲେ। ଏବଂ ପାଉଲ କହିଥିଲେ, "ଏହା କିଏ ଯାହାକି ମୁଁ

ତାଡ଼ନା କରୁଅଛି?"

42 ସେ କହିଲେ, "ମୁଁ ଯୀଶୁ, ଯାହାକୁ ତୁମେ ତାଡ଼ନା କରୁଅଛ," ସେହି ପ୍ରକାଶ। ଓଃ, କଅଣ ସେ ଅଦ୍ଭୁତ ନୁହଁନ୍ତି କି?

43 ଏବଂ ସେ ଆଜି ରାତି, ଏଠାରେ, ଠିକ ଆମ ସହିତରେ ଅଛନ୍ତି। ଠିକ ଏଠାରେ ନିଜର ଫଟୋଚିତ୍ର ତୋଳିବାକୁ ଦେଇଛନ୍ତି, ସେହି ସମାନ ବିଷୟ, ଦେଖନ୍ତୁ, ଅଗ୍ନିସ୍ତମ୍ଭ, ପ୍ରକାଶ, ଠିକ ସେହି ସମାନ ରୂପରେ ଯାହାକି ସେ ଥିଲେ, "ଗତକାଲି, ଆଜି, ଏବଂ ଚିରଦିନ ସମାନ।"

44 ତେବେ ତାଙ୍କ ସହିତ ଥିବା ଲୋକମାନେ ସେହି ପ୍ରକାଶକୁ ଦେଖି ନ ଥିଲେ, ମାତ୍ର ତାହା ସେଠାରେ ସେହି ସମାନ ଭାବରେ ରହିଥିଲା। ସେହି ସମାନ ପରିଣାମ ହିଁ ଆଣିଥିଲା।

45 ତେବେ, କଅଣ ଏହା ସମ୍ଭବ ଯେ—ଯେ କେହି ଜଣେ ବ୍ୟକ୍ତି ଏହି ଭବନରେ ଖ୍ରୀଷ୍ଟଙ୍କୁ ଦେଖିପାରିବେ ଏବଂ ଅନ୍ୟ କେହି ତାହାଙ୍କୁ ଦେଖିପାରିବେ ନାହିଁ? ନିଶ୍ଚିତରେ। ଏହା ସେଠାରେ ଘଟିଥିଲା।

46 ଏହା ସେହି ଦିନ ଗୋଟିଏ ରାତି ମଧ୍ୟ ହୋଇଥିଲା ଯେତେବେଳେ ପିତର କାରାଗାରରେ ଥିଲେ। ଏବଂ ସେହି ପ୍ରକାଶ କାରାଗାର ଭିତରକୁ ଆସି, ପିତରଙ୍କୁ ସ୍ପର୍ଶ କରିଥିଲା, ଏବଂ ଭିତରେ ଥିବା ରକ୍ଷୀ, ବାହାରେ ଥିବା ରକ୍ଷୀ ଦେଇ, ସେହି ଦ୍ୱାର ହୋଇ, ମୁଖ୍ୟ ଫାଟକ ଦେଇ, ଏବଂ ନଗର ଫାଟକ ଦେଇ ଠିକ୍ ଯାଇଥିଲା। ପିତର କହିଲେ, "ମୁଁ ନିଶ୍ଚୟ ସ୍ୱପ୍ନ ଦେଖୁଥିବି।" ମାତ୍ର ସେ ଚାରିଆଡେ ଅନାଇଲେ, ମାତ୍ର ସେହି ପ୍ରକାଶଟି ଚାଲି ଯାଇଥିଲା; ଖ୍ରୀଷ୍ଟ, ସେହି ଅନନ୍ତ, ଚିରକାଳୀନ ଆଲୋକ। ସେଠାରେ ସେ ଅଛନ୍ତି। ତେବେ, ସେହି ମାର୍ଗରେ…

47 ଆଉ ଦେଖନ୍ତୁ, ଆଉ ଏକ ବିଷୟ, ଯଦି ଆମେ ଏହା ବିଷୟରେ କହିବା, ବର୍ତ୍ତମାନ ହିଁ ମୋ ମନକୁ ଆସିଲା। ମାତ୍ର ସେହି ପଣ୍ଡିତ ବ୍ୟକ୍ତିମାନେ ଯେଉଁମାନେକି ସମଗ୍ର ଭାରତରୁ, ଓରିଏଣ୍ଟ ପ୍ରାନ୍ତରୁ, ସେହି ତାରାକୁ ଅନୁସରଣ କରୁଥିଲେ, ମାସ ମାସ ଧରି, ଉପତ୍ୟକା ଏବଂ ମରୁଭୂମି ଦେଇ ଆସିଥିଲେ (ପର୍ଯ୍ୟବେକ୍ଷକ କେନ୍ଦ୍ରଗୁଡିକୁ ଅତିକ୍ରମ କରି ଆସିଥିଲେ; ଏବଂ ସେମାନେ ରାତି ସମୟରେ ତାରାଗଣ ଦ୍ୱାରା ସମୟ ନିର୍ଦ୍ଧାରଣ କରୁଥିଲେ) ଏବଂ କୌଣସି ଇତିହାସକାର କିମ୍ବା ଅନ୍ୟ କେହି କେବେ ସେହି ତାରାକୁ ଦେଖିଥିବା ବିଷୟରେ ଉଲ୍ଲେଖ କରିନାହାଁନ୍ତି କେବଳ ସେହି ପଣ୍ଡିତ ବ୍ୟକ୍ତିମାନେ। ଏହା ଦେଖିବା ପାଇଁ କେବଳ ସେମାନେ ହିଁ ଉଦ୍ଦିଷ୍ଟ ଥିଲେ।

48 ତେଣୁକରି ଆପଣମାନେ ଏପରି ବିଷୟଗୁଡିକୁ ଦେଖିପାରନ୍ତି ଯାହାକି ଅନ୍ୟ ବ୍ୟକ୍ତି ଦେଖିପାରନ୍ତି ନାହିଁ। ଆପଣଙ୍କ ପାଇଁ, ଏହା ଏକ ବାସ୍ତବିକତା ଅଟେ। ତାଙ୍କ ପାଇଁ, ସେମାନେ ବୁଝନ୍ତି ନାହିଁ। ଠିକ ଯେପରିକି ଏକ ଧର୍ମାନ୍ତରଣ; ଆପଣ ଧର୍ମାନ୍ତରିତ ହୋଇ ପରମେଶ୍ୱରଙ୍କ ଆଶୀର୍ବାଦମାନ ଉପଭୋଗ କରିପାରନ୍ତି, ପରମେଶ୍ୱରଙ୍କ ଆଶୀର୍ବାଦରେ ଠିକ—ଠିକ ପାନ କରିପାରନ୍ତି। ଏବଂ ଆପଣଙ୍କ ପାଖରେ ବସିଥିବା, ପରବର୍ତ୍ତୀ ବ୍ୟକ୍ତିଜଣକ, "ମୁଁ କୌଣସି ବିଷୟ ଦେଖୁ ନାହିଁ।" ବୁଝିଲେ? ବୁଝିଲେ? ଏହାହିଁ ତାହା ଅଟେ। "ମୁଁ ତ ଏହାକୁ ବୁଝେ ନାହିଁ।

ଏହା କଅଣ ଅଟେ ମୁଁ ତାହା ଦେଖୁ ନାହିଁ ।” ତେବେ, ସେ ଏହାକୁ ବୁଝି ହିଁ ପାରୁନାହାଁନ୍ତି । ତାହାହିଁ ସବୁ କିଛି ଅଟେ । ଆପଣ, କେଉଁଠାରେ ଅଛନ୍ତି ।

49 ବର୍ତ୍ତମାନ ଧ୍ୟାନ ଦିଅନ୍ତୁ, ପାଉଲ ତାଙ୍କ ମାର୍ଗରେ ଯାଉଅଛନ୍ତି । ଏବଂ ଠିକ ଯେତେବେଳେ ଏହି ମହାନ ଅନୁଭୂତି ତାଙ୍କ ସହିତ ଘଟିଲା…ତେବେ, ସେ ସନ୍ତୁଷ୍ଟ ହୋଇ ନ ଥିଲେ…ତାହା ହିଁ ଅଟେ ଯାହାକି ପାଉଲଙ୍କୁ ଏତେ ଭଲ କରିଥାଏ ।

50 ବର୍ତ୍ତମାନ, ଆଜି ରାତି ଆମର ଶିକ୍ଷା ଗଭୀର ନୁହେଁ । ଏହା ଏକ ଉପର ଠାଉରିଆ ଶିକ୍ଷା ଅଟେ, ମାତ୍ର, ଓଃ, ଆମେ କିଛି ସମୟ ପରେ, ଗଭୀରକୁ ଓହ୍ଲାଇ ଯିବା । ମାତ୍ର ଏହା ଏକ ଅତ୍ୟନ୍ତ ଉପର ଠାଉରିଆ ଶିକ୍ଷା ଅଟେ, କିନ୍ତୁ ଏହା ଠିକ ଆରମ୍ଭ ହେଉଅଛି । ଏବଂ ଏହା ଯାହା ଅଟେ, ତାହା ହେଲା କେବଳ ଗୋଟିଏ ବିଷୟ, ତାହା ହେଉଛି ଯୀଶୁ ଖ୍ରୀଷ୍ଟଙ୍କୁ ଉନ୍ନତ କରିବା । ପାଉଲ, ଆରମ୍ଭ କରିବାକୁ ଯାଇ ।

51 ଏବଂ ଏହା ପୂର୍ବେକି ସେ ତାହା କରନ୍ତେ, ପାଉଲ ଜଣେ ବାଇବଲ ପଣ୍ଡିତ ଥିଲେ । ଏବଂ ଜଣେ ବାଇବଲ ପଣ୍ଡିତ କେବେବି ତାଙ୍କର ସିଦ୍ଧାନ୍ତକୁ ଅଭିଜ୍ଞତାଗୁଡିକ ଉପରେ ରଖିବେ ନାହିଁ । ନା, ମହାଶୟ । ସେମାନେ କେବେବି ସେମାନଙ୍କର ଶିକ୍ଷାକୁ ଅଭିଜ୍ଞତା ଉପରେ ରଖିବେ ନାହିଁ । ଆପଣଙ୍କର ଯେକୌଣସି ପ୍ରକାରର ଏକ ଅଭିଜ୍ଞତା ରହିପାରେ । ମାତ୍ର ଏହାକୁ ତ ନିଶ୍ଚିତ ଭାବରେ **ସଦାପ୍ରଭୁ ଏହି କଥା କୁହନ୍ତି** ହେବାକୁ ଅଛି । ଠିକ୍ ଅଛି ।

52 ତେବେ, ପୁରାତନ ନିୟମରେ, ସେମାନଙ୍କ ପାଖରେ ତିନୋଟି ଭିନ୍ନ ଉପାୟମାନ ଥିଲା ଯାହା ଦ୍ୱାରା ସେମାନେ ଏକ ବାର୍ତ୍ତାକୁ ଜାଣି ପାରୁଥିଲେ । ପ୍ରଥମଟି ହେଲା, ସେହି ବ୍ୟବସ୍ଥା, ତାହା କେବଳ ସେହି ବ୍ୟବସ୍ଥା ଥିଲା । ତାହାପରେ, ସେମାନଙ୍କ ପାଖରେ ଜଣେ— ଜଣେ ଭବିଷ୍ୟଦ୍‌ବକ୍ତା; ଜଣେ ସ୍ୱପ୍ନଦର୍ଶୀ ରହୁଥିଲା; ଏବଂ ସେମାନଙ୍କ ଠାରେ ଉରିମ୍ ଥୁମ୍ମିମ୍ ରହୁଥିଲା । ତେବେ ତାହା ଟିକିଏ ଗଭୀର ହୋଇପାରେ ।

53 ଉରିମ୍ ଥୁମ୍ମିମ୍ ସେହି ବୁକୁପଟା ଥିଲା ଯାହା ହାରୋଣ ତାଙ୍କ ବକ୍ଷସ୍ଥଳରେ ପିନ୍ଧୁଥିଲେ । ସେଥିରେ ବାରୋଟି ପଥର ରହୁଥିଲା: ହୀରା, ମାଣିକ୍ୟ, ସୂର୍ଯ୍ୟକାନ୍ତ ମଣି, ଇତ୍ୟାଦି, ଆହୁରି ତଳକୁ । ସେମାନେ ସେହି ସମସ୍ତ ବାରଟି ବଡ ପଥରଗୁଡିକ ନେଇଥିଲେ, ଯାହାକି ସେହି ବୁକୁପଟାରେ ରହୁଥିଲା, ତାହା ଏହା ଦର୍ଶାଉଥିଲା ଯେ ସେହି ଇସ୍ରାଏଲର ବାର ଗୋଷ୍ଠୀର, ପ୍ରତ୍ୟେକ ଗୋଷ୍ଠୀର ସେ ମହାଯାଜକ ଥିଲେ । ଏହି ବୁକୁପଟାଟି ମଣ୍ଡଳୀର ଏକ ସ୍ତମ୍ଭ ଉପରେ ଝୁଲି ରହୁଥିଲା । ଏବଂ ଯେତେବେଳେ ଜଣେ ଭବିଷ୍ୟଦ୍‌ବକ୍ତା ଭବିଷ୍ୟତ୍‌ବାଣୀ କରୁଥିଲେ, ଏବଂ ସେମାନେ ନିଶ୍ଚିତ ହେବାକୁ ଚାହୁଁଥିଲେ ଯେ ଏହା ଠିକ୍, କି ନୁହେଁ, ସେତେବେଳେ ସେହି ଭବିଷ୍ୟଦ୍‌ବକ୍ତାମାନେ କିମ୍ୱା ସ୍ୱପ୍ନଦର୍ଶୀମାନେ ଏହି ଉରିମ୍ ଥୁମ୍ମିମ୍ ସମ୍ମୁଖରେ ଛିଡା ହେଉଥିଲେ, ଏବଂ ସେ ତାଙ୍କର ସେହି ସ୍ୱପ୍ନ ବା ଦର୍ଶନ ବିଷୟରେ କହୁଥିଲେ, ଯାହା ସେ ଦେଖିଥିଲେ । ଏବଂ ଯଦି ସେହି ପବିତ୍ର ଆଲୋକ…ଓଃ, କଅଣ ଆପଣ ଏହା ଦେଖନ୍ତି କି? ପରମେଶ୍ୱର ସର୍ବଦା ଅଲୌକିକ ପରିସରରେ ବାସ କରୁଥିଲେ । ସେହି ସମାବେଶ, ସେହି

ଆଲୋକଗୁଡ଼ିକ, କେବଳ ସ୍ୱାଭାବିକ ହିଁ ଥିଲା ଯେପର୍ଯ୍ୟନ୍ତକି ସେହି ସ୍ୱର ନ ଆସୁଥିଲା । ଏବଂ ଯେତେବେଳେ ସେହି ସ୍ୱର ସେହି ପଥରଗୁଡିକୁ ଆଘାତ କରୁଥିଲା, ଯଦି ତାହା ଅଲୌକିକ ନ ଥିଲା, ତେବେ ସେ ଶୁପ୍ତ ଅବସ୍ଥାରେ ରହୁଥିଲା । ମାତ୍ର ଯଦି ତାହା ଅଲୌକିକ ଥିଲା, ତେବେ ସେହି ଆଲୋକଗୁଡ଼ିକ ସମସ୍ତେ ଏକ ସଙ୍ଗରେ ମିଶି ମେଘଧନୁ ରଙ୍ଗକୁ ପ୍ରତିଫଳିତ କରୁଥିଲେ । ଆମେନ୍ । ତେବେ, ତାହା ସେହି ପରମେଶ୍ୱର ଥିଲେ ଯିଏକି କହୁଥିଲେ, “ସେ ହେଉଛି ମୋର ଭବିଷ୍ୟଦ୍‌ବକ୍ତା ।” କିମ୍ବା, “ସେହି ସ୍ୱପ୍ନ ମୋ ପାଖରୁ ଆସିଥିଲା ।” ଏହା ସେହି ଉରିମ୍ ଥୁମ୍ମିମ୍ ଅନୁଯାୟୀ ଥିଲା ଯେ ସେମାନେ ବିଚାର କରିଥାଆନ୍ତି ।

54 କଅଣ ଆପଣମାନଙ୍କୁ ଶାଉଲ ମନେ ଅଛି ଯେତେବେଳେ ସେ ପଶ୍ଚାତ୍‌ଗମନ ହୋଇ ଯାଇଥିଲେ? ସେ କହିଥିଲେ ଯେ ସେ ସ୍ୱପ୍ନ ଦେଖିପାରୁ ନାହାଁନ୍ତି । ଏବଂ ସେହି ଭବିଷ୍ୟଦ୍‌ବକ୍ତା, ଶାମୁୟେଲ, ମରି ଯାଇଥିଲେ, ଏବଂ ଆଉ କୌଣସି ଉପାୟ ନ ଥିଲା । ସେ କହିଥିଲେ, “ଏପରିକି ଉରିମ୍ ମଧ୍ୟ ମୋ ସହିତ କଥା ହେଉ ନାହିଁ ।” କିଛି ନ ଥିଲା । ଶାଉଲ ଉରିମ୍‌ଙ୍କ ସମ୍ମୁଖରେ ଛିଡା ହୋଇଥିଲେ, ଏବଂ ତାଙ୍କର ଶବ୍ଦଗୁଡିକ ମଲା ସ୍ୱର ପରିକା ଥିଲା । ବୁଝିଲେ? ପରମେଶ୍ୱର କେବଳ ତାଙ୍କୁ ପ୍ରତ୍ୟାଖାନ କରି ଦେଇଥିଲେ । ଏବଂ ସେହି ଉରିମ୍ ଥୁମ୍ମିମ୍, ତାହା ହାରୋଣଙ୍କ ଯାଜକତ୍ୱର ତାଙ୍କର ପ୍ରମାଣ ଥିଲା । ହାରୋଣ, ଏବଂ ମୋଶା ଚାଲିଯିବା ପରେ, ସେହି—ସେହି ପଟାଟି ସ୍ତମ୍ଭ ଉପରେ ଝୁଲି ରହିଥିଲା ।

55 ତେବେ, ଯେତେବେଳେ ଯୀଶୁ ମୃତ୍ୟୁବରଣ କଲେ ସେତେବେଳେ ହାରୋଣୀୟ ଯାଜକତ୍ୱ ଶେଷ ହୋଇଥିଲା । ଏବଂ ବର୍ତ୍ତମାନ, ବ୍ୟବସ୍ଥାକୁ ଅନୁଗ୍ରହରୁ ପୃଥକ କରି, ଆମ ପାଖରେ ଏବେ ସୁଦ୍ଧା ଏକ ଉରିମ୍ ଥୁମ୍ମିମ୍ ଅଛି । ଏବଂ ପାଉଲ ଏହାକୁ ବ୍ୟବହାର କରୁଥିଲେ । ବୁଝିଲେ? ସେହି ଉରିମ୍ ଥୁମ୍ମିମ୍ ଆଜି ହେଉଛି ପରମେଶ୍ୱରଙ୍କ ଅମର, ଅନନ୍ତ, ଚିରକାଳୀନ ବାକ୍ୟ । ବୁଝିଲେ?

56 “କାରଣ ଯିଏ କେହି ଏହି ପୁସ୍ତକରୁ କିଛି ବାହାର କରିବ, କିମ୍ବା ସେଥିରେ କିଛି ଯୋଗ କରିବ ।” ମୁଁ ଏହାର ବାହାରେ କିଛି ହେଲେ ଚାହେଁ ନାହିଁ, ମାତ୍ର ମୋତେ ଏହାର ସବୁ କିଛି ଦରକାର ଯାହା ଏଥିରେ ଅଛି । ସେହି ମଣ୍ଡଳୀ ତ ଆମେମାନେ ଚାହୁଁଅଛୁ । ଏବଂ ସମସ୍ତକିଛି ବିଷୟ ବାକ୍ୟ ଦ୍ୱାରା ପ୍ରମାଣିତ ହେବା ଜରୁରୀ ଅଟେ ।

57 ସେହି କାରଣରୁ ତ ମୁଁ ଏହି ନିକଟ ସମୟରେ ପେଣ୍ଟିକଷ୍ଟାଲ୍ ଲୋକମାନଙ୍କ ମଧ୍ୟରେ ବିଫଳ ହୋଇଥିଲି, କାରଣ, ଏହା କହିଥିଲି, “ମୁଁ ବୁଝିପାରୁ ନାହିଁ ଯେ କେଉଁଠାରେ ଆପଣଙ୍କ ହାତରୁ କେଉଁଠାରେ ତେଲ ଝରିବା, କିମ୍ବା ଆପଣଙ୍କ ମୁହଁରୁ ରକ୍ତ ବାହାରିବା, ତାହାର ଏକ ଚିହ୍ନ ଥିଲା ଯେ ଆପଣ ପବିତ୍ରଆତ୍ମା ପାଇଛନ୍ତି ।” ତାହା ଶାସ୍ତ୍ରସଙ୍ଗତ ନୁହେଁ ଏବଂ ମୁଁ—ମୁଁ ଏହାକୁ ଗ୍ରହଣ କରିପାରିଲି ନାହିଁ । ଏହାକୁ ତ ବାକ୍ୟରୁ ଆସିବାକୁ ଅଛି ।

58 ଏବଂ ବର୍ତ୍ତମାନ, ପାଉଲ, ସେ କେବଳ ବାକ୍ୟକୁ ଭଲ ପାଉଥିଲେ । ତେଣୁ, ଏହା ପୂର୍ବେ କି ସେ ଏହି ମହାନ ଅଭିଜ୍ଞତାକୁ ଯାହାକି ତାଙ୍କର ରହିଥିଲା ତାହା ବିଷୟରେ ସାକ୍ଷ୍ୟ ଦିଅନ୍ତେ,

ସେ ତିନି ବର୍ଷ ପାଇଁ ମିସରକୁ ଯାଇଥିଲେ । ମୋର ବିଶ୍ୱାସ ଯେ ଏହା ମିସରରେ ତିନି ବର୍ଷ, ତିନି ବର୍ଷ କାଳ ଥିଲା । ଏବଂ କଅଣ ଆପଣମାନେ ଜାଣନ୍ତି ଯେ ସେ କଅଣ କଲେ ବୋଲି ମୁଁ ବିଶ୍ୱାସ କରେ? ମୁଁ ବିଶ୍ୱାସ କରେ ଯେ ସେ ପୁରାତନ ନିୟମକୁ ନେଇଥିଲେ, ଏବଂ ତନ୍ନ ତନ୍ନ କରି ପୁରାତନ ନିୟମକୁ ଖୋଜିଥିଲେ, ଏବଂ ଏହା ପାଇଥିଲେ ଯେ ତାହା ପ୍ରକୃତରେ ସମ୍ପୂର୍ଣ୍ଣରୂପେ ମଶୀହ ଥିଲେ । ତାଙ୍କୁ ନିଜର ଅନୁଭୂତିକୁ ବାଇବଲ ଦ୍ୱାରା ପ୍ରମାଣ କରିବାକୁ ଥିଲା । ଆମେନ୍ । ଓଃ, ମୋର ପ୍ରଭୁ!

59 ତାଙ୍କୁ ଦେଖନ୍ତୁ ଯେତେବେଳେ ସେ କାରାଗାରରେ ଥିଲେ । ଆପଣ ଧ୍ୟାନ ଦିଅନ୍ତୁ ଯେ, ସେଠାରେ ପାଉଲଙ୍କ ଜୀବନର ଏକ—ଏକ ସମୟାବଧି ଥିଲା ଯେତେବେଳେ ସେ ସେଠାରେ ଦୀର୍ଘ ସମୟ ପାଇଁ କାରାଗାରରେ ରହିଥିଲେ । ସେ ଏଫିସୀୟ ପୁସ୍ତକ ଲେଖିଥିଲେ । ସେ ଏହି ଏବ୍ରୀ ଚିଠାଉ ଲେଖିଥିଲେ । ବୁଝିଲେ? ତାଙ୍କ ପାଖରେ ସମୟ ଥିଲା । ପରମେଶ୍ୱର ସେଠାରେ ତାଙ୍କୁ ଏକ କାରାଗାରରେ ରଖିଥିଲେ, ଏବଂ ସେ ମଣ୍ଡଳୀ ନିକଟକୁ ଏହି ପତ୍ରଗୁଡ଼ିକୁ ଲେଖିଥିଲେ । ଗୋଟିଏ ଏଫିସ ମଣ୍ଡଳୀ ନିକଟକୁ । ସେ ଗୋଟିଏ ପେଣ୍ଟିକଷ୍ଟାଲ ମଣ୍ଡଳୀ ନିକଟକୁ ଲେଖିଥିଲେ, ସେମାନଙ୍କ ସହିତ ବହୁତ ସମସ୍ୟାମାନ ରହିଥିଲା । ତାଙ୍କୁ ଅନ୍ୟ କୌଣସି ଅପେକ୍ଷା ପେଣ୍ଟିକଷ୍ଟାଲ୍ ମଣ୍ଡଳୀ ସହିତରେ ଅଧିକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥିଲା । ଏବେବି ସୁଦ୍ଧା ତାହା ଅଟେ । ମାତ୍ର ସେ ସେମାନଙ୍କ ପାଇଁ କୃତଜ୍ଞ ଥିଲେ । କେବଳ ଗୋଟିଏ ବିଷୟ ଯାହା ସେ ସେମାନଙ୍କୁ ଶିକ୍ଷା ଦେଇ ପାରିଥିଲେ...ଯେତେବେଳେ ସେମାନେ ଭିତରକୁ ଆସିଥିଲେ: ଜଣଙ୍କ ପାଖରେ ପରଭାଷା ଥିଲା, ଜଣଙ୍କ ପାଖରେ ଗୀତ ଥିଲା, ଜଣଙ୍କ ପାଖରେ ସମ୍ବେଦନଶୀଳତା ଥିଲା, ଜଣଙ୍କ ପାଖରେ ଏକ ଅନୁଭୁତି ଥିଲା । ସେ ସେମାନଙ୍କୁ, "ଅନନ୍ତକାଳୀନ ସୁରକ୍ଷା" ବିଷୟରେ କଥାବାର୍ତ୍ତା, କହିପାରି ନ ଥିଲେ । ସେ ସେମାନଙ୍କୁ "ପୂର୍ବ ନିରୂପଣ" ବିଷୟରେ, କଥା କହିପାରି ନ ଥିଲେ । ସେ ସେମାନଙ୍କ ସହ କଥାବାର୍ତ୍ତା କରିପାରି ନ ଥିଲେ, ସେମାନେ ଶିଶୁ ଥିଲେ । ସେମାନଙ୍କୁ ସମସ୍ତଙ୍କୁ ତ କିଛି ଗୋଟାଏ ବିଷୟ ଅନୁଭବ କରିବାକୁ ଥିଲା—ଥିଲା, କିମ୍ବା କିଛି ଗୋଟାଏ ବିଷୟ ଦେଖିବାକୁ ଥିଲା, ଅବା ମଜାଳିଆ ଅନୁଭୁତିମାନ ରହିବାକୁ ଥିଲା, ଏବଂ, କିମ୍ବା ସେମାନଙ୍କ ଚାରିପାଖରେ, କିଛି ଗୋଟାଏ ପ୍ରମାଣ ରହିବାକୁ ଥିଲା ।

60 କିନ୍ତୁ ମୁଁ ବିଶ୍ୱାସ କରେ, ଯେତେବେଳେ ସେ ଏଫିସୀୟମାନଙ୍କ ସହିତ କଥାବାର୍ତ୍ତା କରିଥିଲେ, ସେ କହି ପାରିଥିଲେ, "ପରମେଶ୍ୱର ଆମମାନଙ୍କୁ ପୁତ୍ର ଓ କନ୍ୟା ହେବା ନିମନ୍ତେ ପୂର୍ବନିରୂପଣ କରିଛନ୍ତି, ଏବଂ ଜଗତ ପତ୍ତନାବଧି ଆମମାନଙ୍କୁ ଯୀଶୁ ଖ୍ରୀଷ୍ଟଙ୍କଠାରେ ପୋଷ୍ୟ ସନ୍ତାନ ଭାବରେ ଗ୍ରହଣ କରି ଅଛନ୍ତି ।" ତାହା ଦେଖନ୍ତୁ । ମୋର ପ୍ରଭୁ!

61 ତାଙ୍କୁ ରୋମୀୟ ପୁସ୍ତକ ପାଖକୁ, ଏବଂ ପ୍ରଭୃତି ସବୁ ନିକଟକୁ ଆସିବାର ଦେଖନ୍ତୁ । ସେମାନେ ବୟସ-ପରିପକ୍ୱ ହୋଇଥିଲେ । ଓଃ, ସେମାନେ ପରଭାଷାରେ କଥା ହୋଇଥିଲେ, ନିଶ୍ଚିତରେ, ଏବଂ ସେମାନଙ୍କ ମଧ୍ୟରେ ପବିତ୍ରଆତ୍ମାଙ୍କର ଅନ୍ୟାନ୍ୟ ଚିହ୍ନମାନ

ସେମାନଙ୍କର ରହିଥିଲା । ମାତ୍ର ସେମାନେ କୌଣସି ଶିକ୍ଷା ସିଦ୍ଧାନ୍ତ, ଏବଂ ସମ୍ବେଦନାମାନ, ଏବଂ ଛୋଟ ଛୋଟ କମ୍ପନ, ଏବଂ ମଜାଳିଆ ଅନୁଭୁତିମାନ ନିର୍ମାଣ କରି ନ ଥିଲେ ।

62 ପାଉଲ କହିଥିଲେ, "ତୁମେ—ତୁମେ—ତୁମେ ତାହା ସହିତ ଚରମକୁ ପଳାଇ ଯାଇଥାଅ । ଯେତେବେଳେ ତୁମେମାନେ ଶିକ୍ଷାଦାନ କରିବା ଉଚିତ୍, ତୁମେମାନେ ଏବେ ସୁଦ୍ଧା ଶିଶୁତୁଲ୍ୟ ରହିଅଛ ଏବଂ ଦୁଗ୍ଧପାନ କରିବାକୁ ପଡୁଥାଏ ।"

63 ତେବେ, ଏହାହିଁ ତାହା ଅଟେ ଯାହାକି ମୁଁ ସର୍ବଦା ପ୍ରଚେଷ୍ଟା କରିଅଛି ଯେ ଏହି ଆରାଧନାଳୟ ସେହିପରି ହେଉ, ଏକ ଦଳେ ଶିଶୁ ନ ହେଉ । ଆସନ୍ତୁ ବୟସ-ପରିପକ୍ୱ ହୋଇଯିବା । ରାସ୍ତାରେ ଛିଡା ହେବା । ଓଃ, ମୋର ପ୍ରଭୁ! ସେଠାରେ ଆପଣ ଅଛନ୍ତି ।

64 ତେଣୁ, ପାଉଲ ପ୍ରଥମେ, ସେଠାକୁ ଯାଆନ୍ତି, ଏହା ଦେଖିବା ପାଇଁ ଯେ ତାଙ୍କର ଅଭିଜ୍ଞତା ପରମେଶ୍ୱରଙ୍କ ବାଇବଲ ସହିତ ମେଳ ଖାଉଛି କି ନାହିଁ ।

65 ଓଃ, କଅଣ ତାହା ଆଜି, ଅଦ୍ଭୁତ ହେବ ନାହିଁ କି, ଯଦି ଲୋକମାନେ ପୁନର୍ବାର କେବଳ ତାହା ହିଁ କରନ୍ତି, ଯଦି ଆମେ ଆମର ଅଭିଜ୍ଞତାକୁ ପରମେଶ୍ୱରଙ୍କ ବାଇବଲ ସହିତ ମେଳ କରିବା? ଯଦି ତାହା ନ ମେଳ କରେ, ତାହାହେଲେ ଆମର ଅଭିଜ୍ଞତା ଭୁଲ ଅଟେ; ଏହା ଉରିମ୍ ଥୁମ୍ମିମ୍‌ରେ ଝଲସି ଉଠିବ ନାହିଁ । ଯଦି ଏହା ସେଠାରେ ଝଲସି ଯାଏ, ଆମେନ୍, ଜାଣନ୍ତୁ ଯେ ଆପଣ ଏହା ପାଇଛନ୍ତି । ମାତ୍ର ଯଦି ଏହା ନ ହୁଏ, କେତେକ…ମୋର ସେଥିରେ କିଛି ଯାଏ ଆସେ ନାହିଁ ଯେ ଏହା କେତେ ଭଲ ଦିଶୁଥାଏ, ଏହା କେତେ ଠିକ୍ ଥିବା ପରି ବାସ୍ତବିକ ଦେଖାଯାଏ; ଯଦି ସେହି ପ୍ରକାଶଗୁଡିକ ସେହି ଉରିମ୍ ଥୁମ୍ମିମ୍ ଉପରେ ଆଲୋକିତ ନ ହୁଏ, ତେବେ ଏହା ଭୁଲ୍ ଥିଲା ।

66 ଏବଂ ଏଥିରେ କିଛି ଯାଏ ଆସେ ନାହିଁ ଯେ ଆପଣଙ୍କର କେତେ ଅଭିଜ୍ଞତା ରହିଥାଏ, ଏହା କେତେ ବାସ୍ତବିକ ପରି ମନେ ହୁଏ, ଏହା କେତେ ଉପସ୍ଥାପିତ ଯୋଗ୍ୟ ଅଟେ, ଏହା କେତେ ଶିକ୍ଷଣୀୟ ଅଟେ, ପ୍ରାଣ ଜିତିବା ପାଇଁ ଏହା କେତେ ମହତ୍ ସାଧନ ଅଟେ; ଯଦି ଏହା ବାକ୍ୟରେ ଆଲୋକିତ ନ ହୁଏ, ତେବେ ଏହା ଭୁଲ୍ ଅଟେ । ଠିକ୍ ଅଛି । ଏହା ନିଶ୍ଚିତ ଭାବରେ ବାକ୍ୟ ସହିତ ସହମତ ହେବା ଉଚିତ୍ ଅଟେ ।

67 ତେବେ, ମୁଁ ବିଶ୍ୱାସ କରେ…ମାର୍ଗର ଏକ ମଧ୍ୟଭାଗ ଅଛି । ସେହି ମାର୍ଗଟି, ବର୍ତ୍ତମାନ, ଅନେକ ଥର…ମୁଁ ଗୋଟିଏ ନାଜରିନ ମଣ୍ଡଳୀକୁ ଯାଉଥିଲି । ପ୍ରଭୁ ସେହି ପ୍ରିୟ ଲୋକମାନଙ୍କୁ ଆଶୀର୍ବାଦ କରନ୍ତୁ । ସେମାନେ ପୁରୁଣା-କାଳିଆ, ପବିତ୍ରୀକୃତ ମେଥୋଡିଷ୍ଟମାନେ ଥିଲେ ଯାହାକି ସେମାନେ ଅଟନ୍ତି; ଚର୍ଚ୍ଚ ଅଫ ଗଡ୍, ନାଜରିନ, ପିଲ୍‌ଗ୍ରିମ ହୋଲିନେସ୍, ଏବଂ ସେହି ଉତ୍ତମ ପୁରାତନ ପବିତ୍ର ମଣ୍ଡଳୀଗୁଡ଼ିକ ମଧ୍ୟରୁ ଅଟନ୍ତି ଏବଂ ସେମାନେ ଏକ ଗୀତ ଗାଉଥିଲେ:

> ମୁଁ ସେହି ବଡ ପୁରୁଣା ରାଜପଥରେ ଚାଲୁଅଛି,
> ମୁଁ ଯେଉଁଆଡକୁ ବି ଯାଏ ଏହା କହିଥାଏ,

ମୁଁ ତ ବରଂ ଏକ ପୁରୁଣା-କାଳିଆ ଖ୍ରୀଷ୍ଟିଆନ ହେବି, ପ୍ରଭୁ,
ଏହା ଅପେକ୍ଷାକି ଯାହା ମୁଁ ଜାଣେ ।

68 ଉତ୍ତମ । ଅଦ୍ଭୁତ । ଏବଂ ତାହାପରେ ସେମାନେ ପବିତ୍ରତାର ରାଜମାର୍ଗ ବିଷୟରେ କଥାବାର୍ତ୍ତା କରୁଥିଲେ । ତେବେ, ଯଦି ଆପଣ ତାହା ଉପରେ ପାଠ କରିବେ, ସେମାନେ ତାହାକୁ ଯିଶାଇୟ, ତାର ୩୫ତମ ପର୍ବ ଠାରୁ ପାଇଥାଆନ୍ତି । ତେବେ, ଯଦି ଆପଣମାନେ ଧ୍ୟାନ ଦେବେ, ସେ କହିଥିଲେ, "ଏକ ରାଜମାର୍ଗ ରହିବ, ଏବଂ ଏକ ମାର୍ଗ ରହିବ ।"

69 ତେବେ, ଏବଂ ଏକ ସଂଯୁକ୍ତାକ୍ଷର ଅଟେ । ବୁଝିଲେ? ଏକ ରାଜମାର୍ଗ, ଏହା ପବିତ୍ରତାର ରାଜମାର୍ଗ ନ ଥିଲା । "ଏହା ଏକ ରାଜମାର୍ଗ, ଏବଂ ଏକ ମାର୍ଗ ହେବ, ଏବଂ ଏହାକୁ, 'ପବିତ୍ରତାର ମାର୍ଗ,' ବୋଲି କୁହାଯିବ" ପବିତ୍ରତାର ରାଜମାର୍ଗ ବୋଲି ନୁହେଁ । "ପବିତ୍ରତାର ମାର୍ଗ!" ଏବଂ ରାସ୍ତାର ମାର୍ଗ ହେଉଛି ରାସ୍ତାର ମଧ୍ୟଭାଗ । ଏହା ଏହିପରି ଭାବରେ ନିର୍ମିତ ହୋଇଥାଏ ଯେପରିକି ସେହି ଜଳ ଉଭୟ ପାର୍ଶ୍ୱରେ, ଆବର୍ଜନାକୁ ଧୋଇ ଦେବ, ଏବଂ ରାସ୍ତାକୁ ସଫା ରଖିବ । ଯଦି ଆପଣ ନ କରିବେ, ତାହାହେଲେ ଆପଣଙ୍କର ରାସ୍ତାରେ ସବୁବେଳେ, ଛୋଟ ଛୋଟ ଗାଡ଼ମାନ ରହିଥିବ, ଯଦି ଏହା ସଠିକ୍ ଭାବରେ ନିର୍ମାଣ ନ ହୋଇଥାଏ । "ସେହି ମାର୍ଗ" ହେଉଛି ରାସ୍ତାର ମଧ୍ୟଭାଗ ।

70 ତେବେ, ଏହି ପାର୍ଶ୍ୱରେ, ଯେତେବେଳେ ଲୋକମାନେ ପରିବର୍ତ୍ତିତ ହୁଅନ୍ତି, ସେମାନଙ୍କର ମନଗୁଡିକ ଠିକ ଖ୍ରୀଷ୍ଟଙ୍କ ଉପରେ ଲାଗି ରହିଥାଏ । ଏବଂ ଯଦି ସେମାନେ ଅଳ୍ପ ଟିକିଏ ପଣ୍ଡିତ ଥାଆନ୍ତି, ଏବଂ ପ୍ରାର୍ଥନା ଅଧୀନରେ ନ ରହିଥାଆନ୍ତି, ତାହାହେଲେ ସେମାନେ ପ୍ରକୃତରେ ଥଣ୍ଡା, ଏବଂ କଠିନ, ଏବଂ ଟାଣୁଆ, ଓ ଉଦାସୀନ ହୋଇଯିବେ । ଏବଂ ତାହାପରେ ଯଦି ସେମାନେ ଟିକେ ଅଧୀର ଥାଆନ୍ତି, ଯଦି ଆପଣ ଲକ୍ଷ୍ୟ ନ କରନ୍ତି, ତାହାହେଲେ ସେମାନେ *ଏହି ପାର୍ଶ୍ୱ*ରେ, କେବଳ ମୌଳିକବାଦୀ ଏବଂ ପ୍ରଚଣ୍ଡ ହୋଇଯିବେ, ଦେଖନ୍ତୁ, ସେମାନେ ସମ୍ବେଦନାଗୁଡିକରେ ଏବଂ ସବୁକିଛି ଭିତରକୁ ଚାଲିଯିବେ ।

71 ତେବେ, ମାତ୍ର, ସେହି ପ୍ରକୃତ ମଣ୍ଡଳୀ ହେଉଛି ରାସ୍ତାର ମଧ୍ୟ ଭାଗରେ, ଏକ ପ୍ରକୃତ ଜ୍ଞାନବାନ ସୁସମାଚାର ଅଟେ । ଏହା ଶୀତଳ ଏବଂ ଟାଣୁଆ ନୁହେଁ, କିଅବା ଏହା ଧର୍ମୋନ୍ମତ୍ତତା ନୁହେଁ । ଏହା ତ ଏକ ପ୍ରକୃତ ଭଲ, ପୁରୁଣା, ଉଷ୍ମ ସୁସମାଚାର, ପରମେଶ୍ୱରଙ୍କ ହୃଦୟ-ସ୍ପର୍ଶୀ ପ୍ରେମ ଅଟେ, ଯାହାକି ରାସ୍ତାର ଠିକ ମଧ୍ୟ ଭାଗରେ ଯାଉଥାଏ, ଏବଂ ଉଭୟ ପାର୍ଶ୍ୱରୁ ଡାକୁଥାଏ । ତାହା ଠିକ୍ ଅଟେ । ତେବେ ତାହାହିଁ ଅଟେ ଯାହାକି ହେଉଛି…ଏବଂ ଆପଣ କିପରି ସେହି ମଣ୍ଡଳୀକୁ ପାଇବାକୁ ଯାଉଛନ୍ତି? ଠିକ୍ ସେହି ବାକ୍ୟ, ସେହି ଉରିମ୍ ଥୁମ୍ମିମ୍‌ରୁ ।

72 ତେବେ, ପାଉଲ ଏହି ମଣ୍ଡଳୀକୁ ରାସ୍ତାର ଠିକ ମଧ୍ୟ ଭାଗରେ ନେଇ ଆସିବାକୁ ଚାହୁଁଥିଲେ, ତେଣୁକରି ସେ ଗଲେ ଏବଂ ସେ ଜାଣିଥିବା ଶାସ୍ତ୍ର ଉପରେ ତିନି ବର୍ଷ କାଳ ଅଧ୍ୟୟନ କରିଥିଲେ । ଅତଏବ, ପାଉଲ ଏହି ନୂତନ ନିୟମର ବଡ଼ ଅଂଶ ଲେଖିଥିଲେ । ପରମେଶ୍ୱର ହିଁ ତାଙ୍କୁ ସେହିପରି କରାଇଥିଲେ କାରଣ ଏକ ବିଜାତୀ ଯୁଗ ଆସୁଥିଲା ।

ମାଥିଉ, ମାର୍କ, ଲୂକ, ଏବଂ ଯୋହନ, ସେହି ଚାରୋଟି ସୁସମାଚାର, ସେମାନେ ଯିହୂଦୀ ଥିଲେ । ମାତ୍ର ପାଉଲ ଅଧିକାଂଶ ଚିଠାଉଗୁଡିକ ଲେଖିଥିଲେ ।

73 ବର୍ତ୍ତମାନ ଧ୍ୟାନ ଦିଅନ୍ତୁ, ତେବେ, ଆମେ ବର୍ତ୍ତମାନ ଏହି ପୃଷ୍ଠଭୂମି ଉପରେ ଆରମ୍ଭ କରିବାକୁ ଯାଉଅଛୁ, ଯେ ସେ କେଉଁଠାରେ ଅଛନ୍ତି, କାରଗାରରୁ, ଏହାକୁ ଲେଖୁଛନ୍ତି । ଏବଂ ତାଙ୍କର ଏହି ସମସ୍ତ ଅଭିଜ୍ଞତା ରହିଥିଲା । ମାତ୍ର, ପ୍ରଥମରେ, ଏହି ଅଭିଜ୍ଞତାକୁ ପ୍ରଥମେ ପ୍ରମାଣିତ କରାଗଲା, ଏବଂ ତାହା ପ୍ରତି ଏହା ହେଉଛି ତାଙ୍କର ପ୍ରମୁଖ ଚିଠି । ଏହା ତାଙ୍କର ପ୍ରମୁଖ ଚିଠି ଅଟେ । ରୋମୀୟ ଏବଂ ଏଫିସୀୟ, ଏବଂ ପ୍ରଭୃତି ସବୁ, ସେମାନଙ୍କର ସ୍ଥାନ ରହିଅଛି, ମାତ୍ର ଏହା ହେଉଛି ସେହି ମୁଖ୍ୟ ଚିଠି ।

74 ତେବେ, ସମଗ୍ର 1ମ ପର୍ବଟି ଯୀଶୁଙ୍କୁ ଉନ୍ନତ *କରିବା* ଅଟେ, ଏବଂ ତାହାଙ୍କୁ ଜଣେ ଭବିଷ୍ୟଦ୍‌ବକ୍ତା ହେବାଠାରୁ ପୃଥକ କରିବା ଅଟେ । ତେବେ ତାହାହିଁ ସମଗ୍ର ପ୍ରସଙ୍ଗ ଅଟେ । ମୁଁ ବର୍ତ୍ତମାନ ଯଥା ଶୀଘ୍ର ଏହା ପାଖକୁ ପହଞ୍ଚିବାକୁ ଚେଷ୍ଟା କରିବି, ଯେଣୁ ଆମେ ଅଧିକ ସମୟ ଧରି ନ ରହୁ । ସମଗ୍ର ପ୍ରସଙ୍ଗଟି ନୂତନ ପର୍ବକୁ ଅଲଗା କରୁଥାଏ-...ନୂତନ...ପ୍ରଥମ ପର୍ବଟି ଯୀଶୁଙ୍କୁ କୌଣସି ଭବିଷ୍ୟଦ୍‌ବକ୍ତାଙ୍କଠାରୁ ପୃଥକ *କରିବା* ଅଟେ, କିମ୍ବା କୌଣସି ବ୍ୟବସ୍ଥାଠାରୁ, କିମ୍ବା ଅନ୍ୟାନ୍ୟ ବିଷୟଠାରୁ ପୃଥକ୍ କରିବା ଅଟେ, ଏବଂ ଏହା ଦେଖାଇବା ଅଟେ ଯେ ଯୀଶୁ କିଏ ଅଟନ୍ତି । ତେବେ ଦେଖନ୍ତୁ, "ପରମେଶ୍ୱର ।" ଆମେ ଆରମ୍ଭ କରୁ, ପ୍ରଥମ ଶବ୍ଦଟି, "ପରମେଶ୍ୱର ।"

> *ପରମେଶ୍ୱର,* ପୁରା-...*ପୁରାକାଳରେ ବିଭିନ୍ନ ଭାଗରେ...*

*ପୁରାକାଳରେ* ଅର୍ଥ ହେଉଛି "ପୁରାତନ ସମୟରେ," ପଶ୍ଚାତ ସମୟରେ ।

> ...*ପୁରାକାଳରେ ବିଭିନ୍ନ ଭାଗରେ ଓ ବିଭିନ୍ନ ପ୍ରକାରେ ଭାବବାଦୀମାନଙ୍କ ଦ୍ୱାରା ପିତୃପୁରୁଷମାନଙ୍କୁ କଥା କହି,*

75 ତେବେ, ଦେଖନ୍ତୁ, "ପରମେଶ୍ୱର, ପୁରାକାଳରେ, ପଶ୍ଚାତ ସମୟରେ, ସେ ଭବିଷ୍ୟଦ୍‌ବକ୍ତାମାନଙ୍କ ଦ୍ୱାରା ପିତୃପୁରୁଷମାନଙ୍କୁ କଥା କହିଥିଲେ ।" ଏହିପରି ଭାବରେ ହିଁ ତାହାଙ୍କୁ ତାଙ୍କର ବାର୍ତ୍ତା ଦେବାକୁ ପଡିଥିଲା, ତାଙ୍କର ଭବିଷ୍ୟଦ୍‌ବକ୍ତାଙ୍କ ମାଧ୍ୟମରେ ।

76 ପରମେଶ୍ୱର ନିଜର ଭବିଷ୍ୟଦ୍‌ବକ୍ତା ଯଥା ଏଲିୟ, ଯିରିମିୟ, ଯିଶାଇୟଙ୍କୁ ପ୍ରେରଣ କରିଥିଲେ । ଏବଂ ଯଦି ଆପଣମାନେ ଧ୍ୟାନ ଦେବେ, ଜଗତର ସମସ୍ତ ଇତିହାସରେ, କେବେ ବି ସେହି ମଣ୍ଡଳୀ ଜଣେ ଭବିଷ୍ୟଦ୍‌ବକ୍ତାଙ୍କୁ ସୃଷ୍ଟି କରି ନ ଥିଲା । ଏହାକୁ ପୁରାତନ ନିୟମରେ, ନୂତନ ନିୟମରେ, କିମ୍ବା ଏହି ଦିନରେ, ଏହି ଶେଷ ଦିନରେ ଖୋଜି ଦେଖନ୍ତୁ । ମୋତେ ଦେଖାନ୍ତୁ ଯେ କେବେ କୌଣସି ଏକ ଭବିଷ୍ୟଦ୍‌ବକ୍ତା ଶେଷ ଦିନରେ ସେହି ମଣ୍ଡଳୀରୁ ଉଠିଥିଲେ । ମୋତେ ଦେଖାନ୍ତୁ ଯେ ଯଦି କେହି ଜଣେ କେବେ, ବାହାରି ଆସିଥିଲେ କି । ଏବଂ ମୋତେ ଦେଖାନ୍ତୁ ଯେ ଏପରି କୌଣସି ସମୟରେ ଜଣେ ଭବିଷ୍ୟଦ୍‌ବକ୍ତା, ପରମେଶ୍ୱରଙ୍କ ଜଣେ ପ୍ରକୃତ ସେବକ, ଯାହାକି ଏହି ଜଗତର ଧର୍ମଶାସ୍ତ୍ରୀୟ ବ୍ୟବସ୍ଥା ତାଙ୍କୁ ନିନ୍ଦା କରି ନ ଥିଲା ।

77 କେବଳ ଏହା ବିଷୟରେ ଚିନ୍ତା କରନ୍ତୁ। ଯିରିମିୟ, ଯିଶାଇୟ, ସମସ୍ତ ପୁରାତନ ନିୟମ ଦେଇ, ସେମାନେ ଏହାକୁ ନିନ୍ଦା କରିଥିଲେ। ଯୀଶୁ କହିଥିଲେ, “ତୁମ୍ଭେ ଭବିଷ୍ୟଦ୍‌ବକ୍ତାମାନଙ୍କର ସମାଧିଗୁଡ଼ିକୁ ସଜାଇ ସେମାନଙ୍କୁ ସୁଶୋଭିତ କର, ଏବଂ ତୁମେ ହିଁ ସେମାନଙ୍କୁ ସେଠାରେ ରଖିଅଛ।” ତାହା ଠିକ୍ ଅଟେ।

78 ମଣ୍ଡଳୀ ତାହା ଜାରି ରଖିଛି। ସାଧୁ ପାଟ୍ରିକଙ୍କୁ ଦେଖନ୍ତୁ। ଆପଣ କ୍ୟାଥୋଲିକ୍ ଲୋକମାନେ ତାଙ୍କୁ ଦାବି କରନ୍ତି। ସେ ମୋଠାରୁ ଅଧିକ କ୍ୟାଥୋଲିକ୍ ନୁହଁନ୍ତି। ତାହା ଠିକ୍ ଅଟେ। ମାତ୍ର ଆପଣ ତାଙ୍କୁ ଦାବି କରନ୍ତି।

79 ଆସିସିର ସାଧୁ ଫ୍ରାନ୍ସିସ୍‌ଙ୍କୁ ଦେଖନ୍ତୁ। ତାଙ୍କୁ ଦାବି କରନ୍ତି। ସେ ମୋଠାରୁ ଅଧିକ କ୍ୟାଥୋଲିକ୍ ନୁହଁନ୍ତି।

80 ଜୋଆନ୍ ଅଫ୍ ଆର୍କକୁ ଦେଖନ୍ତୁ। ଆପଣ ତାଙ୍କୁ ଯାଦୁକର ଭାବି, ଏକ କାଠ ଗଣ୍ଡିରେ ବାନ୍ଧି ପୋଡି ଦେଇଥିଲେ, କାରଣ ସେ ଦର୍ଶନ ଦେଖୁଥିଲେ ଏବଂ ଆତ୍ମିକ ଥିଲେ। ତାଙ୍କୁ ଏକ କାଠ ଗଣ୍ଡିରେ ବାନ୍ଧି ପୋଡି ଦେଇଥିଲେ। ଏବଂ ସେହି ସ୍ତ୍ରୀ ଦୟା ପାଇଁ ଚିତ୍କାର କରୁଥିଲେ, ଏବଂ ସେମାନେ ତାଙ୍କୁ ଏକ କାଠ ଗଣ୍ଡିରେ ବାନ୍ଧି ପୋଡି ଦେଇଥିଲେ। ପ୍ରାୟଃ ଶହେ ବର୍ଷ ଉତ୍ତାରେ, ସେମାନେ ଜାଣିବାକୁ ପାଇଲେ ଯେ ସେ ଜଣେ ଭବିଷ୍ୟଦ୍‌ବକ୍ତ୍ରି ଥିଲେ। ସେ ପରମେଶ୍ୱରଙ୍କର ଜଣେ ଦାସୀ ଥିଲେ। ଓଃ, ଅବଶ୍ୟ, ଆପଣମାନଙ୍କୁ ଏକ ବଡ଼ ଦଣ୍ଡ ଦେବାକୁ ପଡିଥିଲା: ଆପଣ ପୁରୋହିତମାନଙ୍କର ଶବକୁ ଖୋଳି ତାକୁ ନଦୀରେ ଫିଙ୍ଗି ଦେଲେ।

81 “ତୁମ୍ଭେ ଭବିଷ୍ୟଦ୍‌ବକ୍ତାମାନଙ୍କ ସମାଧିକୁ ସୁଶୋଭିତ କରିଥାଅ, ଏବଂ ସେମାନଙ୍କୁ ସେଠାରେ ରଖିଥାଅ।” ଠିକ୍। ସେହି ଧର୍ମଶାସ୍ତ୍ରୀୟ ବ୍ୟବସ୍ଥା କେବେବି ପରମେଶ୍ୱରଙ୍କର ଜଣେ ଲୋକକୁ ଉତ୍ପନ୍ନ କରି ନାହିଁ; କେବେ ବି କରି ନାହିଁ, ଆଜି ପର୍ଯ୍ୟନ୍ତ ନୁହେଁ, ଏବଂ ଆଗକୁ ମଧ୍ୟ କେବେବି କରିବ ନାହିଁ। ସଂଗଠିତ ଧର୍ମ କେବେବି ପରମେଶ୍ୱରଙ୍କ ବିଷୟ ହୋଇନାହିଁ।

82 ଜଗତର ସବୁଠୁ ପୁରାତନ ସଂଗଠିତ ମଣ୍ଡଳୀ ହେଉଛି କ୍ୟାଥୋଲିକ୍ ମଣ୍ଡଳୀ; ଲୁଥର୍, ଦ୍ୱିତୀୟ; ତାହାପରେ ଜ୍ୱିଙ୍ଗଲି ଆସନ୍ତି; ଜ୍ୱିଙ୍ଗଲି ପରେ, କାଲ୍‌ଭିନ୍ ଆସନ୍ତି; କାଲ୍‌ଭିନ୍, ପରେ, ସେହି ଆଙ୍ଗଲିକାନ୍, ତାହାପରେ ଆଙ୍ଗ୍ଲୋ-ସାକ୍ସନ୍‌ମାନେ ଆସନ୍ତି, ତାହାପରେ ଆଙ୍ଗଲିକାନ୍ ମଣ୍ଡଳୀ; ଏବଂ ରାଜା ହେନ୍‌ରୀ ଅଷ୍ଟମ, ଯେତେବେଳେ ସେ ବିରୋଧ କରିଥିଲେ, ଇତ୍ୟାଦି ସବୁ କରିଥିଲେ; ଏବଂ ତାହାପରେ ତଳକୁ ୱେସଲି ମେଥୋଡିଷ୍ଟ, ଏବଂ ନାଜରୀନ୍‌ମାନେ, ପିଲ୍‌ଗ୍ରିମ୍ ହୋଲୀନେସ୍ ପର୍ଯ୍ୟନ୍ତ; ଏବଂ ତାହାପରେ ଶେଷକୁ, ପେଣ୍ଟିକଷ୍ଟାଲ୍ ଅଛି, ସମସ୍ତେ ସଂଗଠିତ ଅଟନ୍ତି। ଏବଂ ବାଇବଲ ସ୍ପଷ୍ଟ ଭାବରେ ଶିକ୍ଷା ଦିଏ ଯେ କ୍ୟାଥୋଲିକ୍ ମଣ୍ଡଳୀ ହେଉଛି ଜଣେ—ଜଣେ କୁ-ଖ୍ୟାତୀ ପ୍ରାପ୍ତ ସ୍ତ୍ରୀଲୋକ, ଏବଂ ପ୍ରୋଟେଷ୍ଟାଣ୍ଟ ମଣ୍ଡଳୀ ଓ ସେମାନଙ୍କର ସଂଗଠନଗୁଡ଼ିକ ତାଙ୍କର କନ୍ୟାଗଣ ଅଟନ୍ତି, ପ୍ରକାଶିତ ବାକ୍ୟ 17। ତାହା ଅବିକଳ ଠିକ୍ ଅଟେ। ତେଣୁକରି ସେମାନେ...

83 ତେବେ, ସେହି ଲୋକମାନେ ନୁହଁନ୍ତି। ସେହି ସମସ୍ତ ମଣ୍ଡଳୀଗୁଡିକରେ ଭଲ

ଲୋକମାନେ ଅଛନ୍ତି; ସାଧୁ, ଉଦ୍ଧାରପ୍ରାପ୍ତ ଲୋକମାନେ। ମାତ୍ର ପରମେଶ୍ୱର ଆପଣା ଲୋକମାନଙ୍କୁ ଏକ ସଂସ୍ଥା ଦ୍ୱାରା ଡାକନ୍ତି ନାହିଁ। ସେ ସେମାନଙ୍କୁ ବ୍ୟକ୍ତିଗତ ଭାବରେ ଡାକନ୍ତି। ପରମେଶ୍ୱର ବ୍ୟକ୍ତିବିଶେଷଙ୍କ ସହିତ ବ୍ୟବହାର କରନ୍ତି, ଯାଏ ଆସେ ନାହିଁ ଯେ ଆପଣ ଜଣେ ମେଥୋଡିଷ୍ଟ, ବାପ୍ଟିଷ୍ଟ, ପ୍ରୋଟେଷ୍ଟାଣ୍ଟ ଏବଂ କ୍ୟାଥୋଲିକ୍, କିମ୍ବା ଆପଣ ଯାହା କିଛି ବି ହୁଅନ୍ତୁ। ପରମେଶ୍ୱର, ଜଗତ ପତ୍ତନାବଧିରୁ, ଆପଣଙ୍କୁ ଜାଣିଥିଲେ, ଏବଂ ଆପଣଙ୍କୁ ଅନନ୍ତ ଜୀବନ ପାଇଁ ପୂର୍ବନିରୂପିତ କରିଥିଲେ, କିମ୍ବା ଆପଣ ଅନନ୍ତ ବିନାଶ ପାଇଁ ପୂର୍ବନିରୂପିତ ହୋଇଥିଲେ। ନୁହେଁ ଯେ...

84 ସେ ଇଚ୍ଛା କରନ୍ତି ନାହିଁ ଯେ ଆପଣ ବିନଷ୍ଟ ହୁଅନ୍ତୁ, ଆପଣ ବିନଷ୍ଟ ହୋଇଯାଆନ୍ତୁ। ମାତ୍ର, ସେ ଅସୀମ ହୋଇଥିବା ହେତୁରୁ, ତାହାଙ୍କୁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଜାଣିବାକୁ ଥିଲା, ନତୁବା ସେ ପରମେଶ୍ୱର ନୁହଁନ୍ତି। ତେଣୁ ଯୀଶୁ ପୃଥିବୀକୁ ଠିକ ଏହା କହିବା ପାଇଁ ଆସି ନ ଥିଲେ, "ତେବେ, ମୁଁ ଦେଖିବି ଯଦି କେହି ଦୟା କରିବେ କି...ଯଦି ମୁଁ କଠିନ ଉପାୟରେ, ଆଚରଣ କରେ ଏବଂ ମରିଯାଏ, ସେମାନେ ବୋଧହୁଏ ଚିନ୍ତା କରିବେ, 'ତେବେ, ମୁଁ...' ଏହା—ଏହା ସେମାନଙ୍କର ହୃଦୟକୁ ପ୍ରବର୍ତ୍ତାଇବ, ଏବଂ ସେମାନେ କରିବେ..." ପରମେଶ୍ୱର ତାହାଙ୍କର ବ୍ୟବସାୟକୁ ସେହିପରି ଭାବରେ କାର୍ଯ୍ୟକାରୀ କରନ୍ତି ନାହିଁ।

85 ଯୀଶୁ ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ଆସିଥିଲେ, ତାହା ହେଉଛି, ସେମାନଙ୍କୁ ଉଦ୍ଧାର କରିବା ପାଇଁ ଯେଉଁମାନଙ୍କୁ କି ପରମେଶ୍ୱର, ଜଗତ ପତ୍ତନାବଧିରୁ, ଜାଣିଥିଲେ ଯେ ସେମାନେ ଉଦ୍ଧାର କରାଯିବେ। ସେ ଏହା କହିଥିଲେ। ତାହା ଠିକ୍ ଅଟେ। ତେଣୁକରି ଆପଣ..."ଯିଏ ଇଚ୍ଛା କରେ, କିମ୍ବା ଯିଏ ପରିଶ୍ରମ କରେ ଏହା ସେହି ବ୍ୟକ୍ତି ନୁହେଁ; ଏହା ତ ପରମେଶ୍ୱର ଯିଏକି ଦୟା କରନ୍ତି।" ପାଉଲ ତାହା କହିଥିଲେ। ସମାନ ବ୍ୟକ୍ତି ଏଠାରେ।

86 ସେ କହିଥିଲେ, "ସେହି କାରଣ ଯୋଗୁଁ ପରମେଶ୍ୱର ଏହା କହି ପାରିଥିଲେ, ଏହା ପୂର୍ବେକି ଏଷୌ କିମ୍ବା ଯାକୁବ ଜନ୍ମ ସୁଦ୍ଧା ହୁଅନ୍ତେ, ସେ କହିଥିଲେ, 'ମୁଁ ଜଣକାକୁ ପ୍ରେମ କରେ ଏବଂ ଅନ୍ୟକୁ ଘୃଣା କରେ।'" ଉଭୟ ସନ୍ତାନ ଜନ୍ମ ହେବା ପୂର୍ବରୁ, ପରମେଶ୍ୱର ଜାଣିଥିଲେ ଯେ ଏଷୌ ଜଣେ ଲାଜକୁଳି ବାଳକ ଥିଲେ, ଏବଂ ଏହା ମଧ୍ୟ ସେ ଜାଣିଥିଲେ ଯେ ଯାକୁବ ଜଣେ... ସେ ତାଙ୍କର ଜନ୍ମ ଅଧିକାରକୁ ଭଲ ପାଇବେ। ତେଣୁ ଜଗତ ସୃଷ୍ଟି ହେବା ପୂର୍ବରୁ, ସେ ଏହା ବିଷୟରେ, ଜାଣିଥିଲେ। ତେବେ, ଆମେମାନେ ଗୋଟିଏ ମିନିଟରେ ଏହା ଖୋଜି ପାଇବାକୁ ଯାଉଅଛୁ ଯେ ସେ କିଏ ଥିଲେ ଯିଏକି ଏହା ଜାଣିଥିଲେ। ଏହି ପର୍ବରେ ତାହା ରହିଛି।

> ପରମେଶ୍ୱର,...*ପୂରାକାଳରେ ବିଭିନ୍ନ ଭାଗରେ ଓ ବିଭିନ୍ନ ପ୍ରକାରେ... ଭାବବାଦୀମାନଙ୍କ ଦ୍ୱାରା ପିତୃପୁରୁଷମାନଙ୍କୁ କଥା କହି,*
>
> *ଏହି ଶେଷକାଳରେ ପୁତ୍ରଙ୍କ ଦ୍ୱାରା ଆମ୍ଭମାନଙ୍କୁ କଥା କହିଅଛନ୍ତି,...*

କଅଣ କରିଛନ୍ତି? "ଆପଣା ପୁତ୍ରଙ୍କ ଦ୍ୱାରା ଏହି ଶେଷକାଳରେ ଆମ୍ଭମାନଙ୍କୁ କଥା କହିଅଛନ୍ତି।"

87 ତେବେ, ଆପଣ କିପରି ଭାବରେ ଏହା ଚିନ୍ତା କରନ୍ତି, ଯେ, ଜଣେ ଭବିଷ୍ୟଦ୍‌ବକ୍ତା କଅଣ ହେବେ? ତେବେ କଅଣ ଆମ ପାଖରେ ଏହି ଦିନର ଜଣେ ଭବିଷ୍ୟଦ୍‌ବକ୍ତା ରହିବେ କି? ଅବିକଳ ଭାବେ । କଅଣ ସେ ଆମ ଦ୍ୱାରା କଥା ହେବେ କି? ନିଶ୍ଚିତରେ । ମାତ୍ର ସେ ଯେ... ପୁରାତନ କାଳର ଭବିଷ୍ୟଦ୍‌ବକ୍ତାମାନେ ଯୀଶୁ ଖ୍ରୀଷ୍ଟଙ୍କର ଆତ୍ମା ଥିଲେ ।

88 ତେବେ, ଆସନ୍ତୁ ଏହାକୁ ସଳଖ କରିବା, କାରଣ ମୁଁ ଭାବୁ ନାହିଁ ଯେ ଏହା ଠିକ୍ ଭାବରେ ନିମଜ୍ଜିତ ହେଉଅଛି । ତେବେ, ଏହା ଠିକ ରବିବାର ଶ୍ରେଣୀ ପରି ଅଟେ, ତେଣୁ ଆମେ ଏହାକୁ ସ୍ପଷ୍ଟ କରିବାକୁ ଚାହୁଁଅଛୁ । ବୁଝିଲେ?

89 ଧ୍ୟାନ ଦିଅନ୍ତୁ । ଆସନ୍ତୁ ପରମେଶ୍ୱରଙ୍କ ଆତ୍ମାକୁ ନେବା ଯାହାକି ମୋଶାଙ୍କଠାରେ ଥିଲା, ସିଦ୍ଧ ରୂପେ...ଯୀଶୁ ଖ୍ରୀଷ୍ଟଙ୍କର ପ୍ରତିଚ୍ଛାୟା ଥିଲା । ସମସ୍ତ ପୁରାତନ ନିୟମ ଚରିତ୍ରଗୁଡ଼ିକ କ୍ରୁଶର ପ୍ରତିଚ୍ଛାୟା ଥିଲେ । ମୋଶା, ଏକ ବିଚିତ୍ର ସନ୍ତାନ ଭାବରେ ଜନ୍ମଗ୍ରହଣ କରିଥିଲେ, ନଳବଣରେ ଲୁଚା ଯାଇଥିଲେ, ଆପଣା ପିତାମାତାଙ୍କଠାରୁ ପୃଥକ କରା ଯାଇଥିଲେ, ପ୍ରଭୃତି ସବୁ, ଏବଂ ଥିଲେ...ସେ ଜଣେ ରାଜା ଥିଲେ, କିମ୍ବା ଜଣେ—ଜଣେ ନେତା, ବ୍ୟବସ୍ଥା-ପ୍ରଦାନକାରୀ, ମଧ୍ୟସ୍ଥି, ପୁରୋହିତ ଥିଲେ । ସେ ଯାହାକିଛି ସବୁ ଥିଲେ ଖ୍ରୀଷ୍ଟଙ୍କର ପ୍ରତିଚ୍ଛାୟା ଥିଲା ।

90 ଯୋଷେଫଙ୍କୁ ଦେଖନ୍ତୁ, ଆପଣା ପିତାଙ୍କ ଦ୍ୱାରା ପ୍ରେମ କରା ଯାଇଥିଲେ, ଭାଇମାନଙ୍କ ଦ୍ୱାରା ଘୃଣା କରା ଯାଇଥିଲେ, ଏବଂ ପ୍ରାୟଃ ତିରିଶ ରୂପା ମୂଲ୍ୟରେ ବିକ୍ରୟ କରା ଯାଇଥିଲେ । ଏକ ଗର୍ତ୍ତରେ ଫୋପାଡି ଦିଆ ଯାଇଥିଲେ, ମୃତ ବୋଲି ଅନୁମାନ କରା ଯାଇଥିଲେ; ବାହାରକୁ କଢା ଯାଇଥିଲେ । ତାଙ୍କର ନିର୍ଯ୍ୟାତନାରେ, ପାନପାତ୍ର ବାହକ ରକ୍ଷା କରା ଯାଇଥିଲେ, ଏବଂ କଂସାଇ ପ୍ରାଣ ହରାଇଥିଲେ; କ୍ରୁଶରେ ଥିବା ଦୁଇଟି ଚୋର ପରି । ଏବଂ ଯେତେବେଳେ ସେ ବାହାରକୁ ଆସିଲେ, ସେ ସେହି ଗର୍ତ୍ତରୁ ଉଠି ଆସିଥିଲେ, ଏବଂ ଫାରୋଙ୍କ ଡାହାଣ ପଟେ ବସା ଯାଇଥିଲେ, ସବୁଠାରୁ ବଡ ବ୍ୟବସାୟିକ...ସେହି—ସେହି—ସେହି ରାଷ୍ଟ୍ର ଯିଏକି ପୃଥିବୀର ସମସ୍ତ ଅବଶିଷ୍ଟ ଦେଶଗୁଡିକ ଉପରେ କର୍ତ୍ତୃତ୍ୱ କରୁଥିଲା । ଏବଂ କୌଣସି ବ୍ୟକ୍ତି ଫାରୋଙ୍କ ନିକଟକୁ ଆସିପାରୁ ନ ଥିଲେ ଯେପର୍ଯ୍ୟନ୍ତକି ସେମାନେ ଯୋଷେଫଙ୍କ ଦେଇ ନ ଆସନ୍ତି; ଯୀଶୁ ପରମେଶ୍ୱରଙ୍କ ଡାହାଣ ପଟେ ବସିଥିଲେ, ଏବଂ କୌଣସି ବ୍ୟକ୍ତି ପରମେଶ୍ୱରଙ୍କ ନିକଟକୁ ଆସିପାରନ୍ତି ନାହିଁ ଯେପର୍ଯ୍ୟନ୍ତକି ସେ ଖ୍ରୀଷ୍ଟଙ୍କ ଦେଇ ନ ଆସିବେ । ଏବଂ ଯେତେବେଳେ ଯୋଷେଫ ସେହି ସିଂହାସନକୁ ଛାଡି ବାହାରୁଥିଲେ, ଲୋକମାନେ ତାଙ୍କ ସମ୍ମୁଖରେ, ଚିତ୍କାର କରି ଏବଂ ତୂରୀବାଦ୍ୟ କରି ଯାଉଥିଲେ, ତୂରୀ ବଜାଇ ଏହା ଘୋଷଣା କରୁଥିଲେ, କହୁଥିଲେ, "ଆଣ୍ଠୁପାତ କରି ପ୍ରଣାମ କର! ଯୋଷେଫ ଆସୁଅଛନ୍ତି ।"

91 ଏବଂ ଯେତେବେଳେ ଯୀଶୁ ଆସିବେ, ଗୋଟିଏ ତୂରୀଶବ୍ଦ ହେବ, ଏବଂ ପ୍ରତ୍ୟେକେ ଆଣ୍ଠୁପାତ କରି ପ୍ରଣାମ କରିବେ, ଏବଂ ପ୍ରତ୍ୟେକ ଜିହ୍ୱା ସ୍ୱୀକାର କରିବେ । ହଁ, ଆଜ୍ଞା । ସେଠାରେ ସେ ଥିଲେ ।

92 ଏବଂ ଯେତେବେଳେ ଯୋଷେଫଙ୍କର ମୃତ୍ୟୁ ହେଲା, ସେ ସେହି ଲୋକମାନଙ୍କ ପାଇଁ

ଏକ ସ୍ମାରକ ଛାଡି ଦେଇ ଗଲେ ଯେଉଁମାନେ କି ଉଦ୍ଧାର ପାଇଁ ଅପେକ୍ଷା କରି ରହିଥିଲେ ।

93 ଅଧିକ ଦିନ ହୋଇ ନାହିଁ, ମୁଁ ସେହି ପୁରୁଣା ଶବପେଡି ଉପରେ ହାତ ରଖିଥିଲି, ଏହା ଶୀଶାରୁ ତିଆରି ହୋଇଥିଲା । ଏବଂ ତାଙ୍କ ଶରୀରକୁ ସମ୍ଭବତଃ ରହିବାର ଥିଲା…ତାଙ୍କର ଅସ୍ଥି…କହିଥିଲେ, "ତୁମେମାନେ ମୋତେ ଏଠାରେ ସମାଧି ଦେବ ନାହିଁ, କାରଣ କୌଣସି ଦିନେ, ପରମେଶ୍ୱର ତୁମମାନଙ୍କୁ ଦେଖା କରିବାକୁ ଯାଉଛନ୍ତି ।" ସେ ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ । "ପରମେଶ୍ୱର ତୁମମାନଙ୍କୁ ପରିଦର୍ଶନ କରିବାକୁ ଯାଉଛନ୍ତି ।" ଏବଂ କହିଥିଲେ, "ଯେତେବେଳେ ତୁମେ ପ୍ରତିଜ୍ଞାତ ଦେଶକୁ ଯାଅ, ମୋର ଅସ୍ଥିଗୁଡିକୁ ସଙ୍ଗରେ ଘେନି ନେଇଯିବ ।"

94 ପ୍ରତ୍ୟେକ ପୁରୁଣା ଏବ୍ରୀ ଲୋକମାନେ, ଏକ କ୍ଷତ ବିକ୍ଷତ ଏବଂ ରକ୍ତାକ୍ତ ପିଠି ସହିତ, ସେହି ଶବପେଡିକୁ ଦେଖି କହି ପାରୁଥିଲେ, "କୌଣସି ଦିନ, ଆମେମାନେ ବାହାରି ଯିବାକୁ ଯାଉଅଛୁ ।"

95 ଯୀଶୁ ଏକ ସ୍ମାରକ ନିମନ୍ତେ, ଖାଲି କବର ଛାଡି ଯାଇଥିଲେ । କୌଣସି ଦିନ ଯେତେବେଳେ ଆମେମାନେ ସେହି କବରକୁ ଯିବା, ଏବଂ ଆମର ପ୍ରିୟଜନମାନେ, ଏବଂ ସେହି ଛୋଟ ପୁରୁଣା ମାଟି ଟେଳାଗୁଡିକୁ ଶୁଣିବା, ଯେତେବେଳେ ସେମାନେ କହିବେ, "ପାଉଁଶ ସହ ପାଉଁଶ, ଏବଂ ଧୂଳି ସହ ଧୂଳି, ଏବଂ ମୃତ୍ତିକା ସହ ମୃତ୍ତିକା ମିଶୁ ।" ମାତ୍ର, ହେ ଭାଇ, ଆମେମାନେ ସମୁଦ୍ର ଆରପାରିକୁ, ଗୋଟିଏ ଖାଲି କବରକୁ ଦେଖିପାରୁ । କୌଣସି ଦିନ, ଆମେମାନେ ଏଠାରୁ ବାହାରି ଯିବାକୁ ଯାଉଅଛୁ । ଆମେମାନେ ଘରକୁ ଯାଉଅଛୁ । ସେ ଆସୁଛନ୍ତି । ସବୁକିଛି ପ୍ରତିରୂପରେ ହୋଇଥିଲା ।

96 ଦାଉଦଙ୍କୁ ଦେଖନ୍ତୁ, ନିଜର ଲୋକମାନଙ୍କ ଦ୍ୱାରା ପ୍ରତ୍ୟାଖ୍ୟାନ କରା ଯାଇଥିଲେ, ଆପଣା ନିଜ ଲୋକମାନଙ୍କ ଦ୍ୱାରା ସିଂହାସନଚ୍ୟୁତ କରା ଯାଇଥିଲେ । ଯିରୁଶାଲମର ଜଣେ ରାଜା ହୋଇ ସୁଦ୍ଧା, ସେ ନିଜର ଲୋକମାନଙ୍କ ଦ୍ୱାରା ଯିରୁଶାଲମରୁ ବାହାର କରା ଯାଇଥିଲେ । ଏବଂ ଯେତେବେଳେ ସେ ଜୀତ ପର୍ବତ ଉପରକୁ ଯାଉଥିଲେ, ସେ ପଛକୁ ଚାହିଁ କାନ୍ଦିଥିଲେ । ତାଙ୍କୁ ପ୍ରତ୍ୟାଖ୍ୟାନ କରାଯାଇଥିଲା ।

97 ସେବେଠାରୁ ନେଇ ଆଠ ଶହ ବର୍ଷ ଉତ୍ତାରେ, ଯିରୁଶାଲମର ରାଜା, ଦାଉଦଙ୍କର ସେହି ପୁତ୍ର, ଏକ ପାହାଡ ଉପରେ ବସି କାନ୍ଦିଥିଲେ, କାରଣ ସେ ପ୍ରତ୍ୟାଖ୍ୟାନ କରା ଯାଇଥିଲେ ।

98 ତାହା ଦାଉଦଙ୍କଠାରେ ଖ୍ରୀଷ୍ଟଙ୍କର ସେହି ଆତ୍ମା ଥିଲା । ସମସ୍ତ ବିଷୟ କ୍ରୁଶର ପ୍ରତିରୂପକ ଥିଲା । ସେଠାରେ ପଶ୍ଚାତ ସମୟରେ ସେହି ଭବିଷ୍ୟଦ୍‌ବକ୍ତାମାନେ ତାହାଙ୍କ ନାମରେ କଥା କହିଥିଲେ । ସେମାନେ ତାହାଙ୍କ ନାମରେ ଜୀବିତ ରହିଥିଲେ । ସେମାନେ ତାହାଙ୍କ ନାମରେ ଆଚରଣ କରିଥିଲେ । ନିଶ୍ଚିତ ଭାବରେ । "ପରମେଶ୍ୱର ପୁରାକାଳରେ ବିଭିନ୍ନ ଭାଗରେ ଓ ବିଭିନ୍ନ ପ୍ରକାରେ ଭାବବାଦୀମାନଙ୍କ ଦ୍ୱାରା ପିତୃପୁରୁଷମାନଙ୍କୁ କଥା କହିଥିଲେ, କିନ୍ତୁ ଏହି ଶେଷକାଳରେ ପୁତ୍ରଙ୍କ ଦ୍ୱାରା କଥା କହିଅଛନ୍ତି ।"

99 ତେଣୁକରି ସେହି ଭବିଷ୍ୟଦ୍‌ବକ୍ତାମାନେ ଏବଂ ଆତ୍ମିକ ଲୋକମାନେ, ଏହି ଦିନରେ, କେବଳ ଖ୍ରୀଷ୍ଟଙ୍କ ପ୍ରତିଫଳନ ଅଟନ୍ତି । ସେଠାରେ, ସେମାନେ ବ୍ୟବସ୍ଥା ମାଧ୍ୟମରେ ଛିଡା ହୋଇଥିଲେ, ଅନାଇଥିଲେ । ଏଠାରେ, ସେମାନେ ଅନୁଗ୍ରହ ମାଧ୍ୟମରେ, ଅନ୍ୟ ଉପାୟକୁ ଚାହିଁ, ଛିଡା ହୋଇଅଛନ୍ତି ।

100 ଯେ ଏବ୍ରୀ 11, ସେହି ଶେଷ ପର୍ବରେ, ମୁଁ ପ୍ରାୟତଃ ଆଶ୍ଚର୍ଯ୍ୟ କରିଅଛି । ସେହି ଶେଷ ପର୍ବରେ, ଏବ୍ରୀ 11ଶ ପର୍ବର ସେହି ଶେଷ ଭାଗରେ, ଯେତେବେଳେ ସେ ଅବ୍ରହାମଙ୍କ ବିଷୟରେ କଥାବାର୍ତ୍ତା କରୁଅଛନ୍ତି । ସେହି ମହାନ ବିଶ୍ୱାସର ପର୍ବ, ଏବଂ ଶେଷରେ, ସେ କହିଥିଲେ, "ସେମାନେ ମେଷ ଓ ଛାଗଚର୍ମରେ ଏଣେ ତେଣେ ଭ୍ରମଣ କରିଥିଲେ, ଏବଂ ସେମାନେ ନିର୍ଯ୍ୟାତିତ କରା ଯାଇଥିଲେ, ଏବଂ କରତ ଦ୍ୱାରା ଦ୍ୱିଖଣ୍ଡିତ କରା ଯାଇଥିଲେ । ସେମାନେ ଯିବା ହେତୁ କୌଣସି ସ୍ଥାନ ନ ପାଇ, ଏଣେ ତେଣେ ଭ୍ରମଣ କରିଥିଲେ, ଘୃଣା କରା ଯାଇଥିଲେ, ଏବଂ ବିତାଡିତ କରା ଯାଇଥିଲେ, ଏବଂ ନିର୍ଯ୍ୟାତିତ କରା ଯାଇଥିଲେ । ଯେଉଁମାନଙ୍କ ବିଷୟରେ, ଏହି ଜଗତ ଏପରି ଲୋକମାନଙ୍କର ଯୋଗ୍ୟ ନ ଥିଲା ।"

101 ତାହାପରେ ପାଉଲ ଛିଡା ହୋଇ କହିଲେ, "ମାତ୍ର ଆମମାନଙ୍କ ବିନା ସେମାନେ ସିଦ୍ଧି ଲାଭ ନ କରନ୍ତି ।" କାରଣ ସେମାନେ ତ କେବଳ କ୍ରୁଶ *ଆଡକୁ* ଅନାଇଥିଲେ, ଏବଂ ଆମେ ତ କ୍ରୁଶ *ଦେଇ* ଅନାଉଅଛୁ । ଆମ ପାଖରେ ଖ୍ରୀଷ୍ଟଙ୍କର ଆତ୍ମା ଅଛି ଯେତେବେଳେକି ଏହା ମନୁଷ୍ୟର ଶରୀର ହୋଇ ଆମ ମଧ୍ୟରେ ବାସ କରିଥିଲା । ଆମେମାନେ ଏଠାରେ ପବିତ୍ରଆତ୍ମାଙ୍କ ଦ୍ୱାରା ଆସୁଅଛୁ, ଯାହାକି ଏକ ଅଧିକ ଉତ୍ତମ ଯୋଜନା ଅଟେ ।

102 ଏବଂ ବେଳେବେଳେ ମୁଁ ଆଶ୍ଚର୍ଯ୍ୟ କରେ ଯେ ଖ୍ରୀଷ୍ଟିଆନ ଧର୍ମ ଆଜି କଅଣ ଆଶା କରେ । ଗୋଟିଏ ନଗରକୁ ଯାଉଥିବା ଜଣେ ପ୍ରଚାରକଙ୍କୁ ଏହା ହେବା ଆବଶ୍ୟକ…କିମ୍ବା କୌଣସି ନୂତନ ମଣ୍ଡଳୀକୁ କିମ୍ବା କୌଣସି ନୂତନ ଦାୟିତ୍ୱକୁ, ନିଜକୁ ଜଣେ ଭବିଷ୍ୟଦ୍‌ବକ୍ତା ବୋଲି କହିଥାଆନ୍ତି, ସେଠାରେ ଯାଇ, କୁହନ୍ତି, "ତେବେ, ଯଦି ସେମାନେ ମୋତେ ଏତେ ଅଧିକ ଟଙ୍କା ଦେବେ । ଯଦି ମୁଁ ସର୍ବୋତ୍ତମ କାର ପାଇପାରେ । ଯଦି ସେମାନେ କରିବେ…ଯଦି ମୋର ଦରମା ପ୍ରତି ଛଅ ମାସରେ ବୃଦ୍ଧି କରାଯିବ ।"

103 ଆମକୁ ତ ସର୍ବୋତ୍ତମ ବିଷୟ ପାଇବା ଆବଶ୍ୟକ । ଆମର ତ ସର୍ବୋତ୍ତମ ଘର ରହିବା ଆବଶ୍ୟକ । ଆମର ତ ସର୍ବୋତ୍ତମ ପୋଷାକ ରହିବା ଆବଶ୍ୟକ । ଆମେମାନେ ସେତେବେଳେ କଅଣ କରିବା ଯେତେବେଳେ ଆମେ ସେହି ଲୋକମାନଙ୍କ ଉପସ୍ଥିତିରେ ଛିଡା ହେବା ଯେଉଁମାନେକି ଛାଗ ଓ ମେଷ ଚର୍ମ ପିନ୍ଧି, ଏଣେ ତେଣେ ଭ୍ରମଣ କରିଥିଲେ, ସେମାନଙ୍କ ମୁଣ୍ଡ ରଖିବା ନିମନ୍ତେ ସୁଦ୍ଧା ସ୍ଥାନ ନ ଥିଲା, ଓ ପ୍ରାନ୍ତରରେ ଭ୍ରମଣ କରିଥିଲେ? ଏବଂ କେହି ଜଣେ ଆମକୁ ଥଟ୍ଟା ପରିହାସ କରିପାରୁ ଆଉ ଆମେମାନେ ମଣ୍ଡଳୀ ଛାଡିବାକୁ ପ୍ରସ୍ତୁତ ହୋଇ ଯାଇଥାଉ ଏବଂ ଆଉ ଅଧିକ ଫେରି ନ ଯାଇଥାଉ । ଆଜି ଖ୍ରୀଷ୍ଟିଆନ ଧର୍ମ କଅଣ ଆବଶ୍ୟକ କରେ । ଆମେମାନେ ନିଜ ପାଇଁ ଲଜ୍ଜିତ ହେବା ଉଚିତ୍ ।

ହେ ପରମେଶ୍ୱର, ଆମମାନଙ୍କ ପ୍ରତି ଦୟା କର ।

104 ସେହି ଦିନ, ସେ ଭବିଷ୍ୟଦ୍‌ବକ୍ତାମାନଙ୍କ ଦ୍ୱାରା କଥା କହିଥିଲେ, କିନ୍ତୁ ଏହି ଦିନ ତାହାଙ୍କ ପୁତ୍ରଙ୍କ ଦ୍ୱାରା କଥା କହିଅଛନ୍ତି । ତାହା ସେଠାରେ, ଜଣେ ଭବିଷ୍ୟଦ୍‌ବକ୍ତାଙ୍କର ବାକ୍ୟ ଥିଲା । ଆଜି, ଏହା ହେଉଛି ପୁତ୍ରଙ୍କର ବାକ୍ୟ । ଓଃ, ପ୍ରଭୁଙ୍କର ନାମ ଧନ୍ୟ ହେଉ!

105 ଅନ୍ୟ ଅର୍ଥରେ, ଯଦି ଆପଣ ସେହି ଛାୟାକୁ, ସେହି ନକାରାତ୍ମକକୁ ଦେଖୁଛନ୍ତି, ଆପଣ ଏକ ଭୁଲ କରିପାରନ୍ତି । ମାତ୍ର ଏହା ବିକଶିତ ଅଟେ, ଚିତ୍ରଟି ସ୍ପଷ୍ଟ ଅଟେ । ତାହା ଭବିଷ୍ୟଦ୍‌ବକ୍ତାଙ୍କ ଦ୍ୱାରା ହୋଇଥିଲା; ଏହା ତାହାଙ୍କ ପୁତ୍ରଙ୍କ ଦ୍ୱାରା ଅଟେ । ତାହା ସେହି ଛାୟା ଏକ ନକାରାତ୍ମକ ଦ୍ୱାରା ହୋଇଥିଲା; ଏହା ଏକ ସକାରାତ୍ମକ ଦ୍ୱାରା ଅଟେ । ଆମେନ୍ । କଅଣ ଆପଣ ଏହାକୁ ଦେଖୁଛନ୍ତି? ଏଠାରେ ବିଫଳ ହେବାର କୌଣସି ସମ୍ଭାବନା ନାହିଁ । ଏହା ଏକ ସକାରାତ୍ମକ ବିଷୟ ଅଟେ, ଆଜିର ଦିନରେ ତାହାଙ୍କ ପୁତ୍ରଙ୍କ ଦ୍ୱାରା ଅଟେ । ଓଃ, କେତେ ଅଦ୍ଭୁତ!

*...ତାହାଙ୍କୁ ସେ ସମସ୍ତ ବିଷୟର ଅଧିକାରୀ...*(ଓଃ, ମୋର ପ୍ରଭୁ!)... *ଅଧିକାରୀ କରି ନିଯୁକ୍ତ କଲେ,...*

106 ଏହା କଅଣ ଥିଲା? ଏହା ଏକ ନିଯୁକ୍ତି ଥିଲା । ଓଃ, ଶୁଣନ୍ତୁ । ସେ ନିଯୁକ୍ତ ହୋଇଥିଲେ, ଖ୍ରୀଷ୍ଟ, ସମସ୍ତ ବିଷୟର ଉତ୍ତରାଧିକାରୀ ହୋଇଥିଲେ । ଓଃ, ସେହି ଶୟତାନ, ଏଦନ ଉଦ୍ୟାନରୁ ତାହା ଜାଣିଥିଲା ଯେ, ଆପଣ ଦେଖନ୍ତୁ, ଯେତେବେଳେ ଶୟତାନ ସେଦିନ ସେଠାରେ, ସେହି ଲୋକମାନଙ୍କର ବିଚାର ସମ୍ବନ୍ଧରେ ସେହି ବାକ୍ୟ ଶୁଣିଥିଲା । କହିଥିଲା, "ଯେହେତୁ ତୁମେ ଧୂଳିରୁ ଆସିଛ, ତୁମେ ଧୂଳିକୁ ଫେରିଯିବ; ଏବଂ ନାରୀର ସେହି ବଂଶ ସର୍ପର ମୁଣ୍ଡକୁ ଆଘାତ କରିବ ।" ଏକ ପ୍ରତିଜ୍ଞାତ ବଂଶ ।

107 ଶୟତାନ ସେହି ବଂଶକୁ ନିରନ୍ତର ଭାବରେ ଚାହିଁ ରହିଥିଲା । ଯେତେବେଳେ ହେବଲ ଜନ୍ମ ହୋଇଥିଲେ, ସେ କହିଥିଲା, "ହେଇ ଦେଖ ସେଠାରେ, ତାହା ସେହି ବଂଶ ଅଟେ ।" ଏବଂ ସେ ହେବଲକୁ ହତ୍ୟା କରିଥିଲା । ତାର ପୁତ୍ର, କୟିନ, ହେବଲକୁ ହତ୍ୟା କଲା । ଏବଂ ହେବଲଙ୍କ ମୃତ୍ୟୁ ହେବା ମାତ୍ରେ, ସେ କହିଥିଲା, "ମୁଁ ବଂଶକୁ ନାଶ କରିଦେଇଛି ।" ସେ ଏହାକୁ ହତ୍ୟା କରିଥିଲା । ସେ କହିଲା, "ମୁଁ ଏହାକୁ ନାଶ କରିଦେଇଛି ।" ମାତ୍ର, ହେବଲଙ୍କ ମୃତ୍ୟୁ, ଶେଥଙ୍କ ଜନ୍ମ ପୁନର୍ବାର ସେହି ପୁନରୁତ୍ଥାନ ଥିଲା । ଦେଖନ୍ତୁ ଯେ ସେମାନେ କିପରି କ୍ରମାଗତ ଭାବରେ ଆସିଥାଆନ୍ତି ।

108 ଶେଥର ସେହି ବଂଶାବଳୀ, ଏହା ତଳକୁ ଆସିଲା, ଜଣେ ନମ୍ର, ଧାର୍ମିକ ବ୍ୟକ୍ତି; ହନୋକ ଦେଇ ତଳକୁ; ନୋହ ପର୍ଯ୍ୟନ୍ତ, ପୁଣି ଜଳପ୍ଳାବନ ଯୋଗୁଁ ବିନାଶର ଶେଷ ପର୍ଯ୍ୟନ୍ତ ।

109 କୟିନଙ୍କର ବଂଶାବଳୀକୁ ଦେଖନ୍ତୁ, ତୀକ୍ଷ୍ଣ ପ୍ରଖର ବୁଦ୍ଧିର ଲୋକମାନେ, ଶିକ୍ଷିତ, ବିଜ୍ଞାନ । କଅଣ ବାଇବଲ କୁହେ ନାହିଁ କି...କଅଣ ଯୀଶୁ କହି ନାହାଁନ୍ତି କି? ଯେ, "ଏହି ଜଗତର ସନ୍ତାନମାନେ ରାଜ୍ୟର ସନ୍ତାନମାନଙ୍କ ଅପେକ୍ଷା ଅଧିକ ବୁଦ୍ଧିମାନ ଅଟନ୍ତି"? ଆଜି ମଧ୍ୟ

କୟିନର ବଂଶାବଳୀକୁ ଦେଖନ୍ତୁ: ତୀକ୍ଷ୍ଣ ପ୍ରଖର ବୁଦ୍ଧି, ଶିକ୍ଷିତ, ସନ୍ଦେହବାଦୀ, ଅତି ଧାର୍ମିକ; ଦେଖନ୍ତୁ, ବହୁତ ଅଧିକ ଧାର୍ମିକ, ମାତ୍ର ବୈଜ୍ଞାନିକ, ନିର୍ମାଣକାରୀ, ମହାନ ବ୍ୟକ୍ତିମାନେ ।

110 ମହାନ ଲୋକମାନଙ୍କୁ ନିଅନ୍ତୁ । ଥୋମାସ୍ ଏଡିସନ୍‌ଙ୍କୁ ଦେଖନ୍ତୁ, ଅନେକ ମହାନ ବ୍ୟକ୍ତିମାନେ । ଆଇନ୍‌ଷ୍ଟାଇନ୍‌କୁ ଦେଖନ୍ତୁ, ଜଗତର ମସ୍ତିଷ୍କ, ତଥା-କଥିତ, ଆଜି, ଜଗତର ମସ୍ତିଷ୍କମାନ । ମାତ୍ର ଆମେ ମସ୍ତିଷ୍କ ବ୍ୟବହାର କରିବାକୁ ଚେଷ୍ଟା କରୁନାହୁଁ । ଆମେମାନେ ଖ୍ରୀଷ୍ଟଙ୍କଠାରେ ଥିବା ମନକୁ ନିଜ ଭିତରେ ରହିବାକୁ ଦେଉ, ଏବଂ ଏହି ବାକ୍ୟକୁ ଦେଖୁ, ଏବଂ ଏହାକୁ ସେହିପରି ଭାବରେ ଡାକିଥାଉ ।

111 ଆୟୁର୍ବିଜ୍ଞାନୀ ଡାକ୍ତରମାନେ, ଯଦିଓ ଆମେ ସେମାନଙ୍କୁ ଆମ ପାଖରେ ଯାହା ଅଛି ତାହା ସହିତ ନମସ୍କାର କରୁ, ମାତ୍ର ସେମାନଙ୍କ ମଧ୍ୟରୁ ଅଧିକାଂଶ ସନ୍ଦେହବାଦୀ, ଅନିଶ୍ୱରବାଦୀ ଅଟନ୍ତି । ଆଜି ସେହି ପ୍ରଖର ବୁଦ୍ଧି ଏବଂ ବୁଦ୍ଧିମାନ ଲୋକମାନଙ୍କୁ ଦେଖନ୍ତୁ । ସେମାନେ ସେଠାରେ ସେହି ଆର ପାର୍ଶ୍ୱରେ ଅଛନ୍ତି, କୟିନର ପାର୍ଶ୍ୱରେ ।

112 ମାତ୍ର ନମ୍ର ଓ ଦୀନ ଲୋକମାନଙ୍କୁ ଦେଖନ୍ତୁ । ସେଠାରେ ପୁନର୍ବାର ଆପଣଙ୍କର ପୁନରୁତ୍ଥାନ ଅଛି । ଓଃ, ପ୍ରଭୁଙ୍କ ନାମର ଧନ୍ୟ ହେଉ! ସେଠାରେ ଆପଣ ଅଛନ୍ତି । ଧ୍ୟାନ ଦିଅନ୍ତୁ ।

> ...ତାହାଙ୍କୁ ସେ ସମସ୍ତ *ବିଷୟର ଅଧିକାରୀ କରି ନିଯୁକ୍ତ କଲେ, ତାହାଙ୍କ ଦ୍ୱାରା ମଧ୍ୟ ସମସ୍ତ ବିଶ୍ୱ ସୃଷ୍ଟି କଲେ;*

ସମସ୍ତ ବିଶ୍ୱ କିଏ ସୃଷ୍ଟି କଲା? ଖ୍ରୀଷ୍ଟ । "ଖ୍ରୀଷ୍ଟ ସମସ୍ତ ବିଶ୍ୱ ସୃଷ୍ଟି କରିଥିଲେ?" ହଁ, ମହାଶୟ । ଆସନ୍ତୁ ଟିକିଏ ଆଗକୁ ଯିବା ।

> *ସେ ତାହାଙ୍କ ମହିମାର ପ୍ରଭା, ଓ ତାହାଙ୍କ ଉପସ୍ଥିତିର* ପ୍ରତିମୂର୍ତ୍ତି,...

କାହାର ମହିମାର ପ୍ରଭା ଅଟନ୍ତି? ପରମେଶ୍ୱରଙ୍କ ମହିମାର । କାହାର ଉପସ୍ଥିତିର ପ୍ରତିମୂର୍ତ୍ତି? ପରମେଶ୍ୱରଙ୍କର । ଓଃ, ମୁଁ ଏହାକୁ ଭଲ ପାଏ!

> ...କିମ୍ବା *ତାହାଙ୍କ ତତ୍ତ୍ୱର ପ୍ରତିମୂର୍ତ୍ତି, ଏବଂ ସେ ଆପଣା ଶକ୍ତିଯୁକ୍ତ ବାକ୍ୟ ଦ୍ୱାରା ସମସ୍ତ ବିଷୟ ଧାରଣ କରନ୍ତି...*

ଆପଣ ସେଠାରେ ଅଛନ୍ତି । ସେହି ବାକ୍ୟ, ଯାହାକି ସମସ୍ତ ବିଷୟକୁ ଧାରଣ କରିଥାଏ । ମାଥିଉ 24 ରେ, ଯୀଶୁ କହିଥିଲେ, "ସ୍ୱର୍ଗ ଓ ପୃଥିବୀ ଲୋପ ପାଇଯିବ, କିନ୍ତୁ ମୋହର ବାକ୍ୟ କେବେ ବି ଲୋପ ପାଇବ ନାହିଁ ।" ସେ ସମସ୍ତ ବିଷୟକୁ ଧାରଣ କରିଥାନ୍ତି ।

113 ବିଜ୍ଞାନ ଏହାକୁ ତଳକୁ ପକାଇବାକୁ ଚେଷ୍ଟା କରିଥାଏ, ଏବଂ କହିଥାଏ, "ଏହା ଏକ ପୁରୁଣା ପୁସ୍ତକ ଅଟେ । ଏହା ଅନୁବାଦ କରା ଯାଇଅଛି ।"

114 ଏପରିକି ରୋମାନ୍ କ୍ୟାଥୋଲିକ୍ ମଣ୍ଡଳୀର, ବିଶପ୍ ଶୀନ୍ କହିଥିଲେ, "ତାହା ତ ଚାରି କିମ୍ବା ପାଞ୍ଚଟି ଭିନ୍ନ ଭିନ୍ନ ଥର ଅନୁବାଦ କରାଯାଇଅଛି, ଏବଂ ଏଥିରେ ବହୁତ କିଛି ଅଧିକ

ନାହିଁ । ଯଦି ଆପଣଙ୍କୁ ଏଥିରେ ବଞ୍ଚି ରହିବାକୁ ପଡ଼େ ତାହାହେଲେ ଆପଣ ତାହା କରିପାରିବେ ନାହିଁ ।" ମାତ୍ର ସେ ଆପଣା ବାକ୍ୟ ଦ୍ୱାରା ସମସ୍ତ ବିଷୟକୁ ତୋଳି ଧରନ୍ତି । ଆମେନ୍ । ତାହାହିଁ ଅଟେ ଯାହାକି ମୁଁ ଏହା ବିଷୟରେ ଭାବିଥାଏ । ମୁଁ ବାଇବଲକୁ ବିଶ୍ୱାସ କରେ ।

> *…ସେ ଆପଣା ଶକ୍ତିଯୁକ୍ତ ବାକ୍ୟ,* (ବାକ୍ୟରେ ଶକ୍ତି ଅଛି), *ପୁଣି ପାପ ମାର୍ଜନା କଲା ଉତ୍ତାରେ,…* (ଏଠାରେ ଦେଖନ୍ତୁ) *…ଉର୍ଦ୍ଧ୍ୱସ୍ଥ ମହାମହିମଙ୍କ ଦକ୍ଷିଣ ପାର୍ଶ୍ୱରେ* ଉପବେଶନ *କରିଅଛନ୍ତି;*

115 ପାଉଲ କଅଣ କରିବାକୁ ଚେଷ୍ଟା କରୁଛନ୍ତି? ସେ ଏହା ଦେଖାଇବାକୁ ଚେଷ୍ଟା କରୁଛନ୍ତି ଯେ ପରମେଶ୍ୱର ଖ୍ରୀଷ୍ଟଙ୍କଠାରେ ସମସ୍ତ ବିଷୟକୁ ସ୍ଥିର କରିଥିଲେ, ଏବଂ ଖ୍ରୀଷ୍ଟ ପରମେଶ୍ୱରଙ୍କ ତତ୍ତ୍ୱର ପ୍ରତିମୂର୍ତ୍ତୀ ଥିଲେ । ଅବଶିଷ୍ଟ ସମ୍ପୂର୍ଣ୍ଣ ପର୍ବଟି ଏହା ବିଷୟରେ କୁହେ ଯେ କିପରି ଭାବରେ ସେ ସ୍ୱର୍ଗଦୂତମାନଙ୍କଠାରୁ ଉଚ୍ଚ, ସମସ୍ତ ଶକ୍ତିଠାରୁ ଉଚ୍ଚ ଥିଲେ । ସ୍ୱର୍ଗଦୂତମାନେ ତାହାଙ୍କୁ ଉପାସନା କରିଥିଲେ । ପାଉଲ ତାହାଙ୍କୁ ଗୌରବାନ୍ୱିତ କରିବାକୁ ଚେଷ୍ଟା କରୁଥିଲେ ।

116 ତେବେ, ମୁଁ ଚେଷ୍ଟା କରିବାକୁ ଚାହେଁ…ଯଦି ମୁଁ ଏହାଠାରୁ ଅଧିକ ଆଗକୁ ନ ଯାଏ, ଏହାର ଅବଶିଷ୍ଟ ଅଂଶ କେବଳ ଖ୍ରୀଷ୍ଟଙ୍କୁ ଗୌରବାନ୍ୱିତ କରୁଅଛି । ପାଉଲ ଏଠାରେ ଯାହା କୁହନ୍ତି, ଯେପରିକି 11ଶ ପର୍ବରେ ତାହା ଅଟେ, ଏବଂ ସବୁକିଛି ଜଗତ ବିଷୟରେ କଥାବାର୍ତ୍ତା କରିବା ଅଟେ । ସେ କହିଥିଲେ, "କେଉଁ—କେଉଁ ସ୍ୱର୍ଗଦୂତକୁ ସେ କହିଥିଲେ, 'ତୁମେ ମୋର ପୁତ୍ର, ଆଜିର ଦିନରେ ମୁଁ ତୁମକୁ ଜନ୍ମ ଦେଇଅଛି'?" ବୁଝିଲେ?

117 "ଜଗତର ଶେଷରେ, ସେମାନେ ବିନଷ୍ଟ ହୋଇଯିବେ । ଜଗତ ବିନଷ୍ଟ ହୋଇଯିବ । ମାତ୍ର ସେହି…ଏବଂ ଜଗତର ସମସ୍ତ ବିଷୟ ବିନଷ୍ଟ ହୋଇଯିବ । ସେ ସେମାନଙ୍କୁ ଏକ ବସ୍ତ୍ର ପରି ଗୁଡ଼ାଇ ଦେବେ । ସେମାନେ ପୁରୁଣା ହୋଇ, ଫିଙ୍ଗା ଯିବେ, ଏବଂ ଚାଲିଯିବେ । 'ମାତ୍ର ତୁମେ ସ୍ଥାୟୀ ରହିବ । ତୁମେ ଚିରଦିନ ପାଇଁ ରହିବ । ତୁମେ ମୋର ପୁତ୍ର ଅଟ । ଆଜିର ଦିନରେ ମୁଁ ତୁମକୁ ଜନ୍ମ ଦେଇଅଛି, ଏବଂ ମହାମହିମଙ୍କ ଡାହାଣ ପଟେ ବସିଅଛ, ଏବଂ କଦାପି ବିନଷ୍ଟ ହେବ ନାହିଁ ।'"

*ଦକ୍ଷିଣ ପାର୍ଶ୍ୱ*ର ଅର୍ଥ କଅଣ? ଏହା ନୁହେଁ ଯେ, ପରମେଶ୍ୱରଙ୍କର ଏକ ଡାହାଣ ହାତ ଅଛି ଯାହା ଉପରେ କେହି ବସିଛନ୍ତି । *ଦକ୍ଷିଣ ପାର୍ଶ୍ୱ*ର ଅର୍ଥ ହେଉଛି "ଶକ୍ତି ଏବଂ ଅଧିକାର," ସ୍ୱର୍ଗ ଓ ପୃଥିବୀର ସମସ୍ତକିଛି ବିଷୟର ଅଧିକାର ପାଇଅଛନ୍ତି । ଏବଂ ସମସ୍ତ ସ୍ୱର୍ଗ ଓ ପୃଥିବୀ ତାହାଙ୍କ ଦ୍ୱାରା ନିର୍ମିତ ଅଟେ ।

118 ତେବେ, ଏହି ମହାନ ବ୍ୟକ୍ତି, ଖ୍ରୀଷ୍ଟ, ଏହି ମହାନ ବ୍ୟକ୍ତିଜଣକ କିଏ? ଏଠାରେ, ପିତା, ପୁତ୍ର ଏବଂ ପବିତ୍ରଆତ୍ମାଙ୍କଠାରେ ପରମେଶ୍ୱର ଅଛନ୍ତି, ଏହା ନୁହେଁ…ଏହା ଏକ ତ୍ରିତ୍ତ୍ୱ, ମାତ୍ର ଏହା ଲୋକମାନଙ୍କର ଏକ ତ୍ରିତ୍ତ୍ୱ ନୁହେଁ । ଏହା ଏକ ପରମେଶ୍ୱରଙ୍କ, କାର୍ଯ୍ୟାଳୟର ଏକ ତ୍ରିତ୍ତ୍ୱ ଅଟେ ।

119 ସେ ପିତା ହୋଇ ଇସ୍ରାଏଲର ସନ୍ତାନମାନଙ୍କୁ କଢାଇ ନେଇଥିଲେ । ତାହା ତାଙ୍କର କାର୍ଯ୍ୟାଳୟ ଥିଲା, ସେହି ମହାନ ଯିହୋବା ପିତାଙ୍କର । ଏବଂ ସେ ପୃଥିବୀରେ, ପୁତ୍ର ନାମରେ

ବାସ କରିଥିଲେ । ଏବଂ ବର୍ତ୍ତମାନ ସେ ତାଙ୍କର ମଣ୍ଡଳୀରେ ବାସ କରନ୍ତି, ଯାହାକୁ ପବିତ୍ରଆତ୍ମା କୁହାଯାଏ । ତିନୋଟି ପରମେଶ୍ୱର ନୁହଁନ୍ତି; ତିନୋଟି କାର୍ଯ୍ୟାଳୟରେ ଗୋଟିଏ ପରମେଶ୍ୱର: ପିତା, ପୁତ୍ର, ଏବଂ ପବିତ୍ରଆତ୍ମା ।

ଲୋକମାନେ ତାଙ୍କୁ ତିନୋଟି ଭିନ୍ନ ପରମେଶ୍ୱର, ପିତା ପରମେଶ୍ୱର କରିବାକୁ ଚେଷ୍ଟା କରନ୍ତି । ସେହି କାରଣ ଯୋଗୁଁ, ଯିହୁଦୀମାନେ, ଆପଣ କଦାପି କରିପାରିବେ ନାହିଁ, ଆପଣ ଏହାକୁ ଜଣେ ଯିହୁଦୀ ନିକଟକୁ କେବେବି ନେଇକରି ଯିବେ ନାହିଁ, ନା, ତାହାକୁ ସେଠାରେ । ସେ କରିପାରନ୍ତି ନାହିଁ । ତାଙ୍କର ଏକ ଆଜ୍ଞା ଅଛି, ଯାହାକି, "ମୁଁ ହିଁ ଜଣେ ପରମେଶ୍ୱର ।" କେବଳ ଜଣେ ପରମେଶ୍ୱର ଅଛନ୍ତି ।

120 ଆଫ୍ରିକାରେ ସେମାନେ ତିନୋଟି ଭିନ୍ନ ଉପାୟରେ ବାପ୍ତିଜିତ କରନ୍ତି: ସେମାନେ ଥରେ ପିତାଙ୍କ ପାଇଁ, ପୁଣି ଥରେ ପୁତ୍ରଙ୍କ ପାଇଁ, ଏବଂ ଥରେ ପବିତ୍ରଆତ୍ମାଙ୍କ ପାଇଁ ବାପ୍ତିଜିତ କରନ୍ତି । ଆପୋଷ୍ଟୋଲିକ୍ ଫେଥ୍ ମିଶନ୍, ସେମାନେ ତାହାଙ୍କ ମୃତ୍ୟୁ ପ୍ରତି, ମୁଖମଣ୍ଡଳକୁ ସମ୍ମୁଖକୁ କରି, ତିନିଥର ବାପ୍ତିଜିତ କରନ୍ତି । ଯାହାକୁ ସେମାନେ ପଶ୍ଚିମ ତଟରେ, କିମ୍ବା ପୂର୍ବ ତଟରେ, ପୂର୍ଣ୍ଣ ସୁସମାଚାର ବୋଲି କୁହନ୍ତି, ତିନିଥର ପଛକୁ କରି ବାପ୍ତିଜିତ କରନ୍ତି, କୁହନ୍ତି ସେ…ତାଙ୍କର ସମାଧି ନିମନ୍ତେ କରନ୍ତି ।

ଏବଂ ସେ କୁହନ୍ତି, "ଯେତେବେଳେ ସେ ମୃତ୍ୟୁବରଣ କଲେ, ସେ ସମ୍ମୁଖସ୍ଥ ଝୁଙ୍କି ପଡିଥିଲେ ।"

121 ଅନ୍ୟ ଜଣେ କୁହନ୍ତି, "ରୁହନ୍ତୁ । ଆପଣଙ୍କୁ ତ ଜଣେ ବ୍ୟକ୍ତିକୁ ତାଙ୍କ ପିଠିରେ କବର ଦେବା କଥା ।" କେବଳ ଛୋଟ ଛୋଟ ପୁରୁଣା ତକନୀକୀ ଜିନିଷମାନ, ଯେତେବେଳେକି, ସେମାନେ ଉଭୟ ଭୁଲ୍ ଅଟନ୍ତି; ଶାସ୍ତ୍ର ଅନୁସାରେ, ଉଭୟ ଭୁଲ ଅଟନ୍ତି ।

*ଏହା ହେଉଛି ଉରିମ୍ ଥୁମ୍ମିମ୍ ।* ଏହା ତାକୁ ସମାଧାନ କରେ ।

122 ତେବେ, ଏଠାରେ, ଆସନ୍ତୁ ତାକୁ କେବଳ ଚିତ୍ର କରିବା ଏବଂ ଦେଖିବା ଯେ ତାହା ଆଜି ରାତି, କିପରି—କିପରି ଦେଖା ଯାଇଥାଏ । ଏଠାରେ ତାହା ଅଟେ, ଯଦି ଆପଣ ଏହାକୁ ଦେଖିବାକୁ ଚାହାଁନ୍ତି । ପ୍ରାୟଃ ଏହି ପଚି-ଶ ବର୍ଷ ମଧ୍ୟରେ ଯେତେବେଳେକି ମୁଁ ଜଣେ ସେବକ ହୋଇଆସିଛି, ମୁଁ ତାହା ଅଧ୍ୟୟନ କରିଅଛି । ଏବଂ ମୁଁ ମଣ୍ଡଳୀରେ ଥିବା ଏହି ଦାନଗୁଡିକ ବିଷୟରେ ପ୍ରାୟତଃ ଆଶ୍ଚର୍ଯ୍ୟ କରିଅଛି । ସେହି ଦାନଗୁଡ଼ିକ କଅଣ? ଭବିଷ୍ୟତ୍‌ବାଣୀ, ପରଭାଷାରେ କଥା କହିବା, ଭାଷାନ୍ତର, ଈଶ୍ୱରୀୟ ପ୍ରକାଶନ, ପ୍ରଭୃତି, ଯାହାକି ଏହିସବୁ ଖ୍ରୀଷ୍ଟଙ୍କ ଦେଇ ଆସିଥାଏ ।

123 ତେବେ ଦେଖନ୍ତୁ । ଖ୍ରୀଷ୍ଟ ସମସ୍ତ ବିଷୟର ମୁଖ୍ୟ ଅଟନ୍ତି । ଏବଂ ସେ ମଣ୍ଡଳୀର ମୁଖ୍ୟ ଅଟନ୍ତି । ଏବଂ କଅଣ ଆପଣ କେବେ ଏକ ବଡ ହୀରା ଦେଖିଛନ୍ତି କି? ଏକ ବହୁତ ବଡ ହୀରା ଯାହାକି ଠିକ୍ ଭାବରେ କଟା ଯାଇଥାଏ, ଏଥିରେ ଛୋଟ ଛୋଟ ଖଣ୍ଡଗୁଡିକ କାଟି ବାହାର କରି ଦିଆ ଯାଇଥାଏ, ସେଥିରୁ କାଟି ଦିଆ ଯାଇଥାଏ । ତାହା ଏକ ସଠିକ୍ ହୀରାକୁ ନିର୍ମାଣ କରେ ।

ସେହି ଛୋଟ ଛୋଟ ଖଣ୍ଡଗୁଡିକ କଅଣ ପାଇଁ ଥାଏ? ସେହି ପ୍ରକୃତ ହୀରା, ଯେପରି ଭାବରେ ଏହା ବାହାରି ଆସିଥାଏ, ଏହା କ୍ଷତବିକ୍ଷତ ହୋଇଥାଏ; ସେହି ପ୍ରକୃତ ହୀରା, ଯେତେବେଳେ ଏହା ମିଳିଥାଏ।

ମୁଁ କିମ୍ବର୍ଲିରେ ଥିଲି। ଆପଣ, ଆପଣମାନଙ୍କ ମଧ୍ୟରୁ ଅନେକେ, ଯେଉଁମାନେକି ଏହା ଶୁଣିଛନ୍ତି ଯେ ଆପଣ ରାସ୍ତାରେ ହୀରା ଉଠାଇ ପାରନ୍ତି, ତାହା ଠିକ୍ ଅଟେ। ବିଲି ଏବଂ ମୁଁ, ଏବଂ ଶ୍ରୀମାନ ବୋସୱର୍ଥ। ସେହି କିମ୍ବର୍ଲି ହୀରା ଖଣିର ଅଧ୍ୟକ୍ଷ, ନେଇ ଯାଇଥିଲେ... ସେ ସେଠାରେ ହୋଇଥିବା ସଭାରେ ମୋର କର୍ମକର୍ତ୍ତା ଥିଲେ। ଏବଂ ସେମାନେ ଆମକୁ ନେଇ ଯାଇଥିଲେ। ଏବଂ କେବଳ ବାହାରେ...ସେମାନେ ସେଗୁଡିକୁ ପୃଥିବୀର ଗର୍ଭ ତଳେ, ଓଃ, ପ୍ରାୟଃ ସତରଶହ ଫୁଟ ତଳେ ଖନନ କରନ୍ତି। ସେମାନେ ନେଇ କରି ଆସନ୍ତି, ଏକ ନୀଳ ପଥର, ବଡ ନୀଳ, ଠିକ ଏହି ନୀଳ ପଥର ପରି ଯାହାକି ଆପଣ ଏଠାରେ ପାଆନ୍ତି। ଏବଂ ସେହି ମୂଳ ଅଧିବାସୀମାନେ, ସେଗୁଡିକୁ ଖନନ କରିବା ନିମନ୍ତେ, ସେମାନେ ସେହି ଲୋକମାନଙ୍କୁ ଭୂମିରେ ସତରଶହ ଫୁଟ ତଳେ ରଖନ୍ତି, ଯେପରିକି ମୂଲ୍ୟ ଅଧିକ ବୃଦ୍ଧି କରା ଯାଇପାରେ। ଆପଣ ସେଠାରେ ନଦୀକୁ ଯିବେ, ସେମାନେ ଏହାକୁ ଶହ ଶହ ମାଇଲ ପର୍ଯ୍ୟନ୍ତ ଜଗି ରହିଥାନ୍ତି। ସେ କହିଲେ, ଦୁଇଟି ଦଶ-ଗ୍ୟାଲନ୍ ବାଲ୍‌ଟି ନିଅନ୍ତୁ, ଏବଂ ଏହାକୁ ନେଇ, ବାଲିରେ—ରେ ପରିପୂର୍ଣ୍ଣ କରନ୍ତୁ, ଏବଂ ଯଦି ଆପଣ ଏହା ସହିତ ଘରକୁ ଯାଇ ପାରିବେ, ତେବେ ଆପଣ ଏକ କୋଟିପତି ହୋଇଯିବେ, ସେଥିରେ ଏତେ ଅଧିକ ହୀରାଗୁଡିକ ରହିଥିବ। ମାତ୍ର ସେମାନଙ୍କୁ ତ ତାହାର ମୂଲ୍ୟ ବଢାଇବା ପାଇଁ, ସେଗୁଡିକ ସହିତ କାର୍ଯ୍ୟ କରିବାକୁ ଅଛି ଏବଂ ଖନନ କରିବାକୁ ଅଛି।

124 ତେବେ, ସେହି ହୀରା, ଯେତେବେଳେ ଏହା ବାହାରକୁ ଆସେ, ଏହା କେବଳ ଏକ ବଡ଼, ଚିକ୍କଣ, ଗୋଲାକାର, କାଚର ଖଣ୍ଡ, ପରିକା ହୋଇଥାଏ। ସେଠାରେ ଏକ ନୀଳ ହୀରା, କଳା ହୀରା, ମରକତ ମଣି, ଏବଂ ଏକ ସ୍ୱଚ୍ଛ ହୀରା, ଧଳା ହୀରା ଅଛି। ମାତ୍ର ଯେତେବେଳେ ଏହା ବାହାରକୁ ଆସେ...ତାହାପରେ ଯେତେବେଳେ ଏହାକୁ ତିଆରି କରାଯାଏ ଏବଂ ଏହାକୁ ବ୍ୟବହୃତ କରାଯାଏ, ସେତେବେଳେ ସେହି ହୀରାର ଏକ ଅଂଶ ଥାଏ ଯାହାକୁ ହଟାଇବାକୁ ପଡିଥାଏ। ଏବଂ ଏହାକୁ ତାର ସେହି—ସେହି ଛୋଟ ଛୋଟ ଖଣ୍ଡଗୁଡିକୁ ହରାଇବାକୁ ପଡିଥାଏ। ଛୋଟ ଛୋଟ ଖଣ୍ଡଗୁଡିକୁ କାଟି ବାହାର କରାଯାଏ, କାରଣ, ଯେତେବେଳେ ଏହା ସିଧାସଳଖ ସେହିପରି ଭାବରେ, ଆଲୋକ ସଂସ୍ପର୍ଶରେ ଆସେ, ଏହା ଏକ ଚମକ ସୃଷ୍ଟି କରିଥାଏ। ସେହି ଛୋଟ ଖଣ୍ଡଟି, ଯାହାକି ସେହି ଚମକକୁ ସୃଷ୍ଟି କରେ, ଯେପରି ଭାବରେ ଏହା କଟା ଯାଇଥାଏ। ଏହା କଟା ଯାଇଥାଏ, ଖଣ୍ଡଟି ବାହାର କରାଯାଇଥାଏ, ଏବଂ ତାହାପରେ, ଯେତେବେଳେ ଏହା କରାହୁଏ, ଏହା ଏକ ଚମକ ସୃଷ୍ଟି କରେ। ଏବଂ ଗୋଟିଏ ସବୁଜ ଆଲୋକ ଦେଇଥାଏ, ଅନ୍ୟଟି ନୀଳ ଆଲୋକ ଦେଇଥାଏ, ଏବଂ ହୋଇପାରେ ଅନ୍ୟଟି, ମରକତ ମଣି ଆଲୋକ, ଏବଂ ନାଲି ଆଲୋକ ଦେଇଥାଏ। ଏବଂ ଏଥିରୁ ଏକ ମେଘଧନୁର ରଙ୍ଗ ପରି, ବିଭିନ୍ନ ଆଲୋକମାନ ବାହାରିଥାଏ। ସେମାନେ ଏହାକୁ କୁହନ୍ତି, "ହୀରାରେ

ନିଅାଁ ।"

125 ତେବେ, ସେହି ଆଲୋକଗୁଡ଼ିକ ମଧ୍ୟରୁ ପ୍ରତ୍ୟେକଟି ଦାନଗୁଡିକୁ ନିଦର୍ଶିତ କରେ । ମାତ୍ର ଏହା ତ, କେବଳ, ଖ୍ରୀଷ୍ଟ ହେଉଛନ୍ତି ସେହି ହୀରା । ଏବଂ ସେ ହିଁ ସେହି ଜଣକା ଥିଲେ ଯିଏକି ଆସିଥିଲେ, ଏବଂ ଘାତ କରା ଯାଇଥିଲେ, କ୍ଷତବିକ୍ଷତ ହେଲେ, ଓ ଖଣ୍ଡ ଖଣ୍ଡ ଭାବରେ କଟା ଯାଇଥିଲେ, ଯେପରିକି ସେ ଆପଣାକୁ ଜଗତ ପାଇଁ ଏକ ଆଲୋକ ରୂପରେ ପ୍ରତିଫଳିତ କରିପାରନ୍ତି । ସେ ହେଉଛନ୍ତି ସେହି ମୁଖ୍ୟ ହୀରା ।

126 କଅଣ ଆପଣ କଳ୍ପନା କରିପାରିବେ କି, ଏହା ପୂର୍ବେ ଏପରିକି ସେଠାରେ ଏକ ପୃଥିବୀ ଥିଲା, ଏହା ପୂର୍ବେକି ସେଠାରେ ଏକ ଆଲୋକ ଥିଲା, ଏହା ପୂର୍ବେକି ସେଠାରେ ଏକ ତାରା ଥିଲା, ଏହା ପୂର୍ବେକି ସେଠାରେ କିଛି ଗୋଟାଏ ବି ଥିଲା? ସେଠାରେ ଆତ୍ମାର, ଏକ ମହାନ ନିର୍ଝର ବାହାରି ଯାଇଥିଲା, ଏବଂ ଏହି ନିର୍ଝରରୁ ପ୍ରେମର ସବୁଠାରୁ ବିଶୁଦ୍ଧ ବିଷୟ ବାହାରିଥିଲା, 'କାରଣ ସେଥିରୁ ପ୍ରେମ ବ୍ୟତୀତ ବାହାରି ଆସିବା ପାଇଁ ଅନ୍ୟ କୌଣସି ବିଷୟ ହିଁ ନ ଥିଲା । ତେବେ, ଆଜି, ଆମେ, ଯାହାକୁ ଆମେ ପ୍ରେମ ବୋଲି କହୁଅଛୁ, ତାହା ଏକ ବିକୃତ ପ୍ରେମ ଅଟେ । ମାତ୍ର ଯେତେବେଳେ ଆମେ ସେହି ପ୍ରେମର ଟିକିଏ ଗନ୍ଧ ପାଇଥାଉ, କିମ୍ୱା ଆମ ଭିତରେ ସେହି ପ୍ରେମର ଟିକିଏ ଅଂଶ ପାଇଥାଉ, ଏହା ଆମର ସମ୍ପୂର୍ଣ୍ଣ ମତକୁ ପରିବର୍ତ୍ତନ କରି ଦେଇଥାଏ ।

127 ତାହାପରେ ସେଥିରୁ ଆଉ ଏକ ନିର୍ଝର ବାହାରି ଆସେ, ଏହି ମୁଖ୍ୟ ନିର୍ଝରରୁ, ସେହି ହୀରାରୁ, ଏବଂ ଏହାକୁ ଧାର୍ମିକତା, ସମ୍ପୂର୍ଣ୍ଣ ଧାର୍ମିକତା ବୋଲି କୁହାଗଲା । ତେବେ, ତାହାହିଁ ସେହି କାରଣ ଅଟେ ଯେ ଆମଠାରେ ବ୍ୟବସ୍ଥା ରହିବା ଆବଶ୍ୟକ । ତାହାହିଁ ସେହି କାରଣ ଅଟେ ଯେ ବ୍ୟବସ୍ଥାରେ ବିଚାର ରହିବା ଆବଶ୍ୟକ ଅଟେ । ଯଦି କୌଣସି ବିଚାର ବ୍ୟବସ୍ଥାକୁ ଅନୁସରଣ ନ କରିଥାଏ, ତେବେ ବ୍ୟବସ୍ଥା କୌଣସି ଲାଭ କରେ ନାହିଁ । ଏବଂ ଯେତେବେଳେ ବ୍ୟବସ୍ଥା ଦ୍ୱାରା ବିଚାର ପ୍ରଣୟନ କରାଗଲା, ଯାହାକି ମୃତ୍ୟୁକୁ ଆଣିଥାଏ, ଏବଂ ସେତେବେଳେ ସ୍ୱୟଂ ପରମେଶ୍ୱରଙ୍କ ବ୍ୟତୀତ ଏପରି କେହି ଜଣେ ହେଲେ ନ ଥିଲେ ଯିଏକି ସେହି ଦଣ୍ଡର ମୂଲ୍ୟକୁ ପରିଶୋଧ କରି ପାରିଥାଆନ୍ତେ । ଏବଂ ସେ ଆମର ମୃତ୍ୟୁର ଦଣ୍ଡର ମୂଲ୍ୟକୁ ପରିଶୋଧ କଲେ, ଏବଂ ଆମର ପାପଗୁଡିକୁ ନିଜ ଉପରେ ନେଇ ନେଲେ, ଯେପରିକି ଆମେମାନେ ତାହାଙ୍କ ଦ୍ୱାରା ପରମେଶ୍ୱରଙ୍କ ଧାର୍ମିକତା ହୋଇପାରୁ ।

128 ତେବେ, ଯେତେବେଳେ ଏହି ମହାନ ଆଲୋକଗୁଡ଼ିକ ବାହାରିଲା, କିମ୍ୱା ଆତ୍ମାର ମହାନ କିରଣଗୁଡାକ ବାହାରିଲା: ପ୍ରେମ, ଶାନ୍ତି, ଯାହାସବୁ କିଛି ସେଥିରେ ଥିଲା, ତାହା । ସେଠାରେ କୌଣସି ଦୁଃଖ ପୀଡା ନ ଥିଲା । ସେଠାରେ କୌଣସି ଘୃଣା ନ—ନ ଥିଲା, କିମ୍ୱା କୌଣସି ମନ୍ଦତା ନ ଥିଲା; ତାହା ଏହି ନିର୍ଝରଠାରୁ ବାହାରି ଆସିପାରେ ନାହିଁ । ତାହା ଯିହୋବା ଥିଲେ । ତାହା ଯିହୋବା ପରମେଶ୍ୱର ଥିଲେ । ଏବଂ ବର୍ତ୍ତମାନ, ଯେପରି ଧର୍ମଶାସ୍ତ୍ରୀମାନେ ଏହାକୁ କୁହନ୍ତି, ଏକ ଥିଓଫାନି ସେହିଠାରୁ ବାହାରିଥିଲା, ଯାହାକୁ ଶାସ୍ତ୍ର ଅନୁଯାୟୀ, କୁହାଯାଇଥିଲା,

ସେହି "ଲୋଗୋସ୍," ସେହି ଲୋଗୋସ୍ ଯାହାକି ପରମେଶ୍ୱରଙ୍କଠାରୁ ବାହାରିଥିଲା । ଏହାକୁ ବୁଝାଇବା କଷ୍ଟକର, ମାତ୍ର ଏହା ପରମେଶ୍ୱରଙ୍କର ଏକ ଅଂଶ ଥିଲା ।

129 ତେବେ, ଏଠାରେ ତାହା ଅଛି ଯାହାକି ଘଟିଥିଲା ଓଃ! ମୋତେ କ୍ଷମା କରନ୍ତୁ । ମୁଁ—ମୁଁ—ମୁଁ ଠିକ ଏହା ଉପରେ ଆସି ଯାଇଥାଏ, ଏହା ମୋତେ ଠିକ୍ ସେହି ସ୍ଥାନକୁ ନେଇଯାଏ ଯେଉଁଠାରେ ମୁଁ ଏହାକୁ ଭଲ ପାଏ । ବୁଝିଲେ? ସେହି ଲୋଗୋସ୍, ଏବଂ ଏହି ମହାନ ନିର୍ଝର, ଆତ୍ମାଙ୍କର ଏହି ମହାନ ନିର୍ଝର ଯାହାରକି କୌଣସି ଆରମ୍ଭ କିମ୍ବା କୌଣସି ଅନ୍ତ ନ ଥିଲା; ସୃଷ୍ଟିରେ, ଏହି ମହାନ ଆତ୍ମା ଆକାର ଗ୍ରହଣ କରିବାକୁ ଆରମ୍ଭ କଲା, ଏବଂ ସେହି ଲୋଗୋସ୍ ଯାହାକି ଏଥିରୁ ବାହାରିଥିଲା ତାହା ପରମେଶ୍ୱରଙ୍କର ପୁତ୍ର ଥିଲା । ଏହାହିଁ କେବଳ ଆତ୍ମାଙ୍କର ଏକମାତ୍ର ଦୃଶ୍ୟମାନ ରୂପ ଥିଲା । ଏବଂ ଏହା ଏକ ଥିଓଫାନି ଥିଲା, ଯାହାର ଅର୍ଥ ଏକ ଶରୀର, ଏବଂ ସେହି ଶରୀର ଜଣେ ମନୁଷ୍ୟ ପରି ଥିଲା ।

130 ମୋଶା ଏହାକୁ ଦେଖିଥିଲେ ଯେତେବେଳେ ଏହା ତାହା ଦେଇ ଅତିକ୍ରମ କରିଥିଲା… ସେହି ପଥର ଦେଇ—ଦେଇ ଯାଇଥିଲା । ଏବଂ ସେ ଏହାକୁ ଅନାଇଥିଲେ, ଏବଂ କହିଥିଲେ, "ଏହା ତ ଜଣେ ମନୁଷ୍ୟର ପଛ ଭାଗ ପରି ଦେଖାଯାଉଅଛି ।"

ଏହା ତ ସେହି ସମାନ ପ୍ରକାରର ଶରୀର ଅଟେ ଯାହା ଆମେମାନେ ପ୍ରାପ୍ତ କରିଥାଉ ଯେତେବେଳେ ଆମେମାନେ ଏଠାରେ ମରିଥାଉ । "ଯଦି ଏହି ତମ୍ବୁରୂପ ପାର୍ଥିବଗୃହ ଭାଙ୍ଗିଯାଏ, ତେବେ ଆମର ଆଉ ଏକ ଗୃହ ଅଛି ।" ତାହାହିଁ ଏହା ଥିଲା । ଏବଂ ତାହାହିଁ ସେହି ଥିଓଫାନୀ ଥିଲା ଯାହାକି ପରମେଶ୍ୱରଙ୍କର ପୁତ୍ର ଥିଲା । ସେହି ପୁତ୍ର, ସେହି ଲୋଗୋସ୍, ମାଂସମୟ ଦେହ ଧାରଣ କଲା, କାରଣ ଆମେମାନେ ଶରୀରରେ ରଖା ଯାଇଥିଲୁ । ଏବଂ ସେହି ଥିଓଫାନୀ, ସେହି ଲୋଗୋସ୍, ଏଠାରେ ଆମମାନଙ୍କ ମଧ୍ୟରେ ମାଂସମାୟ ଦେହ ଧାରଣ କଲା, ଏବଂ ଏହା ଅନ୍ୟ କିଛି ନୁହେଁ ବରଂ କେବଳ ବାସସ୍ଥାନ ଥିଲା, ଯେହେତୁ ସେହି ସମଗ୍ର ନିର୍ଝର ତାହାଙ୍କଠାରେ ବାସ କରିଥିଲା । ଓଃ, କଅଣ ଆପଣ ଏହା ଦେଖୁଛନ୍ତି କି? ତାହା ସେଠାରେ ଅଟେ । ତାହା ହିଁ ସେହି ଜଣକା ଥିଲା, ଯାହାକି, ସେଥିରେ…

131 ଏଠାରେ ଦେଖନ୍ତୁ । ଆସନ୍ତୁ ବର୍ତ୍ତମାନ ଶୀଘ୍ର ଏବ୍ରୀ, ତାର 7ମ ପର୍ବକୁ ଯିବା, କେବଳ ଅନୁଗ୍ରହର—ର ଗୋଟିଏ କ୍ଷଣ ପାଇଁ, ଯଦି ପରମେଶ୍ୱର ଇଚ୍ଛା କରନ୍ତି । ଆସନ୍ତୁ ଦେଖିବା ଯେ ତାହା ଏଠାରେ କିପରି ଦେଖାଯାଏ । ଅବ୍ରହାମ!

ଆମ ପାଖରେ ଆଉ କେତେ ସମୟ ଅଛି? ଆମ ପାଖରେ ଦଶ ମିନିଟ୍ ଅଛି । ଠିକ୍ ଅଛି । ଆମେ ଏହାକୁ ନେବା, ତାହାପରେ ଆମେ ଏହାକୁ ପରବର୍ତ୍ତୀ, ପରବର୍ତ୍ତୀ, କିମ୍ବା ରବିବାର ଦିନରେ ଶେଷ କରିବା, ଯଦି ପ୍ରଭୁ ଇଚ୍ଛା କରନ୍ତି ।

132 ଅବ୍ରହାମ ରାଜାମାନଙ୍କର ସଂହାରରୁ ଫେରୁଥିଲେ ।

*ଏହି ମଲ୍‌କୀଷେଦକ, ଶାଲେମର ରାଜା,…*

କେତେଜଣ ଜାଣନ୍ତି ଯେ ଶାଲେମ କେଉଁଠାରେ, କିଏ, କଅଣ ଥିଲା? ଯିରୁଶାଲମ ।

*...ଶାଲେମର ରାଜା, ଓ ପରାତ୍ପର ପରମେଶ୍ୱରଙ୍କ ଯାଜକ ଥିଲେ, ସେ ଅବ୍ରହାମ ରାଜାମାନଙ୍କୁ ସଂହାର କରି ପ୍ରତ୍ୟାବର୍ତ୍ତନ କରିବା ସମୟରେ, ତାହାଙ୍କ ସଙ୍ଗେ ସାକ୍ଷାତ କରି ଆଶୀର୍ବାଦ କରିଥିଲେ;*

ଶୁଣନ୍ତୁ ।

*ଅବ୍ରହାମ ମଧ୍ୟ ତାହାଙ୍କୁ ସମସ୍ତ ପଦାର୍ଥରୁ ଦଶମାଂଶ ଦେଇଥିଲେ; ଅନୁବାଦ କଲେ ଏହାଙ୍କ ନାମର ପ୍ରଥମ ଅର୍ଥ ସେହି ଧର୍ମରାଜା,... ଦ୍ୱିତୀୟ, ସେହି ଶାଲେମର ରାଜା, ଅର୍ଥାତ୍ ଶାନ୍ତିରାଜା;*

*ଏହାଙ୍କର ପିତା କି, ମାତା କି, ବଂଶାବଳୀ, କିଅବା ଆୟୁର ଆରମ୍ଭ, ଓ ଜୀବନର ଅନ୍ତ କିଛି ହିଁ ଜଣା ନାହିଁ;...*

133 ଶାଲେମରୁ ଜଣେ ରାଜା ଆସିଲେ, ଓ ଅବ୍ରହାମଙ୍କୁ ରାଜାମାନଙ୍କର ସଂହାର କରି ପ୍ରତ୍ୟାବର୍ତ୍ତନ କରିବା ସମୟରେ, ତାହାଙ୍କ ସଙ୍ଗେ ସାକ୍ଷାତ କରିଥିଲେ । ଏବଂ ଏହି ରାଜାଙ୍କର ନା ପିତା, ନା ମାତା, କିଅବା ଆୟୁର ଆରମ୍ଭ, ଓ ଜୀବନର ଅନ୍ତ କିଛି ହିଁ ଜଣା ନ ଥିଲା । ଅବ୍ରହାମ କାହାଙ୍କୁ ଭେଟିଥିଲେ? ତେବେ ଚିନ୍ତା କରନ୍ତୁ । ତାଙ୍କର କୌଣସି ପିତା ନ ଥିଲେ; ତାଙ୍କର କୌଣସି ମାତା ନ ଥିଲେ । ତାଙ୍କର ଏପରି କୌଣସି ସମୟ ନ ଥିଲା ଯେ ସେ ଆରମ୍ଭ କରିଥିଲେ, ଏବଂ ତାଙ୍କର ଏପରି କେବେବି ସମୟ ରହିବ ନାହିଁ ଯେ ସେ ଶେଷ କରିବେ, ତେଣୁକରି ଶାଲେମର ସେହି ସମାନ ରାଜାଙ୍କୁ ଆଜି ମଧ୍ୟ ଜୀବିତ ରହିବାକୁ ଅଛି । ଆମେନ୍ । କଅଣ ଆପଣ ତାହା ଦେଖୁଛନ୍ତି? ଏହା ତ ସେହି ଥିଓଫାନି ଥିଲା ଯାହାକି ସେହି ପରମେଶ୍ୱରଙ୍କ ପୁତ୍ର ଥିଲେ । କେଉଁ ଶାଲେମ? ସେହି ଯିରୁଶାଲମ ଯାହାକି ଉର୍ଦ୍ଧ୍ୱସ୍ଥ ଅଟେ, ଯେ ଅବ୍ରହାମ, ଆଶୀର୍ବାଦ ପ୍ରାପ୍ତ ହୋଇ, ଅନ୍ୱେଷଣ କରୁଥିଲେ, ଖୋଜୁଥିଲେ, ସେହି ନଗରକୁ ଅନ୍ୱେଷଣ କରିବାକୁ ଚେଷ୍ଟା କରୁଥିଲେ ଯାହାର ଶିଳ୍ପୀ ଓ ନିର୍ମାତା ପରମେଶ୍ୱର ଅଟନ୍ତି । ସେ ମେଷ ଓ ଛାଗ ଚର୍ମରେ ସର୍ବତ୍ର, ଭ୍ରମଣ କରୁଥିଲେ, ନିରାଶ୍ରୟ, ଭ୍ରମଣକାରୀ ଭାବରେ, ଏବଂ ଏପରି ଏକ ନଗରକୁ ଅନ୍ୱେଷଣ କରିବାକୁ ଚେଷ୍ଟା କରୁଥିଲେ ଯାହାର ଶିଳ୍ପୀ ଓ ନିର୍ମାତା ପରମେଶ୍ୱର ଥିଲେ । ଏବଂ ସେ ଆସୁଥିବା ସେହି ଶାଲେମର ରାଜାଙ୍କୁ, ସାକ୍ଷାତ କରିଥିଲେ, ଏବଂ ସେ ତାହାଙ୍କୁ ସମସ୍ତ ଲୁଟ ଦ୍ରବ୍ୟର ଦଶମାଂଶ ଦେଇଥିଲେ । ଆମେନ୍ । ତାହାହିଁ ସେ ଥିଲେ । ଓଃ, ଭାଇ ଗ୍ରାହାମ୍, ତାହାହିଁ ସେ ଥିଲେ । ତାହାହିଁ ସେ ଥିଲେ ।

ଅବ୍ରହାମ ତାଙ୍କୁ ପୁଣିଥରେ ଦେଖିଥିଲେ । ଦିନେ ସେ ତମ୍ବୁରେ ବସିଥିଲେ । ସେ ଅନାଇଲେ, ଯେ ସେଠାକୁ ଆସୁଛନ୍ତି ଏବଂ ସେ ତିନି ଜଣ ଲୋକମାନଙ୍କୁ ଆସୁଥିବାର ଦେଖିଲେ ।

134 ଆପଣ ଜାଣନ୍ତି, ଯେ ଜଣେ ଖ୍ରୀଷ୍ଟିଆନ ବିଷୟରେ ଏପରି କିଛି ଗୋଟାଏ ଅଛି, ଯେ ସେ ଯେତେବେଳେ ଆତ୍ମାଙ୍କୁ ଦେଖେ ସେତେବେଳେ ସେ ତାଙ୍କୁ ଜାଣି ଯାଇଥାଏ । ଯେତେବେଳେ ସେ...ସେ ତ କେବଳ ଏହାକୁ ଜାଣି ଯାଇଥାଏ । ଏହା ବିଷୟରେ କିଛି ତ ଗୋଟାଏ ଆତ୍ମିକ

ବିଷୟ ଅଛି । ଆତ୍ମିକ ବିଷୟଗୁଡ଼ିକ ଆତ୍ମିକ ଭାବରେ ବିବେଚିତ କରା ଯାଇଥାଏ । ଆପଣ ଜାଣନ୍ତି । ହଁ, ସେ କେବଳ ଏହାକୁ କହିପାରନ୍ତି, ଯଦି ସେ ପ୍ରକୃତରେ ନୂତନ ଜନ୍ମ ହୋଇଥାଆନ୍ତି । "ମୋର ମେଷ ମୋର ସ୍ୱର ଜାଣନ୍ତି ।"

135 ଏବଂ ସେ କେବଳ ଏହା ଜାଣିଥିଲେ ଯେ କିଛି ଗୋଟାଏ ବିଷୟ ଅଛି । ସେ ବାହାରକୁ ଦୌଡ଼ି ଗଲେ ଏବଂ କହିଲେ, "ହେ ପ୍ରଭୁ, ଭିତରକୁ ଆସନ୍ତୁ । ବସନ୍ତୁ । ଅଳ୍ପ ଟିକିଏ ବିଶ୍ରାମ ନିଅନ୍ତୁ । ମୁଁ ରୁଟି ଖଣ୍ଡେ ଆଣିଦେବି ଏବଂ ଆପଣଙ୍କ ହାତରେ ରଖିବି । ମୁଁ ଆପଣଙ୍କର ପାଦ ଧୋଇ ଦେବି । ଆପଣ ବିଶ୍ରାମ କରନ୍ତୁ, ତାହାପରେ ନିଜ ଯାତ୍ରାରେ ବାହାରି ଯିବେ, କାରଣ ଆପଣ—ଆପଣ ମୋତେ ଦେଖା କରିବାକୁ ଆସିଛନ୍ତି ।" ସେଠାରେ ସେହି ଅନୁର୍ବର ଭୂମିରେ, କଠିନ ଉପାୟ ଅବଲମ୍ବନ କରି, ପ୍ରଭୁଙ୍କ ଅବହେଳିତ ଅଳ୍ପ ଲୋକମାନଙ୍କ ସହିତରେ ରହୁଥିଲେ ।

ଯେତେବେଳେକି, ଲୋଟ ସମୃଦ୍ଧଶାଳୀ ଅବସ୍ଥାରେ ରହିଥିଲା, ସେଠାରେ ତଳେ ସେହି ପୁତୁରା, ମାତ୍ର ସେ ପାପରେ ଜୀବନ ଯାପନ କରୁଥିଲା । ତାହାହିଁ ଅଟେ ଯେ ଅଧିକାଂଶ ଧନ-ସମୃଦ୍ଧି ପାପକୁ ଉତ୍ପନ୍ନ କରିଥାଏ ।

136 ତେଣୁ ଅବ୍ରହାମ ସେମାନଙ୍କ ପାଇଁ ନେଇକରି ଆସିଲେ, ଯେତେବେଳେକି ସେ ଅଳ୍ପ ଟିକିଏ ପାଣି ଆଣିଲେ ଓ ସେମାନଙ୍କର ପାଦ ଧୋଇଲେ । ସେ ବାଛୁରୀ ପଲ ମଧ୍ୟକୁ ଦୌଡି ଗଲେ, ଏବଂ ଏକ ହୃଷ୍ଟପୁଷ୍ଟ ଗୋବତ୍ସକୁ ଭିତରକୁ ନେଇ, ତାକୁ ବଧ କଲେ; ଏହାକୁ ରାନ୍ଧିବା ପାଇଁ, ଜଣେ ସେବକକୁ ଦେଲେ । ଏବଂ କହିଲେ, "ସାରା, ତୁମେ ଭୋଜନ ନିମନ୍ତେ ମଇଦା ଚକଟି ପ୍ରସ୍ତୁତ କର ।"

ଆପଣ ଜାଣନ୍ତି ଯେ ମଇଦା ଚକଟିବା, ତାହା କଅଣ ଅଟେ, ତାର ଅର୍ଥ କଅଣ । ଆପଣ ଜାଣନ୍ତି, ମାଆ ପାଖରେ ଏକ ପୁରୁଣା, ଏକ ଖୁଞ୍ଚା ପରି ଏକ ବିଷୟ ରହୁଥିଲା, ଯାହାକୁ ସେ ସେହି—ସେହି ମଇଦା ପାତ୍ର ଭିତରେ ଦେଉଥିଲେ । କଅଣ ଆପଣ କେବେ ସେଗୁଡିକ ମଧ୍ୟରୁ ଗୋଟିଏକୁ ଛଣା ଉପକରଣ ସହିତ ଦେଖିଛନ୍ତି କି? ଏବଂ ସେଠାରେ ଆପଣଙ୍କର ଏକ ଖୁଞ୍ଚା ରହିଥାଏ, ଯେଉଁଥିରେ ଆପଣ ମଇଦାକୁ ଚଲାନ୍ତି, ଆପଣ ଜାଣନ୍ତି; ଏବଂ ସେହିପରି ଭାରୀ ହୋଇଯାଏ, ଏବଂ ଏହାକୁ ସେହିପରି ଭାବରେ, ଚଲାନ୍ତି । ମୁଁ ମାଆଙ୍କୁ ତାହା, ଅନେକ ଥର, ସେହି ଖୁଞ୍ଚାକୁ ବ୍ୟବହାର କରିଥିବାର ଦେଖିଛି, ଏକ ଛୋଟ ଗୋଲାକାର ଜିନିଷ ରହିଥାଏ ଯାହା ଉପରେ ଗୋଟିଏ ଛଣା ଜାଲି ରହିଥାଏ । ସେ ସେହି ମଇଦାକୁ ନିଅନ୍ତି ଓ ଏହାକୁ ସେହିପରି ଭାବରେ ଚଲାନ୍ତି, ଆପଣ ଜାଣନ୍ତି, ଏବଂ ଏହାକୁ ସେହିପରି ଭାବରେ, ଉପର ଓ ତଳ କରି ବାରମ୍ବାର ଚଲାନ୍ତି । ତାହାପରେ ସେହି ଖୁଞ୍ଚାକୁ ନିଅନ୍ତି ଏବଂ ଏହାକୁ ସେହିପରି ଭାବରେ, ଚାରିଆଡ଼େ ଚଲାନ୍ତି, ଯେପରିକି ଏହା ସବୁକୁ ତଳକୁ ଅଣାଯାଏ । ଏବଂ ସେତେବେଳେ ଅଟେ ଯେ ଆମକୁ ତଳକୁ ଯିବାକୁ ପଡିଥାଏ ଓ ପୁରୁଣା ଗ୍ରିଷ୍ଟ ମିଲରେ ଆମର ମଇଦାକୁ ପେଶୀ ଚୂର୍ଣ୍ଣ କରିବାକୁ ପଡିଥାଏ; ଏବଂ ବଡ ବଡ଼ ପୁରୁଣା କଣ୍ଟକମାନ, ଆପଣ

ଜାଣନ୍ତି, ଭାରୀ, ପ୍ରକୃତ ମକା ରୁଟି ତିଆରି କରିଥାଏ । ଆପଣ ଦିନସାରା ତାହା ଉପରେ, ସେହି କାଠ ଗଣ୍ଡିଗୁଡିକୁ ଦେଖିପାରିବେ ।

137 ତେଣୁକରି ତେବେ, କହିଲେ, "କିଛି ମଇଦା, ଅତି ଶୀଘ୍ର ଚକଟିବା ପାଇଁ ପ୍ରସ୍ତୁତ କର । ଏବଂ ଠିକ୍ ଏଠାରେ ଏହି ଚୁଲିରେ, ଅତି ଶୀଘ୍ର କିଛି ଘିଅ ପିଠା ପ୍ରସ୍ତୁତ କର ।" ଏବଂ ସେମାନେ ଗାଈରୁ କ୍ଷୀର ବାହାର କଲେ ଓ କିଛି କ୍ଷୀର ନେଇକରି ଆସିଲେ । ଏବଂ ସେମାନେ ନେଲେ, ଏହାକୁ ଫେଣ୍ଟିଲେ, ଏବଂ କିଛି ଲହୁଣୀ ପ୍ରସ୍ତୁତ କଲେ । ତାହାପରେ ସେମାନେ ଯାଇ ସେହି ଗୋବତ୍ସକୁ ବଧ କଲେ ଏବଂ କିଛି ମାଂସ ନେଇ ଆସିଲେ, ଏବଂ ସେମାନେ ମାଂସକୁ ଭଜା କଲେ । ସେହି ଲହୁଣୀ କ୍ଷୀର, ମକା ରୁଟି ନେଇ କରି ଆସିଲେ, ଏବଂ ସେମାନେ ଗରମ ପିଠା ଉପରେ ପକାଇବା ପାଇଁ କିଛି ଲହୁଣୀ ନେଇକି ଆସିଲେ । ଓଃ, ଏହା ପ୍ରକୃତରେ ଭଲ ଥିଲା । ଏବଂ ସେମାନେ ଏହାକୁ ସେସବୁ ଉପରେ ଲଗାଇ ଦେଲେ । ଏବଂ ସେ ଏହାକୁ ନେଇ, ଏହି ତିନି ଜଣ ବ୍ୟକ୍ତିଙ୍କ ନିକଟରେ ପରିବେଷଣ କଲେ ।

138 ଆଉ ଯେତେବେଳେ ସେମାନେ ଭୋଜନ କରୁଥିଲେ. ସେହି ସମୟରେ ସେମାନେ ସଦୋମ ଆଡକୁ ଚାହିଁ ରହିଥିଲେ । ଆଉ କିଛି ସମୟ ପରେ, ସେମାନେ ଉଠି ଚାଲିଯିବାକୁ ଲାଗିଲେ । ଏବଂ ସେ କହିଲେ, "ଅବ୍ରହାମ…" କହିଲେ, "ତୁମେ ଏହାକୁ ମୋ ଠାରୁ ଲୁଚାଇ ରଖିବ ନାହିଁ ।"

139 "ମୁଁ ଯାହା କରିବାକୁ ଯାଉଅଛି, ତାହା ମୁଁ ତୁମଠାରୁ ଲୁଚାଇ ରଖିପାରେ ନାହିଁ। ମୁଁ ସେଠାରେ ତଳକୁ ଯାଉଅଛି । ସଦୋମର ପାପଗୁଡିକ ମୋ କର୍ଣ୍ଣଗୋଚର ହୋଇଅଛି ।"

ସେହି ମଣିଷ କିଏ ଥିଲେ? ତାଙ୍କ ପୋଷାକ ଉପରେ ସର୍ବତ୍ର ଧୂଳି ରହିଥିଲା, ଏବଂ ସେଠାରେ ବସି ଏକ ଗୋବତ୍ସ ମାଂସ ଭୋଜନ କରିଥିଲେ, ଏବଂ ଗାଈ କ୍ଷୀର ପିଇଥିଲେ, ଏବଂ କିଛି ମକା ରୁଟି ପିଠା ଖାଇଥିଲେ, ଏବଂ କିଛି ଲହୁଣୀ ଖାଇଥିଲେ । ଏହି ବିଚିତ୍ର ବ୍ୟକ୍ତି କିଏ ଅଟନ୍ତି? ସେମାନଙ୍କ ମଧ୍ୟରୁ ଦୁଇ, କିମ୍ବା ତିନୋଟି, ସେଠାରେ ବସି ରହିଥିଲେ । ତାଙ୍କ ପୋଷାକର ସବୁ ଆଡେ ଧୂଳି ଲାଗି ରହିଥିଲା । ଓଃ, ହଁ, "ଆମେ ଏକ ଦୂର ଦେଶରୁ ଆସିଅଛୁ ।" ହଁ, ବହୁତ ଦୂରରୁ । ଏବଂ ତେଣୁକରି ସେ କହିଲେ…ତେବେ, ସେମାନେ କିଏ ଥିଲେ?

140 ସେ କହିଲେ, "ମୁଁ ଅବ୍ରହାମଙ୍କଠାରୁ ଏହା ଦେଖି ଯେ ସେ ପୃଥିବୀର ଅଧିକାରୀ ଅଟେ, ଲୁଚାଇ ରଖିପାରେ ନାହିଁ ।" ଆମେନ୍ । "ମୁଁ ମୋର ନିଗୁଢ ବିଷୟଗୁଡ଼ିକୁ ସେମାନଙ୍କଠାରେ ପ୍ରକାଶ କରେ," ଅନ୍ୟ ଶବ୍ଦରେ, "ଯେଉଁମାନେକି ପୃଥିବୀର ଅଧିକାରୀ ଅଟନ୍ତି ।" ତାହା ହିଁ ଅଟେ ଯେଉଁଠାରେକି ମଣ୍ଡଳୀ ଆଜି ରହିବା ଉଚିତ୍ । ତାହା ଠିକ୍ ଅଟେ । ପରମେଶ୍ୱରଙ୍କ ରହସ୍ୟଗୁଡିକ ପ୍ରାପ୍ତ କରନ୍ତୁ, ଜାଣନ୍ତୁ ଯେ ନିଜକୁ କିପରି ଧରି ରଖିବାକୁ ଅଛି, ଏବଂ ଆଚରଣ କରିବାକୁ ଅଛି, ଏବଂ କଅଣ କରିବାକୁ ଅଛି, ଏବଂ କିପରି ଚାଲିବାକୁ ଅଛି, ଏବଂ କିପରି ଜୀବନ ଯାପନ କରିବାକୁ ଅଛି । ଆମେମାନେ ପୃଥିବୀର ଅଧିକାରୀ ଅଟୁ । ଠିକ୍ ଅଛି । ସେ ଏହାକୁ ଆପଣଙ୍କଠାରେ ପ୍ରକାଶ କରନ୍ତି, କାରଣ ସେ କିଛି ଲୁଚାଇ ରଖିବେ ନାହିଁ । ସେଇଥିପାଇଁ ତ

ଆମେ ଏହି ବିଷୟଗୁଡ଼ିକ ଘଟୁଥିବାର ଦେଖୁଅଛୁ ।

ଜଗତ କୁହେ, "ଆହଃ, ତାହା ତ ପାଗଳମାନଙ୍କର ଏକ ସମୂହ ଅଟେ ।" ସେମାନଙ୍କୁ ତାହା କୁହିବାକୁ ଦିଅନ୍ତୁ । ପୃଥିବୀର ଅଧିକାରୀ ଏହିସବୁ ବିଷୟ ଜାଣେ । [ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା ।]

*...କାରଣ ସେମାନେ ପରମେଶ୍ୱରଙ୍କ ସନ୍ତାନ ବୋଲି ଖ୍ୟାତ ହେବେ ।*

*ନମ୍ର ଲୋକେ ଧନ୍ୟ: କାରଣ ସେମାନେ ପୃଥିବୀର ଅଧିକାରୀ ହେବେ ।*

ସେ ଆପଣାର ରହସ୍ୟଗୁଡ଼ିକୁ ସେମାନଙ୍କୁ ଜଣାନ୍ତି, ସେମାନଙ୍କଠାରେ ଏହା ପ୍ରକାଶ କରନ୍ତି, ସେମାନଙ୍କୁ ଏହା ଦେଖାନ୍ତି ଯେ ଜଗତର ବିଷୟବସ୍ତୁକୁ ତ୍ୟାଗ କରି, କଅଣ କରିବାକୁ ଅଛି ଏବଂ କିପରି ବଞ୍ଚି ରହିବାକୁ ଅଛି; ବର୍ତ୍ତମାନର ଦୁନିଆରେ, ଈଶ୍ୱରୀୟ ଗୁଣ ଚରିତ୍ର ସହିତ ଚାଲିବାକୁ ଅଛି ଏବଂ ଈଶ୍ୱରୀୟ ଜୀବନଯାପନ କରିବାକୁ ଅଛି, ତାହାଙ୍କ ସହିତ ଗମନାଗମନ କରିବାକୁ ଅଛି । ଜଗତ ଯାହା ଚାହୁଁଛି ତାହା କହୁ ।

141 ତେଣୁକରି ସେ କହିଲେ, "ମୁଁ ଅବ୍ରହାମଙ୍କଠାରୁ ଏହି ରହସ୍ୟ ଲୁଚାଇ ରଖିପାରେ ନାହିଁ, କାରଣ, ଏହା ଦେଖି ଯେ ସେ ପୃଥିବୀର ଅଧିକାରୀ ଅଟେ । ମାତ୍ର," ସେ କହିଲେ, "ମୁଁ ସଦୋମକୁ ଧ୍ୱଂସ କରିବାକୁ ଯାଉଅଛି । ମୁଁ ତଳକୁ ଯାଉଅଛି ।"

142 "ଆପଣ କଅଣ କରିବାକୁ ଯାଉଛନ୍ତି, ଶ୍ରୀମାନ? ଆପଣ କେଉଁଠାରୁ ଆସିଛନ୍ତି? ଏହା ସବୁ କଅଣ ଅଟେ?"

143 ଜାଣିବାକୁ ପାଇଲେ ଯେ, ସେ କହିଲେ, "ଆଉ ଗୋଟିଏ କଥା, ଅବ୍ରହାମ, ମୁଁ ତୁମକୁ ଦେଇଥିବା ଏହି ପ୍ରତିଜ୍ଞା ପାଇଁ ତୁମେ ପଚି-ଶ ବର୍ଷ କାଳ ଅପେକ୍ଷା କରିଅଛ । ତୁମେ ପଚି-ଶ ବର୍ଷ ପୂର୍ବେ, ଏହି ଶିଶୁ ପାଇଁ, ସମସ୍ତ କିଛି ସାନ ଶିଶୁର ଜିନିଷଗୁଡ଼ିକ ପ୍ରସ୍ତୁତ କରିଅଛ, ସେହି—ସେହି ପିନ୍ ଓ ସମସ୍ତକିଛି ବିଷୟ । ତୁମେ ଏଯାଏଁ ମୋ ଉପରେ ଅପେକ୍ଷା କରି ରହିଛ । ବର୍ତ୍ତମାନ ମୁଁ ତୁମକୁ ପରିଦର୍ଶନ କରିବାକୁ ଯାଉଅଛି, ଠିକ ଜୀବନର ଋତୁ ସମୟରେ, ଜୀବନର ସମୟ, ଅନୁଯାୟୀ, ଆସନ୍ତା ମାସରେ ମୁଁ ତୁମ ସହିତରେ ରହିବି ।"

144 ଏବଂ ସାରା, ତମ୍ବୁ ପଛରେ ରହିଥିଲେ । ଏବଂ ଏହି ବ୍ୟକ୍ତି ଜଣକ ସେହି ତମ୍ବୁ ଆଡକୁ ନିଜ ପିଠି କରି, ଅବ୍ରହାମଙ୍କ ସହ, ଏହିପରି ଭାବରେ କଥାବାର୍ତ୍ତା ହେଉଥିଲେ । ଏବଂ ସାରା କହିଲେ, "ହୁଃ!"

145 ସେ କହିଲେ, "ସାରା କଅଣ ପାଇଁ ହସିଲା?" ହୋ-ହୋ-ହୋ! ତାହା ବିଷୟରେ କଅଣ? ତାହା ସୁଦୂରରୁ ମନକୁ ଜାଣିପାରିବାର ଏକ କଳା ସେହି ଟେଲିପ୍ୟାଥୀ ଥିଲା, କଅଣ ନୁହେଁ କି? "ସାରା କଅଣ ପାଇଁ ହସିଲା?"

ସାରା କହିଲେ, "ନା । ମୁଁ କଦାପି ହସି ନାହିଁ ।"

146 କହିଲେ, "ଓଃ, ହଁ, ତୁମେ ହସିଲ ।" ସେ ଡରି ଯାଇଥିଲା । ସେ ଥର ଥର କମ୍ପୁଥିଲା । ସେ କିଏ ଥିଲେ, ଯିଏକି ଏହା ଜାଣି ପାରିଥିଲେ ଯେ ସେ ପଛରେ ତମ୍ବୁରେ କଅଣ କରୁଥିଲା? ତାହା ତ ସେହି ସମାନ ପରମେଶ୍ୱର ଅଟନ୍ତି ଯିଏକି ଆଜି ଆମ ସହିତରେ ଅଛନ୍ତି । ସେହି ସମାନ ଜଣ । ସେ ଏହା ବିଷୟରେ ସବୁ କିଛି ଜାଣନ୍ତି । ବୁଝିଲେ? ସେ ଏହାକୁ ଆପଣଙ୍କଠାରେ ଆବଶ୍ୟକତା ଅନୁଯାୟୀ ପ୍ରକାଶ କରନ୍ତି । ବୁଝିଲେ?

147 "ତୁମେ କଅଣ ପାଇଁ ହସିଲ?" ଦେଖନ୍ତୁ, ନିଜ ପିଠିକୁ ତାହା ଆଡ଼େ କରିଥିଲେ । ବାଇବଲ ଏହା ବ୍ୟକ୍ତ କରେ, ଯେ, "ତାଙ୍କ ପିଠି ତମ୍ବୁ ଆଡକୁ ଥିଲା ।" ମାତ୍ର, ସେ ଏହାକୁ ଜାଣିଥିଲେ । "ସେ ସେଠାରେ, ପଛରେ ବସି, *ଏହା* କଅଣ କରୁଅଛି?" କଅଣ ଆପଣ ଦେଖୁଛନ୍ତି କି? ତେଣୁ କରି, ସେ କହିଲେ, "ମୁଁ ତୁମକୁ ସାକ୍ଷାତ କରିବାକୁ ଯାଉଅଛି ।"

148 ଏହି ଆଗନ୍ତୁକ ବ୍ୟକ୍ତିଜଣକ କିଏ ଅଟନ୍ତି? ଆପଣ ଜାଣିଛନ୍ତି ଯେ କଅଣ ଘଟିଲା? ସେ ଠିକ୍ ସେଠାରୁ ଚାଲିଗଲେ ଏବଂ ଅଦୃଶ୍ୟ ହୋଇଗଲେ । ଏବଂ ବାଇବଲ କୁହେ ଯେ ସେ ସର୍ବଶକ୍ତିମାନ ପରମେଶ୍ୱର, ଯିହୋବା, ସେହି ମହାନ ନିର୍ଝର, ସେହି ଥିଓଫାନି, ସେହି ଲୋଗୋସ୍ ଥିଲେ ।

149 କୌଣସି ପ୍ରଚାରକ ମୋତେ କହିଥିଲେ, କିଛି ସମୟ ପୂର୍ବରୁ, କହିଥିଲେ, "ଭାଇ ବ୍ରାନହାମ୍, ଆପଣ ପ୍ରକୃତରେ ଭାବନ୍ତି ନାହିଁ ଯେ ତାହା ପରମେଶ୍ୱର ଥିଲେ, କଅଣ ଆପଣ ଭାବନ୍ତି କି?"

150 ମୁଁ କହିଲି, "ବାଇବଲ କୁହେ ଯେ ଏହା ପରମେଶ୍ୱର, ଏଲୋହିମ୍ ଥିଲେ ।" ଯାହାକି, ସେ ସର୍ବଶକ୍ତିମାନ ପରମେଶ୍ୱର, ସେହି ଏଲ୍ ଶଦ୍ଦାଇ ଥିଲେ, ତାହା ଠିକ୍ ଅଟେ, ସେହି ଶକ୍ତି-ପ୍ରଦାନକାରୀ, ସେହି ସନ୍ତୁଷ୍ଟକାରୀ ଥିଲେ । ଆମେନ୍ ।

151 ଓଃ, ମୁଁ ଧାର୍ମିକ ଅନୁଭବ କରେ! ଏହା ବିଷୟରେ ଚିନ୍ତା କରନ୍ତୁ । ଏଠାରେ ଅଛନ୍ତି, ସେ ଅଛନ୍ତି । ବର୍ତ୍ତମାନ ମୁଁ ଆପଣଙ୍କୁ ଦେଖାଇବାକୁ ଯାଉଅଛି ଯେ ସେ ଏଠାରେ କିଏ ଅଟନ୍ତି, ତାହାପରେ ଆପଣ ଦେଖିବେ ଯେ ପୁତ୍ର କିଏ ଅଟନ୍ତି । ସେ ଯୀଶୁ ଥିଲେ, ଏହା ପୂର୍ବେକି ତାଙ୍କର ମାନବୀୟ ନାମ, "ଯୀଶୁ" ଥିଲା ।

152 ସେହି ଦିନ ନିର୍ଝର ପାଖରେ ଛିଡା ହୋଇଥିଲେ । ଏବଂ ସେମାନେ ସମସ୍ତେ ପାନ କରୁଥିଲେ, ଆପଣ ଜାଣନ୍ତି, ଏବଂ, "ପ୍ରାନ୍ତରରେ ଜଳ ପାଇବା ବିଷୟ ହୋଇଥିଲା," ଏବଂ ସେହିପରି ବିଷୟ ପ୍ରଭୃତି । ସେ କହିଥିଲେ...ସେମାନେ ମାନ୍ନା ଏବଂ ଜିନିଷ ଭୋଜନ କରିଥିଲେ । ସେମାନେ କହିଥିଲେ, "ଆମର ପିତୃପୁରୁଷମାନେ ଚାଳିଶ ବର୍ଷ ଯାଏଁ, ପ୍ରାନ୍ତରରେ ମାନ୍ନା ଖାଇଥିଲେ ।

153 ସେ କହିଲେ, "ଏବଂ ସେମାନେ, ସମସ୍ତେ, ମାରୀ ଯାଇଥିଲେ ।" କହିଲେ, "ମୁଁ ସ୍ୱର୍ଗରୁ ପରମେଶ୍ୱରଙ୍କଠାରୁ ଆଗତ, ଜୀବନର ସେହି ରୁଟି । ଯିଏ ଏହି ରୁଟି ଭୋଜନ କରେ ସେ କଦାପି ମରିବ ନାହିଁ ।"

154 କହିଲେ, "ତେବେ, ଆମର ପିତୃପୁରୁଷମାନେ ଆମ୍ଭଠାରୁ, ପ୍ରାନ୍ତରରେ ଥିବା ଏକ ଆତ୍ମିକ ଶୈଳରୁ ପାନ କରିଥିଲେ, ଯାହାକି ସେମାନଙ୍କୁ ଅନୁସରଣ କରିଥିଲା ।"

155 ସେ କହିଲେ, "ମୁଁ ସେହି ଶୈଳ ଅଟେ ।" ମହିମା ହେଉ! ସାଧୁ ଯୋହନ, ୪ଷ୍ଟ ପର୍ବ ।

"କାହିଁକି," ସେମାନେ କହିଲେ, "କଅଣ?"

"ହଁ ତାହା ଠିକ୍ ଅଟେ ।"

156 "କାହିଁକି," ସେ କହିଲେ, "ତୁମେ ତ...ତୁମକୁ ତ ପଚାଶ ବର୍ଷ ବୟସ ସୁଦ୍ଧା ହୋଇନାହଁ ।" ଅବଶ୍ୟ, ତାଙ୍କର କାର୍ଯ୍ୟ ହେତୁ ତାଙ୍କୁ ଟିକିଏ ଅଧିକ ବୟସ ହେଲା ପରି ଦେଖା ଯାଉଥିଲା, ମାତ୍ର ସେ କେବଳ ତିରିଶ ବର୍ଷ ବୟସର ଥିଲେ । କହିଲେ, "ତୁମେ ତ ଜଣେ ପଚାଶ ବର୍ଷରୁ ଅଧିକ ଜଣେ ବ୍ୟକ୍ତି ନୁହଁ, ଏବଂ ତୁମେ କହୁଛ ଯେ ତୁମେ ଅବ୍ରହାମଙ୍କୁ ଦେଖିଅଛ, ଯିଏକି ଆଠ ଶହ କିମ୍ବା ନଅ ଶହ ବର୍ଷ ହେଲାଣି ମରିଛନ୍ତି? ଆମେ ବର୍ତ୍ତମାନ ଜାଣୁ ଯେ ତୁମେ ଶୟତାନ ଅଟ ।"

157 ସେ କହିଲେ, "ଏହା ପୂର୍ବେକି ଅବ୍ରହାମ ଥିଲେ, **ମୁଁ ଅଟେ** ।" ସେଠାରେ ସେ ଅଛନ୍ତି । **ମୁଁ ଅଟେ** କିଏ ଥିଲେ? ସମସ୍ତ ପୀଢୀ ପାଇଁ ଏକ ଚିରନ୍ତନ ନାମ । ତାହା ସେହି...ଜଳୁଥିବା ବୁଦାରେ ସେହି ଅଗ୍ନିସ୍ତମ୍ଭ ଥିଲେ, "**ମୁଁ ଯେ ଅଟେ ସେ ଅଟେ** ।" ସେଠାରେ ସେ, ସେହି ଥିଓଫାନି ଥିଲେ ଯାହାକି ସେ ଏଠାରେ ପ୍ରସ୍ତୁତ କରିଥିଲେ, ଯାହାକୁ ପରମେଶ୍ୱରଙ୍କ ପୁତ୍ର, **ମୁଁ ଅଟେ**, ଯିହୋବା ବୋଲି କୁହା ଯାଇଥିଲା ।

158 ଥୋମା କହିଥିଲେ, "ପ୍ରଭୁ, ଆମକୁ ପିତାଙ୍କୁ ଦେଖାଇ ଦିଅନ୍ତୁ ଏବଂ ଏହା ଆମକୁ ସନ୍ତୁଷ୍ଟ କରିବ ।"

159 କହିଲେ, "ମୁଁ ତୁମ ସଙ୍ଗରେ ଏତେ ଦିନରୁ ରହିଅଛି, କଅଣ ତୁମେ ମୋତେ ଜାଣି ନାହଁ?" କହିଲେ, "ଯେତେବେଳେ ତୁମେ ମୋତେ ଦେଖିଥାଅ, ତୁମେ ପିତାଙ୍କୁ ଦେଖିଥାଅ । କାହିଁକି କହୁଛ, 'ତୁମେ, ଆମକୁ, ପିତାଙ୍କୁ ଦେଖାଅ'? ମୁଁ ଏବଂ ପିତା ଏକ । ମୋର ପିତା ମୋ ଠାରେ ବାସ କରନ୍ତି । ମୁଁ ତ କେବଳ ପୁତ୍ର ନାମରେ ଏକ ତମ୍ବୁ ଅଟେ । ପିତା ମୋ ଠାରେ ବାସ କରନ୍ତି । ଏହା ମୁଁ ନୁହେଁ ଯିଏକି ସେହି କାର୍ଯ୍ୟଗୁଡିକୁ କରେ, ଏହା ତ ମୋର ପିତା ଅଟନ୍ତି ଯିଏକି ମୋ ଠାରେ ବାସ କରନ୍ତି । ସେ ସେହି କାର୍ଯ୍ୟଗୁଡିକୁ କରନ୍ତି, ମୁଁ ନୁହେଁ ।"

160 ତେବେ, ପୁନର୍ବାର, ସେଠାରେ ଛିଡା ହୋଇଥିବା ଅବସ୍ଥାରେ, ମୋଶା ତାହାଙ୍କୁ ଦେଖିଥିଲେ, ତାହାଙ୍କର ପଛ ଭାଗକୁ ଦେଖିଥିଲେ, କହିଲେ, "ତାହା ତ ଜଣେ ମନୁଷ୍ୟର ପିଠି ପରି ଦେଖାଯାଉଥିଲା," ସେହି ଲୋଗୋସ୍ ଯାହାକି ପରମେଶ୍ୱରଙ୍କଠାରୁ ବାହାରିଥିଲା ।

161 ତାହାପରେ କଅଣ ଘଟିତ ହେଲା? ଏହା ପରମେଶ୍ୱର ଥିଲେ । ଏବଂ ସେହି କାରଣ ଯେ ସେ ଲୋଗୋସ୍‌ରୁ ମାଂସମୟ ଦେହ ଧାରଣ କରିଥିଲେ...କଅଣ...? ଆପଣ କିପରି...? ତାହା ସହିତ କଅଣ ଘଟିଲା? ଏହାର ପାଞ୍ଚ ମିନିଟ୍ ପୂର୍ବରୁ, ସେ ତ ଏକ...ସେ ଲୋଗୋସ୍ ଥିଲେ । ମାତ୍ର ସେ କଅଣ କରିଥିଲେ? ସେ ତ କେବଳ ସେଠାରେ ପହଞ୍ଚିଥିଲେ...

162 ତେବେ, ଆମ ଶରୀର ଜଗତର ଷୋହଳଟି ବିଭିନ୍ନ ତତ୍ତ୍ୱରୁ ନିର୍ମିତ ହୋଇଅଛି। ଆମେ ତାହା ଜାଣୁ। ଏହା ପୋଟାଶରୁ ନିର୍ମିତ ଅଟେ, ଏବଂ—ଏବଂ ଏକ—ଏବଂ ଟିକିଏ କ୍ୟାଲସିୟମ୍, ଏବଂ—ଏବଂ ପେଟ୍ରୋଲିୟମ, ଏବଂ କୋସ୍ମିକ ପ୍ରକାଶ, ଏବଂ ପରମାଣୁ, ଏବଂ ପ୍ରଭୃତି ସବୁରେ ନିର୍ମିତ ଅଟେ। ସମସ୍ତ କିଛି ଏକାଠି ମିଶ୍ରିତ ହୋଇ, ଏହି ଶରୀରକୁ ନିର୍ମାଣ କରନ୍ତି, ପୃଥିବୀର ଧୂଳିରୁ ଆସିଥାଏ। ଆପଣ ଖାଦ୍ୟ ଖାଆନ୍ତି। ଯେତେବେଳେ ଆପଣ ଖାଦ୍ୟ ଖାଇଥାନ୍ତି, ତାହା ପରିଣତ ହୋଇଥାଏ...ସେହି ଧୂଳିରୁ, ଏବଂ ଏହା ଧୂଳିରୁ ଆସିଥାଏ, ଏବଂ ତାହା ଠିକ୍—ଠିକ୍ ସେହିପରି ଭାବରେ ଚାଲିଥାଏ। ଆପଣଙ୍କର ଶରୀର, ଯେତେ ଦୂର ଆପଣଙ୍କର ଶରୀର ବିଷୟ, ତାହା ଗୋଟିଏ ଘୋଡାଠାରୁ, କିମ୍ବା ଗୋଟିଏ ଗାଈଠାରୁ କିମ୍ବା ଅନ୍ୟ କୌଣସି ଜିନିଷଠାରୁ ଭିନ୍ନ ନୁହେଁ। ଏହା ତ ଏବେ ସୁଦ୍ଧା କେବଳ ଶରୀର ହିଁ ଅଟେ।

163 ଏବଂ, ବାଳକ, ଆପଣ ଶରୀରକୁ ମହିମାନ୍ୱିତ କରିଥାଆନ୍ତି; ମାତ୍ର ମୋର ଭାଇ, ସେଠାରେ ସେହି ଆତ୍ମା ଭିତରେ ଗୋଟିଏ ପ୍ରାଣ ରହିଅଛି। ତାହା ଠିକ୍। ମାତ୍ର ଆପଣଙ୍କର ଶରୀର ତ ଠିକ ସେହି ପଶୁର ପରି, ପୃଥିବୀର ଧୂଳି ଅଟେ। ଆପଣଙ୍କର ଶରୀର ଜଣେ ପଶୁଠାରୁ ଅଧିକ କିଛି ନୁହେଁ। ଏବଂ ଯଦି ଆପଣ ଶରୀର ପଛରେ ଏବଂ ଆପଣ ଦେଖୁଥିବା ଜିନିଷ ପଛରେ ଲୋଭ କର, ନାରୀମାନଙ୍କ ପ୍ରତି ଲୋଭ କର, ଏହି ସମସ୍ତ ଭିନ୍ନ ଜିନିଷଗୁଡିକ ପ୍ରତି ଲୋଭ କର, ଏହା ତଥାପି ପଶୁ ହିଁ ଅଟେ। ତାହା ଠିକ୍। ତାହା ଠିକ୍। ଆପଣଙ୍କର ତାହା କରିବା ଉଚିତ୍ ନୁହେଁ। ପରମେଶ୍ୱରଙ୍କ ଆତ୍ମା ଆପଣଙ୍କୁ କଢେଇ ନେବ ଏବଂ ଆପଣଙ୍କୁ ତାହାଠାରୁ ଅଧିକ ଏକ ଉଚ୍ଚତର ଭୂମିରେ ଉପସ୍ଥାପିତ କରିବ। ତାହା ଅବିକଳ ଠିକ୍ ଅଟେ।

164 ତେବେ, ଏବଂ ଏଠାରେ, ଏହି ମହାନ ଥିଓଫାନି ସେଠାରେ ଛିଡା ହୋଇଥିଲା। କଅଣ... ସେହି ମହାନ୍ ଯିହୋବା ପରମେଶ୍ୱର, ଆପଣ ଜାଣନ୍ତି ଯେ ସେ କଅଣ କହିଥିଲେ? ସେ କେବଳ ଗଲେ ଓ ହାତମୁଠାଏ ପରମାଣୁକୁ ନେଲେ, ଟିକିଏ ପ୍ରକାଶକୁ ନେଲେ, ଏବଂ ଏହାକୁ ଏହିପରି ଭାବରେ, ଢାଳିଲେ, କହିଲେ, "ହ୍ୟୁ," ଆଉ ଏକ ଶରୀର ହୋଇଗଲା, ଏବଂ ସେଥି ଭିତରକୁ କେବଳ ପ୍ରବେଶ କରିଗଲେ। ତାହାହିଁ ସବୁ କିଛି ଅଟେ।

165 କହିଲେ, "ଗାବ୍ରିୟେଲ, ଏଠାକୁ ଆସ," ସେହି ମହାନ ପ୍ରଧାନ ସ୍ୱର୍ଗଦୂତକୁ। ଚାଲିଗଲା, "ହ୍ୟୁ।" "*ସେଥି*ରେ ପାଦ ଦିଅ।"

166 "ମୀଖାୟେଲ, ଏଠାକୁ ଆସ," ତାଙ୍କ ଦକ୍ଷିଣ ପାର୍ଶ୍ୱରେ ଥିବା ସେହି ସ୍ୱର୍ଗଦୂତକୁ। "ହ୍ୟୁ।" ସେହି କାରଣ..."ତୁମେ *ସେଥି* ଭିତରେ ପାଦ ଦିଅ।"

167 ପରମେଶ୍ୱର, ଏବଂ ଦୁଇଜଣ ସ୍ୱର୍ଗଦୂତ, ଏଠାରେ ମାନବୀୟ ଶରୀର ନେଇ ତଳକୁ ଓହ୍ଲାଇ ଆସିଥିଲେ, ଏବଂ ଗାଈ କ୍ଷୀର ପାନ କରିଥିଲେ, କ୍ଷୀରରୁ ବାହାର କରା ଯାଇଥିବା ଲହୁଣୀ ଖାଇଥିଲେ, ଏବଂ କିଛି ମକା ରୁଟି ଖାଇଥିଲେ, ଏବଂ ଗୋବତ୍ସ ମାଂସ ଭୋଜନ କରିଥିଲେ। ଦୁଇଜଣ ସ୍ୱର୍ଗଦୂତ ଏବଂ ପରମେଶ୍ୱର। ବାଇବଲ ସେହିପରି ହିଁ ବ୍ୟକ୍ତ କରେ। ତାହା ହେଉଛନ୍ତି ମଲ୍କୀଷେଦକ, ଯାହାକୁ ଅବ୍ରହାମ ରାଜାମାନଙ୍କ ସଂହାରରୁ ଆସୁଥିବା

ବେଳେ, ସାକ୍ଷାତ କରିଥିଲେ । ତାହା ହେଉଛନ୍ତି ପରମେଶ୍ୱରଙ୍କ ପୁତ୍ର ।

168 ଆଗକୁ ଯାଆନ୍ତୁ, ଏଠାରେ ଏବ୍ରୀ, ତାର 7ମ ପର୍ବରେ, କୁହେ, "ମାତ୍ର ପରମେଶ୍ୱରଙ୍କ ପୁତ୍ରଙ୍କ ସଦୃଶ କରା ଯାଇଅଛନ୍ତି ।" ସେଠାରେ ସେ ଅଛନ୍ତି । ସେ ସମସ୍ତ ବିଷୟ ତାହାଙ୍କ ଦ୍ୱାରା ସୃଷ୍ଟି କରିଥିଲେ । ଏବଂ ସେ ସେଠାକୁ ଠିକ୍ ଚାଲିକରି ଗଲେ, ଏବଂ ସେହି ଧୂଳିକୁ ପୁନର୍ବାର ଠିକ୍ ସେହି ଧୂଳିରେ ପରିଣତ କରି ଦେଲେ, ଏବଂ ପୁନର୍ବାର ମହିମାରେ ପ୍ରବେଶ କରି ଗଲେ ।

169 ଏବଂ ସେହି ସ୍ୱର୍ଗଦୂତମାନେ, ଯେତେବେଳେ ସେମାନେ ଶ୍ରୀମାନ ଲୋଟ ଏବଂ ଶ୍ରୀମତୀ ଲୋଟଙ୍କୁ ଉଦ୍ଧାର କରିଥିଲେ, ଏବଂ ଶ୍ରୀମତୀ ଲୋଟ ପଛ ଆଡ଼କୁ ଚାହିଁ ରହିଥିଲେ । ସେ କହିଲେ, ସେମାନଙ୍କୁ ଆଉ ଅଧିକ ତାହା ନ କରିବାକୁ କହିଥିଲେ । ଏବଂ ସେମାନେ ପୁନର୍ବାର ପରମେଶ୍ୱରଙ୍କ ଉପସ୍ଥିତି ମଧ୍ୟକୁ—ମଧ୍ୟକୁ ପ୍ରବେଶ କରି ଯାଇଥିଲେ ।

170 ତେବେ, ଏହି ମହାନ ବିଶ୍ୱାସରେ ଆମର କେତେ ବଡ଼ ଏକ ଆଶା ଅଛି ଯାହାକୁ ଆମେମାନେ ଆଜି ରାତିରେ ସେବା କରୁଅଛୁ! ସେହି ଜୀବନ୍ତ ପରମେଶ୍ୱର, ସେହି ଯିହୋବା, ସେହି ଅଗ୍ନିସ୍ତମ୍ଭ, ଆମ ସହିତରେ ରହିଛନ୍ତି । ଆପଣାକୁ ଶକ୍ତିରେ, ଏବଂ କାର୍ଯ୍ୟରେ ପ୍ରଦର୍ଶିତ କରି, ଗୌରବାନ୍ୱିତ କରନ୍ତି...ସେମାନଙ୍କୁ ନିଜର ଫଟୋଚିତ୍ର ତୋଳିବାକୁ ଦିଅନ୍ତି, ସେହି ସମାନ ଯିହୋବା । ପରମେଶ୍ୱରଙ୍କ ସେହି ପୁତ୍ର ଯିଏକି ପରମେଶ୍ୱରଙ୍କଠାରୁ ଆସିଥିଲେ, ପରମେଶ୍ୱରଙ୍କ ନିକଟକୁ ଫେରି ଗଲେ, ଏବଂ ଚିରଦିନ ପାଇଁ ଆପଣା ମଣ୍ଡଳୀ ମଧ୍ୟରେ ବାସ କରନ୍ତି । ସେ ସେଠାରେ ଅଛନ୍ତି ।

171 ସେ ନିଜଠାରେ ଏକ ଶପଥ କରି, ତାହାଙ୍କ ପୁସ୍ତକରେ ଆମମାନଙ୍କର ନାମଗୁଡିକ ରଖିଅଛନ୍ତି, କାରଣ ସେଠାରେ ଶପଥ କରିପାରିବା ନିମନ୍ତେ କେହି ହେଲେ ଅଧିକ ଯୋଗ୍ୟ ନ ଥିଲେ, ସେହି ଶପଥ ଯେ ସେ ଶେଷ ଦିନରେ ଆମମାନଙ୍କୁ ଉତ୍ଥାପିତ କରିବେ । "ଯିଏ ମୋହର ମାଂସ ଭୋଜନ କରେ, ଏବଂ ମୋର ରକ୍ତ ପାନ କରେ, ସେ ଅନନ୍ତ ଜୀବନ ପାଏ, ଏବଂ ମୁଁ ତାଙ୍କୁ ଶେଷ ଦିନରେ ଉତ୍ଥାପିତ କରିବି । ଯିଏ ମୋ ପାଖକୁ ଆସେ, ମୁଁ କୌଣସି ପ୍ରକାରେ ତାହାକୁ ବାହାର କରି ଦେବି ନାହିଁ । ଯିଏ ମୋହର ବାକ୍ୟ ଶୁଣେ, ଏବଂ ମୋର ପ୍ରେରଣକର୍ତ୍ତାଙ୍କଠାରେ ବିଶ୍ୱାସ କରେ, ଅନନ୍ତ ଜୀବନ ପାଇଅଛି, ଏବଂ କଦାପି ନିନ୍ଦିତ ହେବ ନାହିଁ, ବରଂ ମୃତ୍ୟୁକୁ ଅତିକ୍ରମ କରି ଜୀବନକୁ ପ୍ରବେଶ କରିଅଛି ।"

172 ସେହି ସମାନ ବ୍ୟକ୍ତିଜଣ ହିଁ କେବଳ ଯାଇ ହାତ ମୁଠାଏ କ୍ୟାଲସିୟମ୍ ଏବଂ ପୋଟାଶ୍ ନେଇପାରନ୍ତି, ଓ କହିପାରନ୍ତି, "ହ୍ୟୁ," ଏବଂ ଆପଣ ସେଠାରେ ପୁଣିଥରେ ରହିଥାଆନ୍ତି । ଏବଂ ମୋର ନାମ ତାହାଙ୍କ ପୁସ୍ତକରେ ଅଛି । ହୋ-ହୋ! ହୋ-ହୋ-ହୋ-ହୋ! ମୋର ସେଥିରେ କଅଣ ଫରକ୍ ପଡେ ଯଦି ମୋର କାନ୍ଧ ଝୁଙ୍କି ପଡୁଥାଏ, ମୁଁ କେତେ ଅଧିକ ବୟସଗତ ହେଉଥାଏ? ନିଶ୍ଚିତରେ ନୁହେଁ । ଟିକେ ବି ଚିନ୍ତା ନୁହେଁ ।

173 ଭାଇ ମାଇକ, ଏହି ଦିନମାନଙ୍କ ମଧ୍ୟରୁ ଗୋଟିଏ ଦିନ, ଆପଣଙ୍କ ହୃଦୟକୁ ଆଶୀର୍ବାଦ କରନ୍ତୁ, ଭାଇ, ଯେତେବେଳେ ସେହି ମହାନ ତୂରୀ ବାଦ୍ୟ ହେବ, ସେହି ଧ୍ୱନି, ଏବଂ ସେହି

ଯୋଷେଫ ଆଗକୁ ଆସିବେ । ହାଲ୍ଲେଲୁୟା! ସେ କହିବେ, "ପିଲାମାନେ!" "ହଁ ।" ସେଠାରେ ଆମେମାନେ ରହିବା, ତାହାଙ୍କ ସାଦୃଶ୍ୟତାରେ ନିର୍ମିତ ହୋଇ; ସବୁଦିନ ପାଇଁ ଯୁବା ହୋଇ, ବୃଦ୍ଧାବସ୍ଥା ଚାଲି ଯାଇଥିବ; ଅସୁସ୍ଥତା, ସଙ୍କଟ, ଦୁଃଖ ଦୂର ହୋଇ ଯାଇଥିବ । ଜୀବନ୍ତ ପରମେଶ୍ୱରଙ୍କର ମହିମା ହେଉ!

174 ତାହାହିଁ ଅଟନ୍ତି ଯାହାଙ୍କ ଦେଇ ସେ ଆଜି, କଥା ହେଉଛନ୍ତି, ତାହାଙ୍କର ପୁତ୍ର । "ପରମେଶ୍ୱର ପୁରାକାଳରେ ବିଭିନ୍ନ ଭାଗରେ ଓ ବିଭିନ୍ନ ପ୍ରକାରେ ଭାବବାଦୀମାନଙ୍କ ଦ୍ୱାରା ପିତୃପୁରୁଷମାନଙ୍କୁ କଥା କହିଥିଲେ, କିନ୍ତୁ ଏହି ଶେଷକାଳରେ ତାହାଙ୍କ ପୁତ୍ରଙ୍କ ଦ୍ୱାରା ଆମ୍ଭମାନଙ୍କୁ କଥା କହିଅଛନ୍ତି ।" ସେ ଆହ୍ୱାନ କରିଥିବା ପ୍ରତ୍ୟେକ ମନୁଷ୍ୟର ହୃଦୟ ସହିତ କଥା ହୁଅନ୍ତି । ଯଦି ଆପଣ କେବେ ତାହାଙ୍କର ସ୍ୱରକୁ ଅନୁଭବ କରିଥାନ୍ତି କିମ୍ବା ତାହାଙ୍କୁ ଆପଣା ହୃଦୟରେ ଆଘାତ କରୁଥିବାର ଶୁଣିଥାଆନ୍ତି, ତେବେ ଦୟାକରି ଏହାକୁ ଅନ୍ୟତ୍ର କରନ୍ତୁ ନାହିଁ ।

ଆସନ୍ତୁ ପ୍ରାର୍ଥନା କରିବା ।

175 ସ୍ୱର୍ଗୀୟ ପିତା, ଆଜି ରାତିରେ, ଯେତେବେଳେ ଆମେମାନେ ଏହି ଏବ୍ରୀ ଚିଠିର ଉନ୍ମୋଚନ ହେବା ଉପଲକ୍ଷରେ, ଏହା ଜାଣି ବହୁତ ଖୁସି ଯେ, ପାଉଲ କିପରି ସୁସମାଚାର ନିକଟକୁ ଫେରି ଯାଇଥିଲେ । ସେ କେବଳ ଏକ ଶୁଣା-ଯାଇଥିବା କଥା ଉପରେ କିମ୍ବା ଏକ ଅଭିଜ୍ଞତା ଉପରେ ଏହାକୁ ଗ୍ରହଣ କରି ନ ଥାଆନ୍ତେ । ସେ ଚାହୁଁଥିଲେ ଯେ ଆମେମାନେ ତାହା ଜାଣୁ ଯେ ସତ୍ୟ କଅଣ ଅଟେ । ଏବଂ ସେ ପୁନର୍ବାର ସୁସମାଚାର ନିକଟକୁ ଫେରିଗଲେ, ଏବଂ ସେ...ପୁରାତନ ନିୟମକୁ ଫେରିଗଲେ, ସେହି ସୁସମାଚାର ଯାହା ସେମାନଙ୍କୁ ପ୍ରଚାର କରାଯାଇଥିଲା । ଏବଂ ସେ ସେଠାରେ ସେହି ପୁରାତନ ନିୟମ ଦେଇ, ସମସ୍ତ ଛାୟା ଏବଂ ପ୍ରତିରୂପ ଗୁଡିକୁ, ଦେଖିଥିଲେ । ସେଇଥିପାଇଁ ଆମ ପାଖରେ ଆଜି ରାତିରେ ଏବ୍ରୀର ଏହି ମହାନ ପୁସ୍ତକଟି ଅଛି । ଏବଂ ଆମେ ଏହାକୁ ଦେଖୁଅଛୁ, ପ୍ରଭୁ, ଏବଂ ଆମେ ଏହାକୁ ପ୍ରେମ କରୁ । ଏବଂ ଯୁଗ ଯୁଗ ଧରି, ଏହା ଜାଳି ପୋଡି ଦିଆଯାଇଛି, ଏହା ଛିନ୍ନଛତ୍ର କରାହୋଇଛି, ଏହାକୁ ନଷ୍ଟ କରିଦେବାକୁ ଚେଷ୍ଟା କରାଯାଇଅଛି, ମାତ୍ର ସେ ତ ଠିକ ସମାନ ଭାବରେ ତରଙ୍ଗ ମାରୁଅଛି । କାରଣ ତୁମ୍ଭେ କହିଅଛ, "ସ୍ୱର୍ଗ ଓ ପୃଥିବୀ ଲୋପ ପାଇଯିବ, ମାତ୍ର ମୋହର ବାକ୍ୟ ଲୋପ ପାଇବ ନାହିଁ ।"

176 ତେବେ ସେହି ସନ୍ଦେହୀମାନେ କୁହନ୍ତି, "ତେବେ, ଆପଣ ତ କହିଥିଲେ, 'ପାଉଲ ଏହା ଲେଖିଛନ୍ତି ।'" ପାଉଲ ନୁହଁନ୍ତି, ମାତ୍ର ପାଉଲଙ୍କଠାରେ ଥିବା ପରମେଶ୍ୱର କହିଛନ୍ତି; ସେହି ସୃଜନଶୀଳ ପ୍ରାଣୀ ଯାହାକି ପାଉଲଙ୍କ ଭିତରେ ଥିଲା ।

177 ଠିକ ଯେପରି ସେ ଦାଉଦଙ୍କ ଭିତରେ ଥିଲେ, ଯେତେବେଳେ ସେ କହିଥିଲେ, "ମୁଁ ମୋର ପବିତ୍ର ଜନକୁ କ୍ଷୟ ଦେଖିବାକୁ ଦେବି ନାହିଁ, କିଅବା ମୁଁ ତାଙ୍କ ପ୍ରାଣକୁ ନରକରେ ପରିତ୍ୟାଗ କରିବି ନାହିଁ ।" ଏବଂ ପରମେଶ୍ୱରଙ୍କ ପୁତ୍ର ସେହି ବାକ୍ୟଗୁଡିକୁ ଭବିଷ୍ୟଦ୍‌ବକ୍ତାଙ୍କଠାରୁ ନେଇ,

ସୀଧାସଲଖ ନରକର କୋଳ ମଧ୍ୟରେ ପ୍ରବେଶ କରିଥିଲେ । ଏବଂ କହିଥିଲେ, "ଏହି ତମ୍ବୁରୂପ ଗୃହକୁ ଭାଙ୍ଗି ଦିଅ, ଏବଂ ମୁଁ ଏହାକୁ ତିନି ଦିନ ମଧ୍ୟରେ ଉତ୍ଥାପିତ କରିବି ।" ଏବଂ ସେ ତାହା କରିଥିଲେ, କାରଣ ପରମେଶ୍ୱରଙ୍କ ବାକ୍ୟ ବିଫଳ ହୋଇପାରେ ନାହିଁ; ଗୋଟିଏ ବିନ୍ଦୁ ସୁଦ୍ଧା ବିଫଳ ହୋଇପାରେ ନାହିଁ । ଏଥିପାଇଁ ଆମେ ପରମେଶ୍ୱରଙ୍କୁ କେତେ ଧନ୍ୟବାଦ ଦେଉଅଛୁ, ଏହି ମହାନ ଉରିମ୍ ଥୁମ୍ମିମ୍ ପାଇଁ, ଏବଂ ଜାଣିବା ନିମନ୍ତେ ଯେ ଆଜି ରାତିରେ ଆମର ଅନୁଭୂତିଗୁଡାକ, ହେ ପ୍ରଭୁ, ଠିକ ଏହି ବାଇବଲରେ ଝଲସି ଉଠୁଅଛି! ଆମେମାନେ ନୂତନ ଜନ୍ମ ପାଇଅଛୁ, ପବିତ୍ରଆତ୍ମା ପାଇଅଛୁ ।

178 ପ୍ରିୟ ପରମେଶ୍ୱର, ଯଦି ଆଜି ରାତିରେ ଏଠାରେ କେହି ଜଣେ ପୁରୁଷ କିମ୍ବା ସ୍ତ୍ରୀ ଅଛନ୍ତି, ପୁଅ କିମ୍ବା ଝିଅ ଅଛନ୍ତି, ଯିଏକି ଏହା କେବେ ଦେଖି ନାହାଁନ୍ତି, ଯେ ସେମାନେ କିପରି ଭାବରେ ଉତ୍ଥାପିତ ହୋଇପାରିବେ ଯଦି ସେଠାରେ କୌଣସି ଜୀବନ ହିଁ ନାହିଁ? ଓଃ, ସେମାନେ କୁହନ୍ତି, "ମୋ ଠାରେ ଜୀବନ ଅଛି ।"

179 ମାତ୍ର ବାଇବଲ କୁହେ, "ଯିଏ ସୁଖ ବିଳାସରେ ଜୀବନ ଅତିବାହିତ କରେ ସେ ଜୀବିତ ଥାଇ ମୃତ ଅଟେ । ତୁମେ କୁହ ଯେ ତୁମ ପାଖରେ ଜୀବନ ଅଛି, ମାତ୍ର ତୁମେ ମୃତ ଅଟ । ତୁମେ ଦାବି କର," ବାଇବଲ କୁହେ, "ଯେ ତୁମଠାରେ ଜୀବନ ଅଛି, ମାତ୍ର ତୁମେ ମୃତ ଅଟ । ତୁମେ କୁହ ଯେ ତୁମେ ଧନୀ ଏବଂ ତୁମର କିଛି ଅଭାବ ନାହିଁ; କିନ୍ତୁ ଜାଣ ନାହିଁ ଯେ ତୁମେ ଦୁଃଖୀ, ଏବଂ ଦରିଦ୍ର, ଏବଂ ଉଲଗ୍ନ, ଏବଂ ଅନ୍ଧ, ଓ ତାହା ଜାଣ ନାହିଁ ।" ଏବଂ ପ୍ରଭୁ, ଆଜି ରାତିରେ ତାହାହିଁ ମଣ୍ଡଳୀର ଅବସ୍ଥା ଅଟେ । ସେମାନେ କିପରି ଏହି ମହାନ, ମୂଲ୍ୟବାନ ବିଷୟଗୁଡିକରୁ ବଞ୍ଚିତ ହୋଇଥାଆନ୍ତି ।

ଏହା ଜାଣିବା ଯେ ସେହି ମହାନ ଯିହୋବା ପରମେଶ୍ୱର, ଯିଏକି କେବଳ ଉତ୍ପାଦନ କରିପାରନ୍ତି…ସେ କହିଥିଲେ, "ମୋ ପାଖକୁ ସେହି ଛୋଟ ମାଛଗୁଡିକୁ ଆଣ ।" ତାହାଙ୍କୁ ସେହି ମାଛରୁ କିଛି ସୃଷ୍ଟି କରିବା ପାଇଁ—ପାଇଁ ସେହି ମାଛଗୁଡିକୁ ନେବାକୁ ପଡିଥିଲା । ତାହା ଏହା ଦର୍ଶାଉ ଥିଲା ଯେ, ପୁନରୁତ୍ଥାନ ହେବା ପାଇଁ କିଛି ଗୋଟାଏ ବିଷୟ ରହିବା ଆବଶ୍ୟକ, କିଛି ଗୋଟାଏ ବିଷୟ ସହିତ କରାଯିବା ଆବଶ୍ୟକ । ସେ କେବଳ ମାଛ ତିଆରି କରି ନ ଥିଲେ, ବରଂ ସେ ରନ୍ଧା ମାଛ ତିଆରି କରିଥିଲେ, ଏବଂ ରୁଟି ରାନ୍ଧିଥିଲେ । ଏବଂ ସେ ସେହି ଛୋଟ ପାଞ୍ଚଟି ମାଛ ନେଇ ସେଥି ସହିତ ପାଞ୍ଚ ହଜାରକୁ ଖୁଆଇଥିଲେ…ଛୋଟ ରୁଟି ଏବଂ ଦୁଇଟି ମାଛରେ । ହେ ପ୍ରଭୁ, ଏହା ତାହାଙ୍କ ହାତରେ ଥିଲା, ଏବଂ ସେ ସୃଷ୍ଟିକର୍ତ୍ତା ଥିଲେ । ମାତ୍ର ତାହାଙ୍କୁ ନିଜ ହାତରେ କିଛି ଗୋଟାଏ ବିଷୟ ରଖିବା ଆବଶ୍ୟକ ଥିଲା ।

ପରମେଶ୍ୱର, ଏହା ହେଉ ଯେ ଆଜି ରାତିରେ ଆମେମାନେ ନିଜକୁ ତାହାଙ୍କ ହସ୍ତରେ ସମର୍ପି ଦେଉ, ଏବଂ କହୁ, "ହେ ପରମେଶ୍ୱର, ମୁଁ ଯେପରି ଅଛି ମୋତେ ସେହିପରି ଗ୍ରହଣ କର । ଏବଂ ଯେତେବେଳେ ମୋ ଜୀବନର ଶେଷ ସମୟ ଏଠାରେ ରହିଥାଏ, ତେବେ ମୋତେ ନିଜ ଭିତରେ ଏହି ଆଶାକୁ ରଖିଥିବା ସହିତ ଯିବାକୁ ଦିଅ, ଏହା ଜାଣି ଯେ ମୁଁ ନୂତନ

ଜନ୍ମ ପାଇଅଛି, ଏବଂ ତୁମର ଆତ୍ମା ମୋ ସହିତ ସାକ୍ଷ୍ୟ ଦେଇଅଛି, ଏବଂ ମୋର ଆତ୍ମା ସହିତ ସାକ୍ଷୀ ରଖିଅଛି, ଯେ ମୁଁ ତୁମର ପୁତ୍ର, କିମ୍ବା ତୁମର କନ୍ୟା ଅଟେ।" ଏବଂ ସେହି ଶେଷ ଦିନରେ, ତୁମେ ସେମାନଙ୍କୁ ଉତ୍ଥାପିତ କରିବ। ପିତା, ଏହା ପ୍ରଦାନ କର।

180 ଏବଂ ଯେତେବେଳେ ଆମେମାନେ ନିଜର ମସ୍ତକଗୁଡିକୁ ନତ କରିଅଛୁ, କଅଣ ସେଠାରେ କେହି ଜଣେ ଅଛନ୍ତି କି ଯିଏକି ନିଜର ହାତ ଉଠାଇବେ, ଓ କହିବେ, "ଭାଇ ବ୍ରାନହାମ୍, ପ୍ରାର୍ଥନାରେ, ମୋତେ ସ୍ମରଣ କରିବ। ମୁଁ ଚାହେଁ ଯେ ପରମେଶ୍ୱର ମୋତେ ଜାଣନ୍ତୁ ଯେତେବେଳେ...'ଏହା ପୂର୍ବେକି ମୁଁ ଏହି ପୃଥିବୀକୁ ଚାଡି ଛାଡିଯାଏ, ଯେ ସେ ମୋତେ ଏତେ ଅଧିକ ଭାବରେ ଜାଣିବେ ଯେ ସେ ମୋର ନାମକୁ ଡାକିବେ। ମୁଁ ଉତ୍ତର ଦେବି।" ପୁତ୍ର ପ୍ରଭୁ ତୁମକୁ ଆଶୀର୍ବାଦ କରନ୍ତୁ। ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଏବଂ ଆପଣଙ୍କୁ; ଏବଂ ଆପଣଙ୍କୁ, ମହିଳା। ଅନ୍ୟ କେହି ଅଛନ୍ତି କି? କେବଳ ନିଜର ହାତ ଉଠାନ୍ତୁ। କୁହନ୍ତୁ, "ଭାଇ ବ୍ରାନହାମ୍, ମୋ ପାଇଁ ପ୍ରାର୍ଥନା କରିବେ।" ତାହାହିଁ ଅଟେ ଯାହାକି ଆମେମାନେ କରିବା। ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଯୁବା ମହିଳା। ତାହା ଉତ୍ତମ ଅଟେ।

181 ତେବେ, ଯେତେବେଳେକି ଆପଣମାନଙ୍କର ମସ୍ତକଗୁଡିକ ନତ ଥାଇ, ପ୍ରାର୍ଥନା କରୁଛନ୍ତି, ମୁଁ ଏହି ଗୀତର ଏକ ପଦଟିକୁ ଗାଇବାକୁ ଯାଉଛି:

ଏହି ଜଗତର ବୃଥା ଧନକୁ ଲୋଭ କର ନାହିଁ,
ଯାହାକି ଅତି ଶୀଘ୍ର କ୍ଷୟ ପାଇଯାଏ,
ଅନନ୍ତ ବିଷୟଗୁଡିକ ଉପରେ ନିଜର ଭରସାକୁ ନିର୍ମାଣ କରନ୍ତୁ,
ସେମାନେ କଦାପି ଲୋପ ପାଇବେ ନାହିଁ!

ପରମେଶ୍ୱରଙ୍କ ଅପରିବର୍ତ୍ତନୀୟ ହସ୍ତକୁ ଧରି ରଖନ୍ତୁ!
ପରମେଶ୍ୱରଙ୍କ ଅପରିବର୍ତ୍ତନୀୟ ହସ୍ତକୁ ଧରି ରଖନ୍ତୁ!
ଅନନ୍ତ ବିଷୟଗୁଡିକ ଉପରେ ନିଜର ଭରସାକୁ ନିର୍ମାଣ କରନ୍ତୁ,
ପରମେଶ୍ୱରଙ୍କ ଅପରିବର୍ତ୍ତନୀୟ ହସ୍ତକୁ ଧରି ରଖନ୍ତୁ!

182 ଯେତେବେଳେ ସେ ବର୍ତ୍ତମାନ ବଜାଉଅଛନ୍ତି, ଏବଂ ଆପଣଙ୍କର ମସ୍ତକ ନତ ଅଛି, କଅଣ ଆପଣ ନିଜର ହାତ ଉଠାଇ, ଏହା କହିବେ କି, "ହଁ, ପ୍ରଭୁ, ଏଠାରେ ମୋର ଅଛି"? ଏହା କଅଣ କରିବ? ଏହା ଆପଣଙ୍କର ପ୍ରାଣକୁ ଦେଖାଇବ, ଯେ ଆପଣ ନିଜ ଭିତରେ, ଏକ ନିଷ୍ପତ୍ତି ନେଇଅଛନ୍ତି। "ହେ ପ୍ରଭୁ, ମୁଁ ତୁମ୍ଭର ହସ୍ତ ଚାହେଁ।" ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଛୋଟ ଝିଅ। "ମୁଁ ମୋର ହାତକୁ ଉଠାଇବି।" ସାନ ଝିଅ, ପରମେଶ୍ୱର ତୁମକୁ ଆଶୀର୍ବାଦ କରନ୍ତୁ। ତାହା ଉତ୍ତମ ଅଟେ, ପ୍ରିୟ। ପରମେଶ୍ୱର, ଆପଣ ଜାଣନ୍ତି, ଆପଣଙ୍କୁ ତାହା କରୁଥିବାର ଦେଖି ଖୁସି ଅଟନ୍ତି। "ସାନ ଶିଶୁମାନଙ୍କୁ ମୋ ପାଖକୁ ଆସିବାକୁ ଦିଅ।"

183 "ମୁଁ ଚାହେଁ, ଯେ ପରମେଶ୍ୱର, ତୁମେ ମୋର ହାତ ଧରି ରଖ। ଏବଂ ସେହି ଦିନ, ମୁଁ ତୁମ ହାତରେ ରହିବାକୁ ଚାହେଁ; ଯେତେବେଳେ ତୁମେ ଡାକିବ, ମୁଁ ଆସିବି।" ହଁ, ଯେପରିକି ଲାଜାର

ଥିଲେ । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଭଉଣୀ ।

ଯେତେବେଳେ ଆମର ଯାତ୍ରା ସମାପ୍ତ ହୁଏ,
ଯଦି ପରମେଶ୍ୱରଙ୍କ ପ୍ରତି ଆପଣ ସତ୍ୟ ରହିଛନ୍ତି,
ତେବେ ମହିମାରେ ଆପଣଙ୍କର ଘର ସୁନ୍ଦର ଏବଂ ଉଜ୍ଜ୍ୱଳ ହେବ,
ଆପଣଙ୍କର ପୁନରୁତ୍ଥିତ ପ୍ରାଣ ଦର୍ଶନ କରିବ ।

ସେତେବେଳେ, ଆପଣ ବର୍ତ୍ତମାନ କଅଣ କରିବ?

ପରମେଶ୍ୱରଙ୍କ ଅପରିବର୍ତ୍ତନୀୟ ହସ୍ତକୁ ଧରି ରଖନ୍ତୁ!
ପରମେଶ୍ୱରଙ୍କ ଅପରିବର୍ତ୍ତନୀୟ ହସ୍ତକୁ ଧରି ରଖନ୍ତୁ!
ଅନନ୍ତ ବିଷୟଗୁଡିକ ଉପରେ ନିଜର ଭରସାକୁ ନିର୍ମାଣ କରନ୍ତୁ,
ପରମେଶ୍ୱରଙ୍କ ଅପରିବର୍ତ୍ତନୀୟ ହସ୍ତକୁ ଧରି ରଖନ୍ତୁ!

184 ସ୍ୱର୍ଗୀୟ ପିତା, ଆଜି ରାତିରେ, ଏହି ଛୋଟ ସଭାରେ, ଅନେକ ହାତଗୁଡିକ ଉପରକୁ ଉଠି ଅଛି, ଯେ ସେମାନେ ଆଜି, ତୁମର ଅପରିବର୍ତ୍ତନୀୟ, ଅନନ୍ତ ହସ୍ତକୁ ଧରିବା ପାଇଁ ଚାହୁଁଛନ୍ତି । ଏହା ଜାଣି ଯେ ଆପଣଙ୍କ ପାଇଁ ଯାହା ପ୍ରତିବଦ୍ଧ କରା ଯାଇଅଛି…ତୁମେ କହିଲ, "ମୁଁ…ପିତା ଯେସମସ୍ତଙ୍କୁ ମୋତେ ଦେଇଛନ୍ତି ସେମାନେ ମୋ ନିକଟକୁ ଆସିବେ, ଏବଂ ସେମାନଙ୍କ ମଧ୍ୟରୁ କେହି ବି ବିନଷ୍ଟ ହେବେ ନାହିଁ । ଏବଂ ମୁଁ ସେମାନଙ୍କୁ ଶେଷ ଦିନରେ ଉତ୍ଥାପିତ କରିବି । କଦାପି ବିନଷ୍ଟ ହୋଇପାରନ୍ତି ନାହିଁ, କେବେ ବି ବିଚାରକୁ ଆସିପାରନ୍ତି ନାହିଁ, ମାତ୍ର ଅନନ୍ତ, ଅନନ୍ତ ଜୀବନ ପାଇଅଛନ୍ତି ।" ଏବଂ ସେଠାରେ କେବଳ ଗୋଟିଏ ହିଁ ଅନନ୍ତ ଜୀବନ ଅଛି । ତାହା କେବଳ ପରମେଶ୍ୱରଙ୍କଠାରୁ ଆସିଥାଏ । ଏହା ପରମେଶ୍ୱର ଅଟନ୍ତି । ଏବଂ ଆମେ ପରମେଶ୍ୱରଙ୍କ ଅଂଶ ବିଶେଷ ହୋଇଥାଉ, ଏତେ ଅଧିକ ଯେ ଆମେ ପରମେଶ୍ୱରଙ୍କ ପୁତ୍ର ଏବଂ କନ୍ୟା ଅଟୁ । ଯେତେବେଳେ ଆମ ଭିତରେ ଆମେମାନେ ପରମେଶ୍ୱରଙ୍କ ଆତ୍ମା ପାଇଥାଉ, ଆମେ ପରମେଶ୍ୱରଙ୍କ ପରି ଭାବିଥାଉ । ଆମେ ଧାର୍ମିକତା ଏବଂ ପବିତ୍ରତା ବିଷୟରେ ଭାବିଥାଉ, ଏବଂ ଆମେ ତାହାଙ୍କୁ ସନ୍ତୁଷ୍ଟ କରିବା ପାଇଁ ଜୀବିତ ରହିବାକୁ ଚେଷ୍ଟା କରିଥାଉ ।

185 ହେ ପ୍ରଭୁ, ଏହା ପ୍ରଦାନ କର, ଯେ ସେହି ପ୍ରକାର ଜୀବନଟି ପ୍ରତ୍ୟେକ ସେହି ବ୍ୟକ୍ତିଙ୍କଠାରେ ପ୍ରବେଶ କରିବ ଯେଉଁମାନେକି ସେମାନଙ୍କର ହାତ ଉଠାଇଥିଲେ । ଏବଂ ସେମାନେ ଯେଉଁମାନେକି ସେମାନଙ୍କର ହାତ ଉଠାଇବା ଉଚିତ୍ ଥିଲା, ଏବଂ ତାହା କରି ନାହାଁନ୍ତି, ମୁଁ ପ୍ରାର୍ଥନା କରୁଛି ଯେ ତୁମେ ସେମାନଙ୍କ ସହିତରେ ରହିବ । ପିତା, ଏହା ପ୍ରଦାନ କର । ଏବଂ ଯେତେବେଳେ ଯାତ୍ରା ସମାପ୍ତ ହୁଏ, ଜୀବନ ସମାପ୍ତ ହୋଇଯାଏ, ଏହା ହେଉ ଯେ ସେହି ଦିନ ଆମେ ତାହାଙ୍କ ସହିତ, ଶାନ୍ତିରେ ପ୍ରବେଶ କରୁ, ଯେଉଁଠାରେକି ଆମେମାନେ କେବେବି ବୃଦ୍ଧ ହେବା ନାହିଁ, କେବେବି ଅସୁସ୍ଥ ହେବା ନାହିଁ, କେବେବି ଅସୁବିଧାର ସମ୍ମୁଖୀନ ହେବା ନାହିଁ । ସେହି ଦିନ ପର୍ଯ୍ୟନ୍ତ, ଆମକୁ ତାହାଙ୍କର ପ୍ରଶଂସା କରି, ଆନନ୍ଦ ଓ ଉଲ୍ଲାସରେ

ରଖ, କାରଣ ଆମେ ଏହାକୁ ତାହାଙ୍କ ନାମରେ ମାଗୁଅଛୁ । ଆମେନ୍ ।

186 ଆପଣ ସମସ୍ତ ବିଶ୍ୱାସୀମାନେ, ବର୍ତ୍ତମାନ, ଆସନ୍ତୁ କେବଳ ନିଜର ହାତଗୁଡିକୁ ଉଠାଇବା ଏବଂ ସେହି କୋରସ୍‌କୁ ଗାଇବା ।

ପରମେଶ୍ୱରଙ୍କ ଅପରିବର୍ତ୍ତନୀୟ ହସ୍ତକୁ ଧରି ରଖନ୍ତୁ!
ପରମେଶ୍ୱରଙ୍କ ଅପରିବର୍ତ୍ତନୀୟ ହସ୍ତକୁ ଧରି ରଖନ୍ତୁ!
ଅନନ୍ତ ବିଷୟଗୁଡିକ ଉପରେ ନିଜର ଭରସାକୁ ନିର୍ମାଣ କରନ୍ତୁ,
ପରମେଶ୍ୱରଙ୍କ ଅପରିବର୍ତ୍ତନୀୟ ହସ୍ତକୁ ଧରି ରଖନ୍ତୁ!

187 ଆସନ୍ତୁ ଏହାକୁ ଗୁଣୁ ଗୁଣୁ କରି ଗାଇବା । ଯେତେବେଳେ ଆପଣ ତାହା କରୁଥାଆନ୍ତି, ଆପଣଙ୍କର ପଡ଼ୋଶୀ, ଆପଣ କୁହନ୍ତୁ, "ପଡ଼ୋଶୀ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।" ଆପଣଙ୍କ ପାଖରେ ବସିଥିବା କାହାରି ଜଣକା ସହିତ ହାତ ମିଶାନ୍ତୁ । "ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।" ବର୍ତ୍ତମାନ ଉଭୟ ପାର୍ଶ୍ୱରେ । ଉଭୟ ପାର୍ଶ୍ୱରେ, ହାତ ମିଶାନ୍ତୁ । "ପଡ଼ୋଶୀ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ପରମେଶ୍ୱର ଆପଣଙ୍କ ସହିତରେ ରୁହନ୍ତୁ ।" "ଅନନ୍ତ ବିଷୟଗୁଡିକ ଉପରେ ନିଜର ଭରସାକୁ ନିର୍ମାଣ କରନ୍ତୁ ।"

ଡକ, ମୁଁ ଜାଣେ ଯେ ତାହା ସେଠାରେ ଅଛି, ଭାଇ । ମୁଁ ଜାଣେ ଯେ ଆପଣ ସେଠାରେ, ବହୁ ପୂର୍ବରୁ ରହି ଆସିଛନ୍ତି, ଭାଇ ନେଭିଲ ।

ଯେତେବେଳେ ଏହି ଯାତ୍ରା ସମାପ୍ତ ହୁଏ,

ଏହି ଦିନମାନଙ୍କ ମଧ୍ୟରୁ ଗୋଟିଏ ଦିନରେ, ତାହା ଘଟିବାକୁ ଯାଉଅଛି ।

ଯଦି ପରମେଶ୍ୱରଙ୍କ ପ୍ରତି ଆପଣ ସତ୍ୟ ରହିଛନ୍ତି

ଆମେମାନେ ଭାଇ ସେୱାର୍ଡ଼ଙ୍କୁ ସେଠାରେ ଦେଖିବା ।

ତେବେ ମହିମାରେ ଆପଣଙ୍କର ଘର ସୁନ୍ଦର ଏବଂ ଉଜ୍ଜ୍ୱଳ ହେବ,
ଆପଣଙ୍କର ପୁନରୁତ୍ଥିତ ପ୍ରାଣ ଦର୍ଶନ କରିବ ।

ପରମେଶ୍ୱରଙ୍କ ଅପରିବର୍ତ୍ତନୀୟ ହସ୍ତକୁ ଧରି ରଖନ୍ତୁ!

ବାର୍ତ୍ତା ପରେ, ମୁଁ ସେହି ଉପାସନାକୁ ପସନ୍ଦ କରେ ।

ପରମେଶ୍ୱରଙ୍କ ଅପରିବର୍ତ୍ତନୀୟ ହସ୍ତକୁ ଧରି ରଖନ୍ତୁ!
ଅନନ୍ତ ବିଷୟଗୁଡିକ ଉପରେ ନିଜର ଭରସାକୁ ନିର୍ମାଣ କରନ୍ତୁ,
ପରମେଶ୍ୱରଙ୍କ ଅପରିବର୍ତ୍ତନୀୟ ହସ୍ତକୁ ଧରି ରଖନ୍ତୁ!

ସମୟ ଦ୍ରୁତ ରୂପାନ୍ତରଣରେ ପରିପୂର୍ଣ୍ଣ ଅଟେ,
ପୃଥିବୀର କୌଣସି ଗତୀୟମାନ ବିଷୟ ସ୍ଥାୟୀ ରହିବ ନାହିଁ,
ଅନନ୍ତ ବିଷୟଗୁଡିକ ଉପରେ ନିଜର ଭରସାକୁ ନିର୍ମାଣ କରନ୍ତୁ,
ଧରି ରଖନ୍ତୁ...

ଆସନ୍ତୁ ତାହାଙ୍କର ଏକ ଦୃଶ୍ୟ ଦେଖିବା, ଯିଏକି ବର୍ତ୍ତମାନ ଗହଣରେ ସେହି ଅଦୃଶ୍ୟ ଜଣକା ଅଟନ୍ତି, ଏବଂ ବର୍ତ୍ତମାନ ତାହାଙ୍କୁ କେବଳ ଉପାସନା କରିବା ଯେତେବେଳେକି ଆମେମାନେ ଗୀତ ଗାଉଥାଉ ।

ପରମେଶ୍ୱରଙ୍କ ଅପରିବର୍ତ୍ତନୀୟ ହସ୍ତକୁ ଧରି ରଖନ୍ତୁ!
ପରମେଶ୍ୱରଙ୍କ ଅପରିବର୍ତ୍ତନୀୟ ହସ୍ତକୁ ଧରି ରଖନ୍ତୁ!
ଅନନ୍ତ ବିଷୟଗୁଡିକ ଉପରେ ନିଜର ଭରସାକୁ ନିର୍ମାଣ କରନ୍ତୁ,
ପରମେଶ୍ୱରଙ୍କ ଅପରିବର୍ତ୍ତନୀୟ ହସ୍ତକୁ ଧରି ରଖନ୍ତୁ!

ଶାନ୍ତି! ଶାନ୍ତି! ଅଦ୍ଭୁତ ଶାନ୍ତି,

ବର୍ତ୍ତମାନ କେବଳ ତାହାଙ୍କୁ ଉପାସନା କରନ୍ତୁ ।

ତଳକୁ ଆସୁଅଛି...

ବାର୍ତ୍ତା ସମାପ୍ତ ହୋଇଅଛି । ଏହା ଉପାସନା ଅଟେ ।

ଆମ ଆତ୍ମା ଉପରେ ସବୁଦିନ ପାଇଁ ଓହ୍ଲାଇ ଆସୁ, ଏହା ମୋର ପ୍ରାର୍ଥନା,
ପ୍ରେମର ଅଗାଧ ତରଙ୍ଗ ମଧ୍ୟରେ ।

କେବଳ ତାହାଙ୍କଠାରେ ନିମଜ୍ଜିତ ହୋଇଯାଆନ୍ତୁ ।

ଶାନ୍ତି! ଶାନ୍ତି! ଅଦ୍ଭୁତ ଶାନ୍ତି,
ସେଠାରୁ ତଳକୁ ଆସୁଅଛି...

ସେହି ମହାନ ନିର୍ଝର, ଏହା ଉନ୍ମୁକ୍ତ ହେଉଅଛି ।

...ଉର୍ଦ୍ଧ୍ୱରେ;
ଆମ ଆତ୍ମା ଉପରେ ସବୁଦିନ ପାଇଁ ଓହ୍ଲାଇ ଆସୁ, ଏହା ମୋର ପ୍ରାର୍ଥନା,
ପ୍ରେମର ଅଗାଧ ତରଙ୍ଗ ମଧ୍ୟରେ ।

କଅଣ ତାହା କିଛି କରେ ନାହିଁ କି?

...ଅଦ୍ଭୁତ ଶାନ୍ତି,
ଉର୍ଦ୍ଧ୍ୱରୁ ଆମ ପିତାଙ୍କଠାରୁ ତଳକୁ ଆସୁଅଛି;
ଆମ ଆତ୍ମା ଉପରେ ସବୁଦିନ ପାଇଁ ଓହ୍ଲାଇ ଆସୁ, ଏହା ମୋର ପ୍ରାର୍ଥନା,
ପ୍ରେମର ଅଗାଧ ତରଙ୍ଗ ମଧ୍ୟରେ ।

କଅଣ ଏହା ବିଷୟରେ କିଛି ଗୋଟାଏ ନାହିଁ କି, କେବଳ ସମୃଦ୍ଧ ଓ ସୁମଧୁର?

188 ଆଶ୍ଚର୍ଯ୍ୟ କରେ ଯଦି ସେଠାରେ କୌଣସି ଅସୁସ୍ଥ ବ୍ୟକ୍ତି ଅଭିଷିକ୍ତ ହେବା ପାଇଁ ଏବଂ ପ୍ରାର୍ଥନା କରାଇବା ପାଇଁ ଚାହାଁନ୍ତି କି? ଯଦି ସେଠାରେ ଅଛନ୍ତି, ତେବେ କେବଳ ନିଜର ସ୍ଥାନକୁ ଖୋଜି ନିଅନ୍ତୁ । ସେଠାରେ ସେହି ଚକଲଗା ଚୌକିରେ ଥିବା ସେହି ମହିଳା ଜଣକ? ତାଙ୍କୁ କେବଳ ସେଠାରେ ରହିବାକୁ ଦିଅନ୍ତୁ । ମୁଁ ଆସି, ତାଙ୍କ ପାଇଁ ପ୍ରାର୍ଥନା କରିବି । ତାଙ୍କୁ ଚୌକିରୁ ଉଠିବାର ଦରକାର ନାହିଁ । ଅନ୍ୟ କେହି ଅଛନ୍ତି କି?

ଓଃ, କଅଣ ଆପଣ କେବଳ ସେବାର ଏହି ଅଂଶକୁ ଭଲ ପାଆନ୍ତି ନାହିଁ କି? କେତେ ଲୋକ ଅନୁଭବ କରନ୍ତି, କେବଳ ଜାଣନ୍ତି ଯେ ପରମେଶ୍ୱରଙ୍କ ଉପସ୍ଥିତି ଏଠାରେ ଅଛି? ତାହାହିଁ ଅଟେ ଯାହା ବିଷୟରେ ମୁଁ କଥା କହୁଅଛି । ସେହି ସମାନ...ଆପଣ କେବଳ ସେପରି ଅନୁଭବ କରନ୍ତି...କେତେଜଣ ଅନୁଭବ କରନ୍ତି ଯେ ଆପଣ କେବଳ ଚିତ୍କାର କରିପାରିବେ? ଆସନ୍ତୁ ବର୍ତ୍ତମାନ କେବଳ ଦେଖିବା । କେବଳ ଏପରି ଅନୁଭବ ହୁଏ ଯେ ଆପଣଙ୍କ ଭିତରେ ଥିବା କିଛି ଗୋଟାଏ ଚିତ୍କାର କରିବାକୁ ଚାହୁଁଅଛି । ବୁଝିଲେ?

ଶାନ୍ତି! ଶାନ୍ତି! ଅଦ୍ଭୁତ ଶାନ୍ତି,
ଉର୍ଦ୍ଧ୍ୱରୁ ଆମ ପିତାଙ୍କଠାରୁ ତଳକୁ ଆସୁଅଛି;
ଆମ ଆତ୍ମା ଉପରେ ସବୁଦିନ ପାଇଁ ଓହ୍ଲାଇ ଆସୁ, ଏହା ମୋର ପ୍ରାର୍ଥନା,
ପ୍ରେମର ଅଗାଧ ତରଙ୍ଗ ମଧ୍ୟରେ ।
ମୋ ଉପରେ ଦୀପ୍ତିମୟ ହେଉ,

189 ଯେତେବେଳେକି ଆମେମାନେ ଉପାସନାରେ ଅଛୁ, ଆମେ ବର୍ତ୍ତମାନ ରୋଗୀମାନଙ୍କୁ ଅଭିଷେକ କରିବାକୁ ଯାଉଅଛୁ, ଏବଂ ସେମାନଙ୍କ ପାଇଁ ପ୍ରାର୍ଥନା କରିବାକୁ ଯାଉଅଛୁ । ମହିଳା, କଅଣ ଆପଣ ଠିକ୍ ଏହି ପଥରୁ ଆସିବେ ନାହିଁ କି?

190 ଏହାର ଅର୍ଥ କଅଣ? "ବିଶ୍ୱାସର ପ୍ରାର୍ଥନା ରୋଗୀଙ୍କୁ ଉଦ୍ଧାର କରିବ ।" ବର୍ତ୍ତମାନ ସମସ୍ତେ ପ୍ରାର୍ଥନାରେ ରୁହନ୍ତୁ, କେବଳ ସେହି ଗୀତକୁ ଗୁଣୁ ଗୁଣୁ କରି ଗାଉଥାଆନ୍ତୁ । ଯୀଶୁ ରୋଗୀମାନଙ୍କୁ ସୁସ୍ଥ କରିବା ବିଷୟରେ ଭାବନ୍ତୁ ।

ତାଙ୍କୁ ତେଲରେ ଅଭିଷେକ କରନ୍ତୁ...?...

57-୦୫21ଏବ୍ରୀ, ଅଧ୍ୟାୟ ଏକ

ବ୍ରାନ୍‌ହାମ୍ ଟାବର୍ନେକଲ

ଜେଫର୍ସନ୍‌ଭିଲେ, ଇଣ୍ଡିୟାନା ୟୁ.ଏସ୍.ଏ.

ORIYA

©2024 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE

19 (NEW NO: 28) SHENOY ROAD, NUNGAMBAKKAM

CHENNAI 600 034, INDIA

044 28274560 • 044 28251791

india@vgroffice.org

VOICE OF GOD RECORDINGS

P.O. BOX 950, JEFFERSONVILLE, INDIANA 47131 U.S.A.

www.branham.org

## ପ୍ରତିଲିପ୍ୟାଧିକାର ସୂଚନା

ସମସ୍ତ ଅଧିକାର ସୁରକ୍ଷିତ ଅଟେ। ଏହି ପୁସ୍ତକଟି ବ୍ୟକ୍ତିଗତ ବ୍ୟବହାର ନିମନ୍ତେ ଗୃହ ପ୍ରିଣ୍ଟରରେ ଛପା ଯାଇପାରେ କିମ୍ବା ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାରର ପ୍ରଚାର ନିମନ୍ତେ ଏକ ଉପକରଣ ଭାବରେ, ମାଗଣାରେ, ଦିଆ ଯାଇପାରେ। ଏହି ପୁସ୍ତକଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ® ର ପ୍ରକାଶ୍ୟ ଲିଖିତ ଅନୁମତି ବିନା ବିକ୍ରୀ କରା ଯାଇ ନ ପାରେ, ବଡ ମାତ୍ରାରେ ପୁନରୁତ୍ପାଦିତ କରା ଯାଇ ନ ପାରେ, ଏକ ୱେବସାଇଟରେ ପୋଷ୍ଟ କରା ଯାଇ ନ ପାରେ, କୌଣସି ଗନ୍ଥାଘରରେ ଗଚ୍ଛିତ କରା ଯାଇ ନ ପାରେ, ଅନ୍ୟ ଭାଷାରେ ଅନୁବାଦ୍ କରା ଯାଇ ନ ପାରେ, କିଅବା ଧନ ସଂଗ୍ରହ ନିମନ୍ତେ ବ୍ୟବହାର କରା ଯାଇ ନ ପାରେ।

ଅଧିକ ସୂଚନା ନିମନ୍ତେ କିମ୍ବା ଅନ୍ୟାନ୍ୟ ଉପଲବ୍ଧ ସମାଗ୍ରୀ ନିମନ୍ତେ, ଦୟାକରି ଯୋଗାଯୋଗ କରନ୍ତୁ:

VOICE OF GOD RECORDINGS, INDIA OFFICE

19 (NEW NO: 28) SHENOY ROAD, NUNGAMBAKKAM

CHENNAI 600 034, INDIA

044 28274560 • 044 28251791

india@vgroffice.org

VOICE OF GOD RECORDINGS

P.O. BOX 950, JEFFERSONVILLE, INDIANA 47131 U.S.A.

www.branham.org